

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୩ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 MAY 2021
Vol.No. 32 ■ No. 112 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କେରଳରେ ଭାଙ୍ଗିବ କି ୪୦ ବର୍ଷର ପରମ୍ପରା ?

### ଲଗାତାର ଦ୍ୱିତୀୟ ଥର ପାଇଁ ସରକାର ଗଢିପାରନ୍ତି ପିନରାଇ ବିଜୟନ



କେରଳ,୦୨/୦୫: କେରଳ ରାଜନୈତିକ ଇତିହାସରେ ସୃଷ୍ଟି ହୋଇପାରେ ନୂଆ ଅଧ୍ୟାୟ । ଲଗାତାର ଦ୍ୱିତୀୟ ଥର ପାଇଁ ସରକାର ଗଢିପାରେ ଏଲଡିଏଫ । କାରଣ ବର୍ତ୍ତମାନ ଚାଲିଥିବା ଭୋଟ ଗଣତିର ସଂଖ୍ୟା ଯାହା କହୁଛି ସେଥିରୁ ସ୍ପଷ୍ଟ ଜଣାପଡୁଛି ଲଗାତାର ଦ୍ୱିତୀୟ ଥର ପାଇଁ ସରକାର ଗଢିପାରନ୍ତି ପିନରାଇ ବିଜୟନ ।

▶▶ପୃଷ୍ଠା ୭

# ମେ'୫ରୁ ୧୯ ଲକ୍‌ଡାଉନ୍

## ସକାଳ ୬ରୁ ୧୨ଟା ଯାଏଁ ଅଧ କିଲୋମିଟର ଭିତରେ ଚାଲିଚାଲି ଯାଇ କିଣି ପାରିବେ ସଉଦା



ଭୁବନେଶ୍ୱର,୦୨/୦୫(ନି.ପ୍ର): ଗୋଟିଏ ପଟେ ୫ ରାଜ୍ୟରେ ନିର୍ବାଚନ ଫଳାଫଳକୁ ନେଇ ଚର୍ଚ୍ଚା ଚାଲିଥିଲା, ଆଉ ଗୋଟିଏ ପଟେ, କରୋନାକୁ ନିୟନ୍ତ୍ରଣ କରିବା ପାଇଁ ଓଡିଶା ସରକାର ପଦକ୍ଷେପ ଘୋଷଣା କରିଥିଲେ । ସଂକ୍ରମଣ ବଢୁଥିବାରୁ ଚେନ ଭାଙ୍ଗିବା ପାଇଁ ପୁଣି ଥରେ ୧୪ ଦିନିଆ ଲକଡାଉନ ଘୋଷଣା କରିଛନ୍ତି ରାଜ୍ୟ ସରକାର । ମେ ୫ ତାରିଖ ସକାଳୁ ମେ ୧୯ ତାରିଖ ସକାଳ ପର୍ଯ୍ୟନ୍ତ ଲାଗୁ ହେବ ଲକଡାଉନ କଟକଣା । ତେବେ ଗତବର୍ଷ ଭଳି ପରିସ୍ଥିତି ଯେଭଳି ନ ଉପୁଜେ ସେଥିପାଇଁ ଲୋକଙ୍କୁ ଦୁଇଦିନ ସମୟ ଦିଆଯାଇଛି । ରାଜ୍ୟକୁ ଫେରିଲା ଲକଡାଉନ୍ । ୫ମେ' ରୁ ୧୯ ମେ' ତାଲାବନ୍ଦ । କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ଆଶଙ୍କା ଓ ଭୟ ଭିତରେ ପୁଣି ଥରେ ଫେରିଲା ଲକଡାଉନ୍ । ସଂକ୍ରମଣ ଚେନ୍ ଭାଙ୍ଗିବାକୁ ମେ ୫ତାରିଖରୁ ପୁଣି ଥରେ ସାରା ରାଜ୍ୟରେ ଲାଗୁ ହେବ ଏହି କଡା କଟକଣା । ମେ ୧୯ ପର୍ଯ୍ୟନ୍ତ ଅର୍ଥାତ ୧୪ ଦିନ ବଳବତ୍ତର ରହିବ ଲକଡାଉନ କଟକଣା ।ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରିଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର । ଗତବର୍ଷ ଅଚାନକ ଲକଡାଉନ ଲାଗୁ ହେବା ପରେ ଦେଶରେ ଏକ ପ୍ରକାର ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା । ଚଳିତ ବର୍ଷ ଯେମିତି ସେଭଳି ପରିସ୍ଥିତି ସୃଷ୍ଟି ନହୁଏ, ସେସବୁକୁ ଦୃଷ୍ଟିରେ ରଖି, ଲୋକଙ୍କୁ ଦୁଇ ଦିନ ସମୟ ଦେଇଛନ୍ତି ରାଜ୍ୟ ସରକାର । ଏଥିପାଇଁ ସୋମବାର ଓ ମଙ୍ଗଳବାର ଲୋକଙ୍କୁ ଦୁଇ ଦିନ ସମୟ ଦିଆଯାଇଛି । ଏହି ସମୟରେ ଲୋକମାନେ ସେମାନଙ୍କର ଅତ୍ୟନ୍ତ ଜରୁରୀ କାର୍ଯ୍ୟକୁ ଶେଷ କରିବାକୁ କୁହାଯାଇଛି । ଲୋକଙ୍କ ଆବଶ୍ୟକତାକୁ

▶▶ପୃଷ୍ଠା ୭

# ପଶ୍ଚିମବଙ୍ଗରେ ଚାଲିଲା ମମତାଙ୍କ ଯାଦୁ

## ବହୁମତ ଠାରୁ ବହୁ ଆଗରେ ଟିଏମସି



ପଶ୍ଚିମବଙ୍ଗ,୦୨/୦୫ : ଗୋଟିଏ ପଟେ ଥିଲେ ମୋଦି ଓ ଅମିତ ଶାହା ଏବଂ ଅନ୍ୟପଟେ ଥିଲେ ମମତା ବାନାର୍ଜୀ । ଲଢେଇଥିଲା ପଶ୍ଚିମବଙ୍ଗ ପାଇଁ । ଗତଥର ମାତ୍ର ୩ଟି ଆସନରେ ବିଜୟୀ ହୋଇଥିବା ବିଜେପି ଏଥର ପୁରା ଦମରେ ପୁରା ପଶ୍ଚିମବଙ୍ଗ ଜିତିବା ପାଇଁ ଅଂଟା ଭିଡିଥିଲା । ନନ୍ଦିଗ୍ରାମ ହାରିଯାଇଥିଲେ ମଧ୍ୟ ତୃତୀୟ ଥର ଲାଗି ବାଜି ମାରିଛନ୍ତି ମମତା । ୨୦୧୧ରେ ବାମସାମ୍ରାଜ୍ୟକୁ ଧୂଳିସାତ କରି ପଶ୍ଚିମବଙ୍ଗର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇଥିବା ମମତା ବାନାର୍ଜୀ ହ୍ୟାଟ୍ରିକ୍ ମାରିଛନ୍ତି । ପୁଣି ଦିଦି ମାରିଲେ ବାଜି । ମୋଦି, ଅମିତ ଶାହାଙ୍କ ପରି ବଡ ବଡ ହସ୍ତୀ ଓ ରଣନୀତିକାରଙ୍କୁ ପଶ୍ଚିମବଙ୍ଗରେ ମାତ ଦେଇଛନ୍ତି ମମତା ।

▶▶ପୃଷ୍ଠା ୭

# ନାଇଟ୍ରୋଜେନ୍ ପ୍ଲାଂଟଗୁଡ଼ିକୁ ଅକ୍ସିଜେନ୍ ପ୍ଲାଂଟରେ ପରିବର୍ତ୍ତିତ କରିବା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୨/୦୫ (ନି.ପ୍ର): କୋଭିଡ-୧୯ ମହାମାରୀ ପରିସ୍ଥିତି କାରଣରୁ ମେଡ଼ିକାଲ ଅକ୍ସିଜେନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତ ସରକାର ବର୍ତମାନର ନାଇଟ୍ରୋଜେନ ପ୍ଲାଂଟଗୁଡ଼ିକୁ ଅକ୍ସିଜେନ ଉତ୍ପାଦନ ପ୍ଲାଂଟରେ ପରିବର୍ତ୍ତିତ କରିବାର ବ୍ୟବହାର୍ଯ୍ୟତା ଉପରେ ବିଚାର କରିଛନ୍ତି। ଏପରି ବିଭିନ୍ନ ସମ୍ଭାବ୍ୟ ଉଦ୍ୟୋଗଗୁଡ଼ିକୁ ଚିହ୍ନଟ କରାଯାଇଛି ଯେଉଁଥିରେ ବର୍ତ୍ତମାନର ନାଇଟ୍ରୋଜେନ ପ୍ଲାଂଟଗୁଡ଼ିକୁ ଅକ୍ସିଜେନ ଉତ୍ପାଦନ ନିମନ୍ତେ ପରିବର୍ତ୍ତିତ କରାଯାଇପାରିବ। ବର୍ତମାନର ପ୍ରେସ ସ୍ୱିଙ୍ଗ ଆଡସର୍ପସନ (ପିଏସଏ) ନାଇଟ୍ରୋଜେନ ପ୍ଲାଂଟଗୁଡ଼ିକୁ ଅକ୍ସିଜେନ ଉତ୍ପାଦନ ନିମନ୍ତେ ପରିବର୍ତ୍ତିତ କରିବାର ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଛି। ନାଇଟ୍ରୋଜେନ ପ୍ଲାଂଟରେ କାର୍ବନ ମଲିକୁଲାର ସିଭ (ସିଏମଏସ)ର ଉପଯୋଗ କରାଯାଇଥାଏ। ଅନ୍ୟପଟେ ଅକ୍ସିଜେନ ଉତ୍ପାଦନ ଲାଗି ଜିୟୋଲାଇଟ ମଲିକୁଲାର ସିଭ (ଜେଡଏମଏସ)ର ଆବଶ୍ୟକତା ହୋଇଥାଏ। ସେଥିପାଇଁ ସିଏମଏସକୁ ଜେଡ୍‌ଏମଏସ ସହିତ ବଦଳାଇ ଏବଂ ଆହୁରି କେତେକ ପରିବର୍ତ୍ତନ

▶▶ପୃଷ୍ଠା ୭

# ସାମ୍ବାଦିକଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୨/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବାଦିକଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ବୋଲି ଘୋଷଣା କରିଛନ୍ତି । କରୋନାରେ କୌଣସି ସାମ୍ବାଦିକଙ୍କ ମୃତ୍ୟୁ ହେଲେ ୧୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ମିଳିବ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା କାରଣରୁ ରାଜ୍ୟର ୬୯୪୪ଜଣ କାର୍ଯ୍ୟରତ ସାମ୍ବାଦିକ ଉପକୃତ ହେବେ । ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରି କହିଛନ୍ତି ଯେ, ସାମ୍ବାଦିକମାନେ କରୋନା ନେଇ ଲୋକଙ୍କୁ ସଚେତନ କରାଉଛନ୍ତି। କରୋନା ଲଢ଼େଇରେ ସାମ୍ବାଦିକମାନେ ବଡ଼ ସହଯୋଗ କରୁଛନ୍ତି। ସେହିଭଳି ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଚିକିତ୍ସା ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି ନବୀନ ପଟ୍ଟନାୟକ ।

## ଆସାମରେ ଚାଲିଲାନି କଂଗ୍ରେସର ଯାଦୁ

# ପୁଣି ସତ୍ତାକୁ ଫେରିପାରେ ବିଜେପି



ଆସାମ,୦୨/୦୫: କରୋନା କାଳରେ ଆସାମରେ ଚାଲିଛି ଭୋଟ ଗଣତି । ଆସାମରେ କଂଗ୍ରେସ ଓ ବିଜେପି ମଧ୍ୟରେ ଜୋରଦାର ଲଢେଇ ପରେ ଶେଷରେ ବଡ ବ୍ୟବଧାନରେ ଆଗେଇ ଚାଲିଛି ବିଜେପି । ଆକଳନ କରାଯାଉଛି ବିଜେପି ପୁଣି ଏଠାରେ ସରକାର ଗଢିପାରେ । କାରଣ ଆସାମରେ ୧୨୬ ଆସନରୁ ୭୭ ସିଟ ପାଇ ବିଜେପି ଆଗୁଆ ରହିଥିବା ବେଳେ କଂଗ୍ରେସ ୩୬ ସିଟ ପାଇଛି । ତେବେ ଦେଖିବାକୁ ଗଲେ ଏଠାରେ ବିଜେପି ବିଜୟ ପଥରେ ଆଗେଇ ଚାଲିଛି ।ତେବେ ଦୀର୍ଘ ବର୍ଷ ହେବ ଆସାମରେ ଶାସନ କରୁଥିବା କଂଗ୍ରେସ ହାତରୁ କ୍ଷମତା ଛଡାଇ ଆଣିଥିଲା ବିଜେପି । ଯଦି ଏଥର ପୁଣି କ୍ଷମତାକୁ ବିଜେପି ଫେରେ, ତେବେ ଏହା ବିଜେପି ପାଇଁ ଆସାମରେ ଏକ ବଡ ସଫଳତା ହେବ । ଲଗାତାର ଦ୍ୱିତୀୟ ଥର ପାଇଁ ଆସାମରେ ସରକାର ଗଢିପାରେ ବିଜେପି । ହେଲେ ଫଳାଫଳ କଣ ହେବ ବର୍ତ୍ତମାନ ତା ଉପରେ ସମସ୍ତଙ୍କ ନଜର ରହିଛି ।

# ଆଜିଠୁ ଭୁବନେଶ୍ୱରରେ ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କ ଟିକାକରଣ

ଭୁବନେଶ୍ୱର,୦୨/୦୫(ନି.ପ୍ର): ଆସନ୍ତାକାଲି (ସୋମବାର) ଠାରୁ ୧୮ରୁ ୪୪ ବର୍ଷ ବୟସ୍କଙ୍କ ପାଇଁ ଭୁବନେଶ୍ୱରେ ଆରମ୍ଭ ହେବ ଟିକାକରଣ। ଭାରତ ବାୟୋଟେକ୍‌ରୁ ଦେଢ଼ ଲକ୍ଷ ଡୋଜ୍ କୋଭାକ୍ସିନ୍ ଟିକା ପାଇବା ପରେ ଟିକାକରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତକାଲିଠୁ ସ୍ଲଟ୍ ଆବଂଟନ ଆରମ୍ଭ ହୋଇଛି। ଯେଉଁମାନେ କୋୱିନ୍, ଆରୋଗ୍ୟ ସେତୁ କିମ୍ବା ଉମଙ୍ଗ ଆପ୍ ଜରିଆରେ ପଞ୍ଜୀକରଣ କରିଥିବେ ସେମାନଙ୍କୁ ସ୍ଲଟ୍ ମିଳିବ। ସେହି ଅନୁସାରେ ସୋମବାରଠାରୁ ଟିକା ଦିଆଯିବ। ଏହାପୂର୍ବରୁ ରବିବାର ଦିନ ବିଏମସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ ବିଭିନ୍ନ ଟିକାଦାନ କେନ୍ଦ୍ର ଯାଇ ଟିକାକରଣର ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି। ଗତକାଲି ନୟାପଲ୍ଲୀ ଆଇଆରସି ଭିଲେଜ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକାର ଡ୍ରାଏରନ କରାଯାଇଥିଲା। ଭୁବନେଶ୍ୱରରେ ୧୮ରୁ ୪୪ ବର୍ଷର ପ୍ରାୟ ୫ ଲକ୍ଷ ନାଗରିକଙ୍କୁ ଟିକା ଦେବା ପାଇଁ ଟାର୍ଗେଟ୍ ରହିଛି। ଜୁନ୍ ମାସ ଶେଷ ସପ୍ତାହ କିମ୍ବା ଜୁଲାଇ ଭିତରେ ଏହି ବର୍ଗର ସମସ୍ତ ନାଗରିକଙ୍କୁ ଦ୍ୱିତୀୟ ଡୋଜ୍ ଦେବା ପାଇଁ ଯୋଜନା ରହିଛି। ସକାଳ ୮ଟାରୁ ଦିନ ଗୋଟାଏ ଯାଏ ୧୮ରୁ ୪୪ ବର୍ଗର ବ୍ୟକ୍ତିଙ୍କୁ ଟିକା ଦିଆଯିବ। ସେହିପରି ୪୫ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଅପରାହ୍ନ ୩ଟାରୁ ସଂଧ୍ୟା ୬ଟା ଯାଏ ଟିକାକରଣ ହେବ ବୋଲି ଜଣାପଡ଼ିଛି। ତେବେ ଭୁବନେଶ୍ୱର ମହାନଗର ନିଗମକୁ ଛାଡି ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ କେବେଠାରୁ ଯୁବବର୍ଗଙ୍କ ଲାଗି ଟିକାକରଣ ଆରମ୍ଭ ହେବ, ସେନେଇ ଅନିଶ୍ଚିତତା ଲାଗି ରହିଛି।

# ନନ୍ଦିଗ୍ରାମ ଆସନରୁ ଜିତିଲେ ଶୁଭେନ୍ଦୁ ଅଧିକାରୀ, ହାରିଲେ ମମତା ବାନାର୍ଜୀ



ପଶ୍ଚିମବଙ୍ଗ,୦୨/୦୫ : ପଶ୍ଚିମବଙ୍ଗ ନିର୍ବାଚନ ଭୋଟ୍ ଗଣତିରେ ବଡ ଖବର । ନନ୍ଦିଗ୍ରାମରେ ମମତା ବାନାର୍ଜୀଙ୍କୁ ପରାସ୍ତ କଲେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ । ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ ଆସନରେ ବିଜୟୀ ହୋଇଛନ୍ତି । ନନ୍ଦିଗ୍ରାମ ଫଳାଫଳକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା ଏବଂ ଶେଷ ମୁହୂର୍ତ୍ତରେ ଶୁଭେନ୍ଦୁ ଅଧିକାରୀ ମମତାଙ୍କୁ ମାତ୍ ଦେଇ ନନ୍ଦିଗ୍ରାମରେ ବିଜୟ ହାସଲ କରିଛନ୍ତି । ପ୍ରଥମେ ନନ୍ଦିଗ୍ରାମ ଆସନରେ ମମତା ବିଜୟୀ ହେବାର ଖବର ଆସିଥିଲା । ହେଲେ ଶେଷ ମୁହୂର୍ତ୍ତରେ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ ଆସନକୁ ବାଜି ମାରିଛନ୍ତି । ଶୁଭେନ୍ଦୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମମତା ବାନାର୍ଜୀଙ୍କୁ

▶▶ପୃଷ୍ଠା ୭

# ଲକଡାଉନରେ ବନ୍ଦ ହେବନି ଟିକାକରଣ ଓ ଟେଷ୍ଟିଂ

## ଯୋଗ୍ୟ ବ୍ୟକ୍ତି ହିଁ ଯାଇପାରିବେ ଟିକା କେନ୍ଦ୍ରକୁ

ଭୁବନେଶ୍ୱର,୦୨/୦୫(ନି.ପ୍ର): ଆସନ୍ତା ମେ' ୫ରୁ ୧୯ ଯାଏଁ ସାରା ରାଜ୍ୟରେ ଲାଗୁ ହେବ ଲକଡାଉନ । ଏହି ସମୟରେ ଅତ୍ୟାବଶ୍ୟକ ସେବା କଟକଣାମୁକ୍ତ ରହିଥିବା ବେଳେ ଦୋକାନ ବଜାର ଖୋଲିବା ଉପରେ କିଛି ମାତ୍ରାରେ କଟକଣା ଲଗାଯାଇଛି । ତେବେ ଏହି ଲକଡାଉନ ସମୟରେ ପୂର୍ବଭଳି ଟିକାକରଣ ଜାରି ରହିବ ବୋଲି କୁହାଯାଉଛି । ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଟିକାକରଣ ସ୍ଥାନରେ ଟିକା ନେଇପାରିବେ ଲୋକେ । କେବଳ ଟିକା ନେବାକୁ ଥିବା ଯୋଗ୍ୟ ବ୍ୟକ୍ତି ହିଁ ଟିକାକରଣ କେନ୍ଦ୍ରକୁ ଯାଇପାରିବେ । ନିଜର ଗାଡି, ଟ୍ୟାକ୍ସି ଓ ଅଟୋ ରିକ୍ସାରେ ଟିକଦାନ କେନ୍ଦ୍ରକୁ ଯାଇପାରିବେ । ତେବେ ବାଟରେ ଯେମିତି କୌଣସି ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ

▶▶ପୃଷ୍ଠା ୭

## କିଏ ହାତେଇବ ଦକ୍ଷିଣ ଭାରତର ସବୁଠାରୁ ବଡ ରାଜ୍ୟର ସତ୍ତା ?

# ବଦଳିଯିବ କି ତାମିଲନାଡୁ ସରକାର ?



ତାମିଲନାଡୁ,୦୨/୦୫ : ଚାଲିଛି ତାମିଲନାଡୁ ବିଧାନସଭା ଭୋଟ ଗଣତି । ଦକ୍ଷିଣ ଭାରତର ସବୁଠାରୁ ବଡ ରାଜ୍ୟର ସତା କାହା ହାତକୁ ଯିବ ତା ଉପରେ ରହିଛି ସମସ୍ତଙ୍କ ନଜର । ଏଠାରେ ମୁଖ୍ୟ ଲଢେଇ ଡିଏମକେ ଓ ଏଆଇଏଡିଏମକେ ମଧ୍ୟରେ ଚାଲିଛି । ଏପର୍ଯ୍ୟନ୍ତ ଡିଏମକେ ୪୪ଟି ସିଟରେ ଆଗୁଆ ରହିଥିବା ବେଳେ ଏଆଇଡିଏମକେ ୨୦ଟି ସିଟ ପାଇଛି । ତାମିଲନାଡୁରେ ମୋଟ ଆସନ ସଂଖ୍ୟା ୨୩୪ ରହିଛି । ବର୍ତ୍ତମାନ ତାମିଲନାଡୁରେ ଏଆଇଏଡିଏମକେର ସରକାର ରହିଛି । ଏଠାରେ ମୁଖ୍ୟମନ୍ତ୍ରୀ ରହିଛନ୍ତି କେ ପାଲାନିସ୍ୱାମୀ । ହେଲେ ଏଥର ନିର୍ବାଚନରେ ଡିଏମକେର ମୁଖ୍ୟ ଏମକେ ଷ୍ଟାଲିନଙ୍କ ଯାଦୁ ଦେଖିବାକୁ ମିଳିପାରେ । କାରଣ ଏଯାଏଁ ତାମିଲନାଡୁରେ ଡିଏମକେ ୪୪ ଆସନ ପାଇ ଆଗୁଆ ରହିଛି । ସେପଟେ ଏଆଇଏଡିଏମକେ ୨୦ ଆସନ ପାଇ ପଛୁଆ ରହିଛି । ତେବେ ସିଭୋଟର ସର୍ଭେରେ ତାମିଲନାଡୁରେ ଡିଏମକେର ବଡ ବିଜୟ ହେବ ବୋଲି ଆକଳନ କରାଯାଇଥିଲା । ଡିଏମକେ ୧୬୦ରୁ ୧୭୦ ସିଟ ପାଇପାରେ ବୋଲି କୁହାଯାଇଥିଲା ।

# ଗୋଟିଏ ଦିନରେ ୮୦୧୫ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୬୨୬୨୨

ଭୁବନେଶ୍ୱର,୦୨/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୦୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୬୨୬୨୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୯୧୦୪୮ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୬୯୪୫୩ ରହିଛି । ଆଜି ଚିହ୍ନଟ ହୋଇଥିବା ୮୦୧୫ ଜଣଙ୍କ ମଧ୍ୟରୁ ୪୫୬୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୪୪୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୨୭୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୦୦ ଜଣ, ବରଗଡ଼ରୁ ୩୯୦ ଜଣ, ଭଦ୍ରକରୁ ୧୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ

▶▶ପୃଷ୍ଠା ୭

# ଶ୍ରୀଅଲାରନାଥ ମନ୍ଦିର ୧୫ ଯାଏ ବନ୍ଦ: ପରିବାର ପ୍ରତିପୋଷଣ ନେଇ ଚିନ୍ତାରେ ସେବାୟତ



ବ୍ରହ୍ମଗିରି ,୨/୫ (ନି.ପ୍ର): ପୁରୀ ଜିଲ୍ଲାରେ କରୋନା ସଂକ୍ରମଣ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଆସନ୍ତା ମେ ମାସ ୧୫ ତାରିଖ ଯାଏ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ରହ୍ମଗିରି ତହସିଲଦାରଙ୍କ ପକ୍ଷରୁ ଶ୍ରୀଅଲାରନାଥ ପୀଠ ଓ ମା’ ବାଲିହରଚଣ୍ଡୀଙ୍କ ପୀଠ ସହିତ ଅନ୍ୟ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ପାଇଁ ନୋଟିସ୍ କରାଯାଇଥିବା ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡ଼ାଇ କହିଛନ୍ତି । ଅନ୍ୟପଟେ ଶ୍ରୀଅଲାରନାଥ ଓ ମା’ବାଲିହରଚଣ୍ଡୀଙ୍କ ନୀତିକାନ୍ତି ନିର୍ଦ୍ଦିଷ୍ଟ ସେବାୟତଙ୍କ ଦ୍ୱାରା ସମ୍ପାଦିତ ହେବ । କେବଳ ପାଳିଆ ସେବାୟତ ହିଁ ଶ୍ରୀଜିଉ ଓ ମା’ଙ୍କର ସେବା ପୂଜା କରି ପାରିବେ ବୋଲି ଶ୍ରୀ ଘଡ଼ାଇ ସୂଚନା ଦେଇଛନ୍ତି । ଶ୍ରୀଅଲାରନାଥ ମନ୍ଦିରରେ ତହସିଲଦାର, ଅତିରିକ୍ତ ତହସିଲଦାର ସେବାୟତ ନିଯୋଗଙ୍କ ଉପସ୍ଥିତିରେ ମନ୍ଦିରର ସିଂହଦ୍ୱାରକୁ ତାଲା ପକାଇଛନ୍ତି । ଗୁପ୍ତ ଦ୍ୱାର ଦେଇ ସେବାୟତ ମନ୍ଦିରକୁ ପ୍ରବେଶ କରି ସମସ୍ତ ନୀତିକାନ୍ତି କରି ପାରିବେ ବୋଲି ପ୍ରଶାସନ କହିଛି । ସେହିଭଳି ପ୍ରସିଦ୍ଧ ସିରୁଳୀ ମହାବୀର ମନ୍ଦିରକୁ ମଧ ଶ୍ରଦ୍ଧାଳୁଙ୍କ ପାଇଁ ବାରଣ କରାଯାଇଛି ।

ମନ୍ଦିରରେ ତାଲା ପଡ଼ିବା ପରେ ସେବାୟତମାନଙ୍କ ଚିନ୍ତା ବଢ଼ିଯାଇଛି । ଏହାକୁ ନେଇ ସେବାୟତମାନଙ୍କ ମଧରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏ ସମ୍ପର୍କରେ ସେବାୟତ ନିଯୋଗ ସଦସ୍ୟ ଜଗମୋହନ ସୁଆର କହିଛନ୍ତି ଶ୍ରୀଜିଉଙ୍କ ସେବାପୂଜା କରି ନିଜର ପରିବାର ପ୍ରତିପୋଷଣ କରୁଥିବା ପରିବାର କିଭଳି ଚଳିବ ତାହା ଏବେ ଚିନ୍ତାର ବିଷୟ ହୋଇଛି । କରୋନାର ପ୍ରଥମ ଲହରୀରେ ମନ୍ଦିର ବନ୍ଦ ହୋଇଥିଲା । ପ୍ରଶାସନ ସେବାୟତଙ୍କ ପରିବାର କିଭଳି ଚଳିବ ସେ ବ୍ୟବସ୍ଥା କରି ନ ଥିଲା । ଏବେ ପ୍ରଶାସନ ସହଯୋଗ ନ କଲେ ସେବାୟତ ପରିବାର ଅତ୍ୟନ୍ତ ଦୁର୍ଦ୍ଦିନକୁ ଚାଲିଯିବେ ବୋଲି ସେ କହିଛନ୍ତି । ସେହିପରି ବରିଷ୍ଠ ସେବାୟତ ଓ ଅଲାରନାଥ ଉନ୍ନୟନ ପରିଷଦ ସଭାପତି ନୀଳମଣି ସୁଆର କହିଛନ୍ତି ଯେ ଶ୍ରୀଜିଉଙ୍କ ମନ୍ଦିର ବନ୍ଦ ପରେ ପ୍ରଶାସନ ସେମାନଙ୍କ ପାଇଁ ଆର୍ଥିକ ବ୍ୟବସ୍ଥା କରିବା ଦରକାର । ଅନ୍ୟତମ ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି ଶ୍ରୀଜିଉଙ୍କ ସମସ୍ତ ନୀତିକାନ୍ତି ଧାର୍ଯ୍ୟ ସମୟରେ ଏବଂ ସୁଚାରୁ ରୂପେ ସେବାୟତ ପରିଚାଳନା କରୁଛନ୍ତି । କୋଭିଡ୍ ପ୍ରଥମ ଲହରୀରେ କରିଥିଲେ । ଏବେ ମଧ କରିବେ । କିନ୍ତୁ ସେମାନଙ୍କର ଅନ୍ୟ କୌଣସି ରୋଜଗାରର ବାଟ ନାହିଁ । ତେଣୁ ପ୍ରଶାସନ ସେବାୟତଙ୍କ ପରିବାରକୁ ଆର୍ଥିକ ସହାୟତା ନ ଦେଲେ ସେମାନେ ବଞ୍ଚିବା କଷ୍ଟକର ହେବ ।

# ଟାଙ୍ଗୀର ୨୬ଟି ପଞ୍ଚାୟତରେ ପାନୀୟ ଜଳ ସଂକଟ: ଲୋକେ ପିଉଛନ୍ତି ପୋଖରୀ ପାଣି



ଟାଙ୍ଗୀ ,୨/୫ (ନି.ପ୍ର): ଚାନ୍ଦପୁର ପଞ୍ଚାୟତର ମଙ୍ଗଳା ସାହିରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳକଷ୍ଟ ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ପିଇବା ପାଣି ମିଳୁନଥିବାରୁ ଲୋକେ ବାଧହୋଇ ପୋଖରୀ ପାଣି ପିଉଛନ୍ତି । ଅଭିଯୋଗ ଅନୁଯାୟୀ, ମଙ୍ଗଳା ସାହିର ନଳକୂପର ପାଣି ବ୍ୟବହାର ଉପଯୋଗୀ ନୁହେଁ । ନଳକୂପରୁ ଗୋଳିଆ ତଥା ଦୂଷିତ ପାଣି ବାହାରୁ ଥିବାରୁ ଲୋକେ ପୋଖରୀ ପାଣି ବ୍ୟବହାର କରୁଛନ୍ତି । ବାଧହୋଇ ପୋଖରୀର ନୀଳ ରଂଗର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି । ଏହି ନେଳିଆ ପୋଖରୀରେ ଚାନ୍ଦପୁର ମାଛ ମାର୍କେଟର ଦୂଷିତ ପାଣି ପ୍ରବେଶ କରୁଛି । ଏହି ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଥିବାରୁ ବିଭିନ୍ନ ରୋଗ ହେବା ଆଶଙ୍କା ପ୍ରକାଶ ପାଇଛି । ଏହି ବସ୍ତିକୁ ପ୍ରତିଦିନ ଗୋଟିଏ ଟ୍ୟାଙ୍କର ପାଣି ଯୋଗାଇ ଦେବାକୁ ଦାବି କରାଯାଉଥିବା ବେଳେ ଏହା କିନ୍ତୁ ସମ୍ଭବ ହୋଇପାରୁନାହିଁ । ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ କହିବା ଅନୁସାରେ ଚାନ୍ଦପୁର ପଞ୍ଚାୟତର ୧୮ ଟି ସାହିକୁ ମାତ୍ର ୩ ଟି ଟ୍ୟାଙ୍କର ପାଣି ଆସୁଛି । ବଣ୍ଟାବଣ୍ଟି କରି ପାଣି ଯୋଗାଇ ଦିଆଯାଉଛି । ଏକମାତ୍ର ନଳକୂପକୁ ସାମୟିକ ଭାବେ ମରାମତି କରାଯାଇଛି । ତେବେ ଏହି ସାହିକୁ ପାଇପ ପାଣି ଯୋଗାଇ ଦେବା ସ୍ୱାଭାବିକ ହୋଇନାହିଁ । ଯଥାଶୀଘ୍ର ପାଇପ ପାଣି ବ୍ୟବସ୍ଥା ପାଇଁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିବା ସେ କହିଛନ୍ତି । କରୋନା ସମୟରେ ଜଳକଷ୍ଟ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଥିବା ଜଣାପଡ଼ିଛି ।

# ୪ଟି ସ୍ଥାନରେ କଣ୍ଟେନ୍‌ମେଣ୍ଟ୍ ଜୋନ୍

ଜଟଣୀ,୨/୫ (ନି.ପ୍ର): ମହାମାରୀ କରୋନାର ଦ୍ୱିତୀୟ ଲହରର ଭୟାବହତାକୁ ଦୃଷ୍ଟିରେ ରଖି ସଂକ୍ରମଣକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଉପ ଜିଲ୍ଲାପାଳ ଦେବବ୍ରତ ସାହୁ ଜଟଣୀ ପୌରପରିଷଦ କାର୍ଯ୍ୟାଳୟରେ ପରିଚାଳନା ବୈଠକ କରିଛନ୍ତି । ଏଥି ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରତିଦିନ ୫୦ କରି ମୋଟ ୧୦୦ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ୍ କରିବାକୁ କୁହାଯାଇଛି । ଖୁଦୁପୁର-ପାତ୍ରପଡା ଅଞ୍ଚଳରେ ଥିବା ୩୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ପ୍ରସ୍ତୁତ ରହିଛି । ଏଥିରେ ୪୦ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । କରୋନାର ପ୍ରଥମ ପର୍ଯ୍ୟାୟରେ ଯେଉଁଭଳି ସରପଞ୍ଚମାନେ ଜିଲାପାଳ ଦାୟିତ୍ୱ ଗ୍ରହଣ କରି ଗ୍ରାମାଞ୍ଚଳରେ ଜନସାଧାରଣମାନଙ୍କୁ କରୋନା ସଂକ୍ରମଣରୁ ନିବୃତ ରହିବା ଲାଗି ପ୍ରୟାସ କରିଥିଲେ, ସେହିଭଳି ଭାବେ ପୁଣି ସେମାନଙ୍କୁ ଗୁରୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି କହିଛନ୍ତି । ଜଟଣୀର ରେଳପଥ ଗୋଲେଇ ବଜାରରେ ଯେଉଁଭଳି ଜନଗହଳି ଦେଖାଯାଉଛି ସେଥିପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

# କରୋନା ଆକ୍ରାନ୍ତ ଛୁଇଁଦେଲା ବୋଲି ନଳକୂପକୁ ଯାଉ ନାହାନ୍ତି ଲୋକେ



ସିନାପାଲି, ୨/୫ (ନି.ପ୍ର): ମହାମାରୀ କରୋନା ମାଡ଼ରେ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ଲୋକେ ଜୀବନ ଜୀବିକା ହରାଇବା ସହିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କରୋନା ଏକ ମାରାତ୍ମକ ରୋଗ ହୋଇଥିବା ବେଳେ ଲୋକେ ରୋଗକୁ ଘୃଣା କରିବା ପରିବର୍ତ୍ତେ ରୋଗୀ ଓ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କୁ ମଧ ଘୃଣା କରିବା ଆରମ୍ଭ କଲେଣି । ଆକ୍ରାନ୍ତ ବ୍ୟକ୍ତିଙ୍କ ଉପସ୍ଥିତି ସ୍ଥାନ ତଥା ସ୍ପର୍ଶରେ ଆସିଥିବା ଜିନିଷପତ୍ରକୁ ମଧ ଘୃଣା କରୁଛନ୍ତି । ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସିନାପାଲି ବ୍ଲକ ଘଣ୍ଟିଗୁଡ଼ା ପଞ୍ଚାୟତ ନଦୀଗାଁ ଗ୍ରାମରେ । ଜଣେ କରୋନା ଆକ୍ରାନ୍ତ ବ୍ୟକ୍ତି ଏକ ନଳକୂପକୁ ଛୁଇଁ ଦେଇଥିବାରୁ ଲୋକେ ସେହି ନଳକୂପକୁ ବ୍ୟବହାର କରୁ ନଥିବା ଅଭିଯୋଗ ହୋଇଛି । ବର୍ତମାନ ଗ୍ରୀଷ୍ମ ଦିନରେ ଲୋକେ ପାଣି ପାଇଁ ତହଲବିକଳ ହେଉଛନ୍ତି । ହେଲେ ଏଠାରେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସିନା କିନ୍ତୁ ସେହି ନଳକୂପକୁ ବ୍ୟବହାର କରୁନାହାନ୍ତି । ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି ।

# ଆଦିବାସୀଙ୍କୁ ମିଳୁନି ଜାତି ପ୍ରମାଣପତ୍ର: ସାମାଜିକ ସୁରକ୍ଷାରୁ ବଞ୍ଚିତ ଦେଶିଆ କନ୍ଧ

## ଚାଳ କୁଡ଼ିଆରେ ବିତୁଛି ଜୀବନ, ବିକାଶ ବାଟବଣା



ନୂଆଗାଁ ,୨/୫ (ନି.ପ୍ର): ନୂଆଗାଁ ବ୍ଲକରେ ଏମିତି କିଛି ଗ୍ରାମ ଅଛି ଯେଉଁ ଗ୍ରାମଗୁଡିକରେ ବସବାସ କରୁଥିବା ଆଦିବାସୀ ସମୁଦାୟର ଲୋକମାନେ ଆଜିର ଦିନରେ ସରକାରଙ୍କ ଯୋଜନା ସେମାନଙ୍କ ପାଇଁ ସାତସପନ ପାଲଟିଥିବା ଦେଖିବାକୁ ମିଳୁଛି । ଯାହାର କାରଣ ସେମାନେ ଆଦିବାସୀ ହୋଇଥିଲେ ମଧ ଜାତିଗତ ପ୍ରମାଣପତ୍ର ଅଭାବରୁ ସମସ୍ତ ଯୋଜନା ସେମାନଙ୍କ ପାଇଁ ଏକପ୍ରକାରର ବାଟବଣା ହୋଇଥିବା ପରିଲକ୍ଷିତ ହୋଇଛି । ସେ ଘର କରିବା ପାଇଁ ଆବାସ ଯୋଜନା ହେଉ କିମ୍ବା ପିଲାଙ୍କ ପାଠପଢା ଏବଂ ଚାକିରି ପାଇଁ ହେଉ ଜାତିଗତ ପ୍ରମାଣପତ୍ର ମିଳିପାରୁନଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ, ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ନିକଟରେ ଥିବା ନୂଆଗାଁ ସଦର ମହକୁମାର ମୁଦୁରାଙ୍ଗ ଗ୍ରାମର ଗ୍ରାମବାସୀମାନେ ନିଜର କୋହଭରା କଣ୍ଠରେ ସେମାନଙ୍କର ଦୁଃଖଭରା କାହାଣୀ ପରିପ୍ରକାଶ କରିଛନ୍ତି । ବର୍ଷ ବର୍ଷଧରି ସରକାରୀ ଜାଗାରେ ନିଜର ଜୀବନ ବଞ୍ଚାଇବାକୁ ଚାଳ କୁଡିଆରେ ବସବାସ କରି ଆସୁଥିଲେ ସୁଦ୍ଧା ସରକାରଙ୍କ ବସୁନ୍ଧରା ଯୋଜନା ସେମାନଙ୍କ ପାଖରେ ପହଞ୍ଚି ପାରୁନି । ଯାହା ଫଳରେ ଆବାସ ଯୋଜନାରେ ଘର ତିଆରି କରିବା ପାଇଁ ଏସଇସିସି ଲିଷ୍ଟରେ ନାମ ଆସୁଥିଲେ ସୁଦ୍ଧା ଜାଗାବାଡି ନଥିବାରୁ ଘର ମିଳିପାରୁ ନାହିଁ । ଏମିତିକି ପିଲାମାନଙ୍କ ପାଠପଢା ପାଇଁ ଯେକୌଣସି ପ୍ରମାଣପତ୍ର ମିଳିବା ବି ବହୁତ କଷ୍ଟକର ହୋଇପଡିଛି । ତେବେ ଏହି ସବୁ ଯୋଜନା କାହା ପାଇଁ, କାହା ସ୍ୱାର୍ଥ ଯୋଗୁ ଏମାନେ ସାମାଜିକ ସୁରକ୍ଷାରୁ ଆଜି ପର୍ଯ୍ୟନ୍ତ ବାଦ୍ ପଡିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେମାନଙ୍କ କହିବା ମୁତାବକ, ୨୦୦୮ ମସିହା ପର୍ଯ୍ୟନ୍ତ ‘ଦେଶୁଆ କନ୍ଧ’ ଜାତିଗତ ପ୍ରମାଣପତ୍ର ମାଧମରେ ସେମାନେ ସମସ୍ତ ସରକାରୀ ସୁବିଧା ପାଉଥିଲେ କିନ୍ତୁ ୨୦୦୯ ମସିହାଠାରୁ ବିଭାଗୀୟ ଅଧିକାରୀଙ୍କ କୌଣସି ଲିଖିତ ତ୍ରୁଟି ଯୋଗୁ ତାହା ‘ଦେଶିଆ କନ୍ଧ’କୁ ରୂପାନ୍ତରିତ ହେବା ସେମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଏହି ସମସ୍ୟା କେବଳ ମୁଦୁରାଙ୍ଗ ଗ୍ରାମର ସମସ୍ୟା ନୁହେଁ ନୂଆଗାଁ ବ୍ଲକର ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀଙ୍କ କରୁଣ ଚିତ୍ର ପାଲଟିଛି । ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜିଲ୍ଲାସ୍ତରରେ ରାଲି, ବିକ୍ଷୋଭ ଏବଂ ଧର୍ମଘଟ ଭଳି ଆଇନଗତ ପଦକ୍ଷେପ ନିଜ ହାତକୁ ନେଇ ଅନେକ ଥର ବିଫଳ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ସେମାନଙ୍କ ନ୍ୟାର୍ଯ୍ୟ ଦାବି ସରକାରଙ୍କ ଦୃଷ୍ଟି ଆଢୁଆଳରେ ସତେ ଯେମିତି ଲୁଚି ଯାଇଛି । ଆଦିବାସୀ ପିଲାଙ୍କ ପାଠପଢା ପାଇଁ ସରକାରଙ୍କ ତରଫରୁ ଆର୍ଥିକ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଥିବା ବେଳେ ଏହି ଦେଶିଆ କନ୍ଧ ସମୁଦାୟର ଛାତ୍ରଛାତ୍ରୀମାନେ ଏହି ମୌଳିକ ସୁବିଧା ପାଇନପାରି ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ଅଭିଭାବକମାନେ କୋହଭରା କଣ୍ଠରେ କହିଛନ୍ତି । ତେବେ ଦେଖିବାକୁ ବାକି ରହିଲା ଏହି ଦେଶିଆ କନ୍ଧମାନଙ୍କୁ ଉଚିତ ନ୍ୟାୟ ମିଳିବା ସଙ୍ଗେ ସଙ୍ଗେ ବର୍ଷବର୍ଷ ଧରି ଲାଗିରହିଥିବା ଜାତିଗତ ପ୍ରମାଣପତ୍ର କେବେ ମିଳୁଛି ।

# ମିଳୁନି ବାର୍ଦ୍ଧକ୍ୟ ଭତ୍ତା: ବଢୁଛି ଅସନ୍ତୋଷ

ରଣପୁର,୨/୫ (ନି.ପ୍ର): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଚଳିତ ମାସ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହିତାଧିକାରୀ ବୃଦ୍ଧବୃଦ୍ଧାଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ତେବେ ପ୍ରତିମାସର ୧୫ ତାରିଖରେ ଭତ୍ତା ବଣ୍ଟନର ନିୟମ ରହିଥିବା ବେଳେ ଆଜି ସୁଦ୍ଧା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇନଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ଆଣିଛନ୍ତି, ମଣିନାଗ ତଳସାହିର ଅଭିମନ୍ୟୁ ଦାସ । ଅଭିମନ୍ୟୁଙ୍କ ମା’ କନକ ଦେଈ ଭତ୍ତା ପାଇଁ ବାରମ୍ବାର ଏନ୍‌ଏସି ଅଫିସକୁ ଦୌଡ଼ିଥିଲେ ହେଁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ।

ଅପରପକ୍ଷେ, ଏଭଳି ସମସ୍ୟା ସମସ୍ତ ହିତାଧିକାରୀଙ୍କ ମଧରେ ଘଟିଥିବା ବେଳେ ହାତକୁ ପଇସା ଦିଆନଯାଇ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ ବୋଲି ଏନ୍‌ଏସି କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି । ସେହିପରି ଅନୁରୂପ ଭାବେ ସମଗ୍ର ବ୍ଲକ୍‌ରେ ଏଭଳି ସମସ୍ୟା ଉତ୍ପନ୍ନ ହୋଇଥିବା ବେଳେ ହିତାଧିକାରୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି ।

# ବଢୁଛି ଧଳାଜହର ଓ ଗଞ୍ଜେଇ ବେପାର: ଅବକାରୀ ବିଭାଗ ନିରବ



ନିରାକାରପୁର,୨/୫ (ନି.ପ୍ର): ନିରାକାରପୁର ସମେତ ଜିଲ୍ଲାରେ କରୋନା ସଂକ୍ରମଣର ବଢ଼ିଚାଲିଛି । ଏହାକୁ ରୋକିବା ପାଇଁ ଉଭୟ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସରକାରୀ କର୍ମଚାରୀମାନେ ଦିନରାତି କରୋନା ମୁକାବିଲାରେ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଉଛନ୍ତି ଧଳା ଜହର, ଗଞ୍ଜେଇ ଚୋରା ବେପାରୀମାନେ । ଅବକାରୀ ବିଭାଗର ଅପାରଗତା ଯୋଗୁ ଏହି ବେପାର ନିରାକାରପୁର ସମେତ ଗୋଳବାଇ, ଛଣଗିରି ଅଞ୍ଚଳରେ ଖୋଲାଖୋଲି ଚାଲିଛି । ବିଭାଗୀୟ କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ଏହି ବେପାର ଚାଲିଥିବା ଅଭିଯୋଗ ହେଉଛି । ଏହି ଅଞ୍ଚଳର କେତେକ ଛକ ବଜାରରେ ଧଳା ଜହର ସହଜରେ ମିଳୁଥିବାରୁ ଏହାକୁ ଖାଇ ଯୁବଗୋଷ୍ଠୀ ଏବେ ପଥଭ୍ରଷ୍ଟ । ଅନେକ ପରିବାର ଏହାକୁ ନେଇ ଚିନ୍ତାରେ ଅଛନ୍ତି । ନିଶା ପାଇଁ ଯୁବକମାନେ ସାଇକଲ୍, ମଟରସାଇକଲ୍ ଚୋରିଠାରୁ ଆରମ୍ଭ କରି ଛିନ୍‌ତାଇ ଓ ସିନ୍ଧିଚୋରି ଭଳି ବଡ଼ ଚୋରି କରୁଥିବା ଜଣାପଡୁଛି । ଛଣଗିରି, ଟାଙ୍ଗି ଓ ବିରକେଶରୀପୁର ଅଞ୍ଚଳରୁ ଧଳାଜହର ଆସି ଏଠାରେ ବିକ୍ରି ହେଉଥିବା ଜଣାପଡ଼ିଛି । ତେଜରାତି ଓ ପାନ ଦୋକାନଠାରୁ ଆରମ୍ଭ କରି ଥଣ୍ତା ଓ ଲସି ଦୋକାନରେ ଚୋରା ନକଲି ବିଦେଶୀ ମଦ ଓ ଗଞ୍ଜେଇ ମଧ ବିକ୍ରି ହେଉଛି । ଚୋରାମଦ କାରବାର ରୋକିବା ପାଇଁ ସ୍ୱତନ୍ତ୍ର ଅବକାରୀ ଥାନା ପ୍ରତିଷ୍ଠିତ ହୋଇଛି । ମୋବାଇଲ୍ ଟିମ୍ ମଧ ଗଠନ ହୋଇଛି । ଏହା ସତ୍ତ୍ୱେ ଟାଙ୍ଗି ବ୍ଲକ୍ ଅଞ୍ଚଳରେ ଏହି ଚୋରା ବେପାର ବଢିଚାଲିଛି । ଏହି ଚୋରା କାରବାରକୁ ରୋକିବାକୁ ଯେତିକି ପରିମାଣରେ ସ୍ଥାନୀୟ ପୁଲିସ ଥାନା ଗୁଡିକ ଅଣ୍ଟା ଭିଡୁଛନ୍ତି, ସେହିପରିମାଣରେ ଅବକାରୀ ବିଭାଗ ତତ୍ପର ନଥିବା ଅଭିଯୋଗ ହେଉଛି ।

# ଭିତ୍ତିପ୍ରସ୍ତର ସ୍ଥାପନର ୭ ବର୍ଷ ପରେ ବି ସରୁନି ଶୁଳିଆ ପୋଲ କାମ: ୮ଟି ଗ୍ରାମର ୧୦ ହଜାର ଲୋକ ହନ୍ତସନ୍ତ



ନୟାଗଡ଼ ,୨/୫ (ନି.ପ୍ର): ବର୍ଷେ ନୁହେଁ କି ଦୁଇବର୍ଷ, ଇତିମଧରେ ୭ ବର୍ଷ ଅତିକ୍ରମ କରିଯାଇଥିବା ବେଳେ ଉଦୟପୁର-ପଲ୍ଲୀଶାସନ ଶୁଳିଆ ପୋଲ କାମ ଶେଷ ହୋଇପାରିନାହିଁ । ଜିଲ୍ଲା ସଦର ମହକୁମାଠାରୁ ମାତ୍ର କେଇ କିଲୋମିଟର ଦୂରରେ ଥିବା ଏହି ଅଞ୍ଚଳରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳୁନାହିଁ । ଯେଉଁଥି ପାଇଁ ନୟାଗଡ଼ ବ୍ଲକ୍ ଅନ୍ତର୍ଗତ ନଡ଼ିଆଳି ଗ୍ରାମପଞ୍ଚାୟତର ପଲ୍ଲୀଶାସନ, ଉଦୟପୁର, ନଡ଼ିଆଳି, ପଦ୍ମାଦେଇପୁର, ଗବନଳ ଭଳି ୮ଟି ଗ୍ରାମର ପ୍ରାୟ ୧୦ ହଜାର ଲୋକ ହନ୍ତସନ୍ତ ହେଉଛନ୍ତି । ବର୍ଷା ଦିନ ଆସିଲେ ପୂର୍ବରୁ ଶୁଳିଆ ନଦୀ ଏହି ସବୁ ଗ୍ରାମବାସୀଙ୍କ ପାଇଁ ଦୁଃଖ ପାଲଟୁଥିଲା । ବର୍ତ୍ତମାନ ଅଧପନ୍ତରିଆ ବ୍ରିଜ୍, ଖୋଳା ହୋଇପଡ଼ିଥିବା ରାସ୍ତା ଏମାନଙ୍କ ପାଇଁ ଦୁଃଖ ପାଲଟିଛି । ପରିତାପର ବିଷୟ ହେଲା, ଦୁଇ ବର୍ଷ ହେବ କାମ ଠପ୍ ହୋଇଯାଇଛି । କାମ ପୁଣି କେବେ ଆରମ୍ଭ ହେବ, ସେଥିନେଇ ଗ୍ରାମବାସୀଙ୍କ ଭରସା ପାଉନାହିଁ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ କରାଯାଉଛି । ବିଭାଗର କୋହଳ ମନୋଭାବ ପାଇଁ ଠିକାଦାର ଅଧାରୁ କାମ ଛାଡ଼ି ଚାଲିଯାଇଛି । ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ । ମିଳିଥିବା ସୂଚନା ଅନୁଯାୟୀ, ୨୦୧୪ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସଂପୃକ୍ତ ବର୍ଷ ଫେବ୍ରୁଆରି ୨୨ ତାରିଖରେ ଉକ୍ତ ବ୍ରିଜ୍ ନେଇ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଇତି ମଧରେ ୭ ବର୍ଷ ଅତିକ୍ରମ କରିଥିବା ବେଳେ, ପୋଲ ନିର୍ମାଣ ଶେଷ ହୋଇପାରିନାହିଁ । ଏଥି ନିମନ୍ତେ ପାଖାପାଖି ୧ କୋଟି ୩୬ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା । ୨୯ ଜୁଲାଇ, ୨୦୧୭ ସୁଦ୍ଧା କାମ ଶେଷ ପାଇଁ ବିଭାଗ ଟାର୍ଗେଟ୍ ରଖିଥିଲା । ଟାର୍ଗେଟ୍ ବର୍ଷ ଶେଷର ପାଖାପାଖି ୪ ବର୍ଷ ଅତିକ୍ରମ କରିଥିବା ବେଳେ, ଫଳ ଶୂନ୍ୟ । ୨୦୧୪ ନିର୍ବାଚନ ପରେ ୨୦୧୯ରେ ବି ଆଉ ଗୋଟିଏ ସାଧାରଣ ନିର୍ବାଚନ ଅତିକ୍ରମ କରିବ ?ାର ଦୁଇ ବର୍ଷ ବିତିସାରିଛି, ତଥାପି ପୋଲ କାମ ଶେଷ ହୋଇପାରିନାହିଁ । ସ୍ଥାନୀୟ ଅଞ୍ଚଳବାସୀଙ୍କ ବର୍ଷ ବର୍ଷର ଦାବି ପରେ ବ୍ରିଜ୍ ପ୍ରକ୍ରିୟା ଆରମ୍ଭ ହେଲା, ବର୍ତ୍ତମାନର ମନ୍ତ୍ରୀ ତଥା ସେତେବେଳର ବିଧାୟକ ଡ. ଅରୁଣ କୁମାର ସାହୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କିନ୍ତୁ ବର୍ଷ ବର୍ଷ ଧରି ମନ୍ଥର ଗତିରେ କାମ ଚାଲିବା, ସ୍ଥାନୀୟ ବାସିନ୍ଦାଙ୍କୁ ଉପହାସ ସଦୃଶ ହୋଇଛି । ବ୍ରିଜ୍ କାମ ସାରିବା ନେଇ ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଗଣମାଧମରେ ଖବର ପ୍ରସାରଣ ପରେ ୨୦୧୯ରେ ଆପ୍ରୋଚ୍ ରୋଡ୍ ତିଆରି ହୋଇଥିଲା । କିନ୍ତୁ ଏହା ପରେ ପୁଣି କାମ ବନ୍ଦ ହୋଇପଡ଼ିଛି । ସଂପୂର୍ଣ୍ଣ ଭାବେ ଏହା ବ୍ୟବହାର ଉପଯୋଗୀ ହୋଇପାରିନାହିଁ । ବ୍ରିଜ୍‌କୁ ସଂଯୋଗ କରୁଥିବା ରାସ୍ତା ମଧ ପକ୍କା ଅବା ପିଚୁ ହୋଇପାରିନାହିଁ । ତେଣୁ ଆଉ କିଛି ମାସ ପରେ ବର୍ଷା ଋତୁ ଆସୁଥିବାରୁ ଗ୍ରାମବାସୀ ପୁଣି ହିନସ୍ତା ହେବା ଥୟ । ବିଭାଗର ଖାମଖିଆଲି ମନୋବୃତ୍ତି ପାଇଁ ପଲ୍ଲୀଶାସନର ଭିକ୍ଷାକାରୀ ଷଡ଼ଙ୍ଗୀ, ସୁଶାନ୍ତ ଶେଖର ରଥ, କୈଳାସ ଚନ୍ଦ୍ର ରଥ, କୃଷ୍ଣଚନ୍ଦ୍ର ମିଶ୍ର, ଜଗମୋହନ ରଥ, ରବୀନ୍ଦ୍ର ଷଡ଼ଙ୍ଗୀ, ହରିହର ସାଥୁଆ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ବାବଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଜେଇ ରବି ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି କାମ ପ୍ରଥମେ ଟେଣ୍ଡର ଜରିଆରେ ପିପିଲି ଅଞ୍ଚଳର ଠିକାଦାର ସଂଜୟ କୁମାର ମିଶ୍ର ପାଇଥିଲେ । ସେ ନିର୍ଦ୍ଧାରିତ ସମୟ ସୁଦ୍ଧା କାମ କରିନପାରିବାରୁ ତାଙ୍କୁ ହଟାଇ ଦିଆଯାଇଛି । ନୂତନ ଟେଣ୍ଡର କରାଯାଇଛି, ଅନ୍ୟ ଜଣେ ନୂଆ ଠିକାଦାର କାମ ପାଇଛନ୍ତି, ଆମେ ୨୦ ଦିନ ମଧରେ ବାକିଥିବା କାମ ଶେଷ କରିବୁ । ତେବେ ଜେଇ ଶ୍ରୀ ସ୍ୱାଇଁଙ୍କ କଥାରେ କେତେ ବାସ୍ତବତା ରହିଛି, ତାହା ଦେଖିବାକୁ ବାକି ରହିଲା ।

## ୬ ମାଙ୍କଡ଼ ଶିକାରୀ ଗିରଫ

ବୌଦ୍ଧ ,୨/୫ (ନି.ପ୍ର): ଶୁକ୍ରବାର ବନ ବିଭାଗ ଏକ ଶିକାରୀ ଦଳକୁ ଗିରଫ କରିଛି । ସେମାନଙ୍କଠାରୁ ମାଙ୍କଡ଼ଙ୍କ କଟା ଅଙ୍ଗ ପ୍ରତ୍ୟଙ୍ଗ ଜବତ କରାଯାଇଛି । ବିଭାଗୀୟ ସୂଚନା ଅନୁସାରେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗର ଏକ ଟିମ୍ ବୌଦ୍ଧ ରେଞ୍ଜ ଅଧୀନ ବଘିଆପଡ଼ା ଜାମଖୋଲ ସଂରକ୍ଷିତ ଜଙ୍ଗଲର କଡାମୁଣ୍ଡା ନିକଟରେ ଶିକାରୀଙ୍କ ଏକ ଅସ୍ଥାୟୀ ଶିବିର ଉପରେ ଚଢ଼ଉ କରିଥିଲା । ସମ୍ବଲପୁର ଜିଲ୍ଲା ଜମନକିରା ଥାନା କଦଳିପାଲି ଗ୍ରାମର ଏହି ଶିକାରୀ ଦଳ ଜଙ୍ଗଲରୁ ଶିଆଳ ପଟ ସଂଗ୍ରହ କରିବା ବାହାନାରେ ମାଙ୍କଡ଼ ଶିକାର କରୁଥିଲେ ।

## ଧୂଆଁରେ ଲୋକେ ଅଣନିଶ୍ୱାସୀ

ବ୍ରହ୍ମଗିରି ,୨/୫ (ନି.ପ୍ର): କରୋନା ସମୟରେ ଲୋକେ ଘରୁ ବାହାରିବା ମାନେ ମୁହଁରେ ମାସ୍କ ଲଗାଇ ଆସୁଛନ୍ତି । ଏହାରି ଭିତରେ ଏବେ ଧାନ କ୍ଷେତରେ ଅନେକ ସ୍ଥାନରେ ଫସଲ ଅମଳ ପରେ ନିଆଁ ଲଗାଇ ଦିଆଯାଉଛି । ମେସିନରେ ଧାନ ଅମଳ ହେବା ପରେ ଅଧାରୁ ନଡ଼ା କ୍ଷେତରେ ରହୁଛି । ଏହି ସବୁ ନଡ଼ାକୁ ନଷ୍ଟ କରିବା ପାଇଁ ନିଆଁ ଲଗାଇ ଦିଆଯାଉଛି । ନିଆଁ ଲାଗିବା ଯୋଗୁ ପ୍ରବଳ ଧୂଆଁ ସବୁଆଡେ ବ୍ୟାପି ଯାଉଛି । ଏମିତିକି ଏତେ ଜୋରରେ ଧୂଆଁ ବାହାରୁଛି ଯେ ରାସ୍ତାରେ ଯିବା ମୁସ୍କିଲ ହୋଇ ପଡୁଛି । ବାଟ ଦେଖା ଯାଉନି । ଧୂଆଁରେ ଲୋକେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି ।







# ଆଇସକ୍ରିମ୍

**ଖରାଦିନ ଥଣ୍ଡା ଖାଦ୍ୟର ଚାହିଦା ବଢ଼ିବାରେ ଲାଗେ । ଥଣ୍ଡା ପାନୀୟ, ଆଇସକ୍ରିମ୍, ତରଭୁଜ ମଜା ନେବାକୁ ପିଲାଠାରୁ ପ୍ରୌଢ଼ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି । ଆଉ ଆଇସକ୍ରିମ୍ କଥା ଉଠିଲେ ଜିଭରୁ ଲାଳ ଗଡ଼ିବା ସ୍ୱାଭାବିକ । ତେବେ ଖରାଦିନର ଏହି ପ୍ରିୟ ଖାଦ୍ୟର ଉତ୍ପତ୍ତି ସମ୍ପର୍କରେ ଜାଣିବାକୁ କିଏବା ନଚାହେଁ ତେବେ ଆସନ୍ତୁ ଜାଣିବା ଆଇସକ୍ରିମର ଇତିହାସ ସମ୍ପର୍କରେ:**

◆ ଖ୍ରୀଷ୍ଟପୂର୍ବ ୨୦୦ରେ ଏକ ପ୍ରକାର ଆଇସକ୍ରିମ୍ ଚୀନରେ ପ୍ରସ୍ତୁତ ହୋଇଥିଲା ଯାହା କ୍ଷୀର ଓ ଚାଉଳ ମିଶ୍ରଣକୁ ବରଫ କରି ପ୍ରସ୍ତୁତ କରାଯାଇଥିଲା ଓ ପରେ ବରଫ ମଧ୍ୟରେ ପ୍ୟାକିଂ କରାଯାଇଥିଲା । ଚୀନରେ ଆଇସକ୍ରିମର ପ୍ରସ୍ତୁତି ପରେ ରୋମାନର ସମ୍ରାଟ ଏହାକୁ ଖାଇବା ପାଇଁ ତାଙ୍କ ଭୃତ୍ୟମାନଙ୍କୁ ଆଦେଶ ଦେଇଥିଲେ । ସେ ସେମାନଙ୍କୁ ପଠାଇ ପର୍ବତ ଚୋଟିରୁ କିଛି ସଦ୍ୟ ବରଫ ଆଣି ସେଥିରେ ଫ୍ଲେଭର ଦେଇ ଆଇସକ୍ରିମ୍ ପ୍ରସ୍ତୁତ କରି ଏହାକୁ ରାଜାଙ୍କୁ ପରଷିଥିଲେ ।

◆ ଆଇସକ୍ରିମ୍ ହେଉଛି ଏପରି ଖାଦ୍ୟ ଯାହା ଚୀନରେ ୬୧୮-୯୭ ଖ୍ରୀଷ୍ଟାବ୍ଦରେ ବରଫାଞ୍ଚଳରେ ବହୁଥିବା କିଙ୍ଗ ଟାଙ୍ଗ ଶାଙ୍ଗ ୯୪ଜଣ ବ୍ୟକ୍ତିଙ୍କୁ ମଇଁଷି କ୍ଷୀର, ମଇଦା ଓ କର୍ପୂରରେ ଆଇସକ୍ରିମ କରିବାକୁ କହିଥିଲେ । ଏହାପରେ ପରେ ଇଂଲଣ୍ଡର ସମ୍ରାଟ ଚାର୍ଲସ ତାଙ୍କ ରୋଷେୟାଙ୍କୁ ୫୦୦ ଡଲାର ଦେଇ ଗୁପ୍ତରେ ଆଇସକ୍ରିମ ପ୍ରସ୍ତୁତ କରାଇଥିଲେ ।

◆ ପରେ ୧୨୫୪-୧୩୨୪ ଖ୍ରୀଷ୍ଟାବ୍ଦରେ ମାକ୍ରୋପୋଲେ । ଏହାର ପ୍ରସ୍ତୁତିକୁ ଚୀନରୁ ଦେଖି ଇଟାଲୀରେ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ । ଏହିପରି ଧୀରେ ଧୀରେ ଏହା ବିଶ୍ୱବ୍ୟାପୀ ଲୋକାଦୃତ ହୋଇପାରିଲା । ବିଦେଶରୁ ଆସିଥିବା ଏହି ବ୍ୟଞ୍ଜନଟି ବର୍ତ୍ତମାନ ଭାରତରେ ବହୁମାତ୍ରାରେ ଲୋକପ୍ରିୟ ହୋଇପାରିଛି । ବର୍ତ୍ତମାନ ଏହା ୧୨୦ରୁ ଉର୍ଦ୍ଧ୍ୱ ଫ୍ଲେଭରରେ ଉପଲବ୍ଧ ହେଉଛି ।

### ଆଇସକ୍ରିମ୍‌ର ପ୍ରସ୍ତୁତି

ସାମଗ୍ରୀ- ଫ୍ରେସ କ୍ରିମ୍-୨୫୦ଗ୍ରାମ
କଣ୍ଡେନ୍ସଡ୍ ମିଲ୍କ-୨୦୦ଗ୍ରାମ
ଭାନିଲା ଏସେନ୍ସ ଅଳ୍ପ

### ପ୍ରସ୍ତୁତି:

ପ୍ରଥମେ ଗୋଟିଏ ବଡ଼ ପାତ୍ରକୁ ୧୫ରୁ ୨୦ ମିନିଟ୍ ଫ୍ରିଜରେ ରଖି ଥଣ୍ଡା କରିଦେବେ । ଫ୍ରେସ୍ କ୍ରିମକୁ ମଧ୍ୟ ଥଣ୍ଡା କରି ରଖିବେ । ଥଣ୍ଡା ପାତ୍ରରେ ଫ୍ରେସ କ୍ରିମକୁ କାଢ଼ିଦିଅନ୍ତୁ । ଯଦି ହ୍ୟାଣ୍ଡ ଗ୍ରାଇଣ୍ଡର ଅଛି ତେବେ ତାହାକୁ ୮ରୁ ୧୦ମିନିଟ୍ ଭଲରେ ଗ୍ରାଇଣ୍ଡିଂ କରିନିଅନ୍ତୁ । ହାଣ୍ଡଗ୍ରାଇଣ୍ଡର ନଥିଲେ ଗ୍ରାଇଣ୍ଡରରେ ଭଲରେ ମିଶାଇଦିଅନ୍ତୁ । ସେଥିରେ କିଛି କଣ୍ଡେନସଡ ମିଲ୍କ ମିଶାନ୍ତୁ ଓ ଅଳ୍ପ ଭାନିଲା ଏସେନ୍ସ ମିଶାନ୍ତୁ । ତାହାକୁ ବର୍ତ୍ତମାନ ଆଉଥରେ ଗ୍ରାଇଣ୍ଡ କରିନିଅନ୍ତୁ । ଯେତେ ଅଧିକ ସମୟ ଗ୍ରାଇଣ୍ଡ କରିବେ ଆଇସକ୍ରିମ ମିଶ୍ରଣଟି ସେତେ ସ୍ମୁଥ ହେବ । ଏକ ପ୍ଲାଷ୍ଟିକ୍ ଡବାକୁ ପୂର୍ବରୁ ଫ୍ରିଜରେ ରଖି ଥଣ୍ଡା କରିନିଅନ୍ତୁ । ସେଥିରେ ଆଇସକ୍ରିମ ମିଶ୍ରଣକୁ ଢ଼ାଳି ଡବାର ଘୋଡଣି ଦେଇଦିଅନ୍ତୁ । ଏହାପରେ ଡବାଟିକୁ ୧୦-୧୨ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖନ୍ତୁ । ଏହିପରି ଭାବେ ପ୍ରସ୍ତୁତ ହୋଇଯିବ ଭାନିଲା ଆଇସକ୍ରିମ । ଚାହିଁଲେ ଏଥିରେ ଚକୋଲେଟ୍ ଗ୍ରାଇଣ୍ଡ କରି ଓ ଚକୋଚିପ୍ସ ପକାଇ ଚକୋଲେଟ୍ ଆଇସକ୍ରିମ୍ ମଧ୍ୟ ରେ ପ୍ରସ୍ତୁତ କରିପାରିବେ ।

# ପାଳଙ୍ଗ କବାବ୍

କବାବ୍ ଆମିଷ ଖାଦ୍ୟ ବୋଲି ପରିଚିତ । ତେବେ ନିରାମିଷ ଖାଦ୍ୟସାମଗ୍ରୀକୁ ନେଇ ମଧ କବାବ୍ ପ୍ରସ୍ତୁତ କରାଯାଇପାରେ । ଲୌହସାର ଓ ଭିଟାମିନ୍‌ରେ ଭରପୂର ପାଳଙ୍ଗରେ ପ୍ରସ୍ତୁତ କବାବ୍ ଚା' ସହ ଏକ ସ୍ୱାସ୍ଥ୍ୟକର ଜଳଖିଆ ହୋଇପାରିବ ।

**ଆବଶ୍ୟକ ସାମଗ୍ରୀ:**
୫୦୦ ଗ୍ରାମ ପାଳଙ୍ଗ, ସିଝା ଆଳୁ ୩ଟି, ପିଆଜ ୩ଟି, ୧୫୦ ଗ୍ରାମ ବେସନ, ଦରଛେଚା ବାଦାମ ମଞ୍ଜି ୨୦୦ ଗ୍ରାମ, କିଛଇ କଟା ଧନିଆପତ୍ର, ୭-୮ଟି କଞ୍ଚାଲଙ୍କା, ଚାଟ୍ ମସଲା ଗୁଣ୍ଡ, ଗରମ ମସଲା ଗୁଣ୍ଡ, ତେଲ ଦେଢ଼ କପ୍ ଏବଂ ଲୁଣ ସ୍ୱାଦାନୁସାରେ ।



**ପ୍ରସ୍ତୁତି:** ପାଳଙ୍ଗ ପତ୍ରଗୁଡ଼ିକୁ ଭଲଭାବେ ଧୋଇ ଗ୍ରାଇଣ୍ଡରରେ ବାଟି ଦିଅନ୍ତୁ । ସିଝା ଆଳୁର ଚୋପା ଛଡ଼ାଇ ଚକଟିଦେବେ । ଏବେ ସେଥିରେ ପାଳଙ୍ଗ ବଟା, ଲୁଣ, ଧନିଆପତ୍ର, ବେସନ, ବାଦାମ ମଞ୍ଜି ଛେଚା, ଚୁନଚୁନ କଟା ଯାଇଥିବା ପିଆଜ ଓ ଲଙ୍କା, ୧ ଚାମଚ ଲେଖାଏଁ ଗରମ ମସଲା ଗୁଣ୍ଡ ଏବଂ ଚାଟ୍ ମସଲା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ପ୍ୟାନ୍‌ରେ ତେଲ ଗରମ କରି ଏହି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ କବାବ୍ ଆକାରରେ ଗଢ଼ି ସେଥିରେ ପକାଇବେ । ଧୀମା ଆଞ୍ଚରେ ଦୁଇପଟ ଭଲଭାବେ ଭାଜି ହେବାପରେ ବାହାର କରି ଟିସ୍ୟୁ ପେପର ଉପରେ ରଖନ୍ତୁ । ପସନ୍ଦର ଚଟଣି କିମ୍ବା ସସ୍ ସହିତ ଗରମ ଗରମ କବାବ୍ ପରଷି ଦିଅନ୍ତୁ । ପିଲାମାନେ ପାଳଙ୍ଗ ଶାଗ ଖାଇବାକୁ ଅରାଜି ହେଉଥିଲେ ବି ଏହାକୁ ଆରାମରେ ଖାଇଦେବେ ।

# ବ୍ଲଡ୍ ପ୍ରେସର୍ ପାଇଁ ରାମବାଣ ଭଳି କାମ କରେ ପୋସ୍ତ



ରୋଷେଇ କରିବା ସମୟରେ ଯେଉଁଭଳି ଭାବରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ କାଜୁ ପେଷ୍ଟକୁ ବ୍ୟବହାର କରାଯାଏ, ଠିକ ସେହିଭଳି ପୋସ୍ତକୁ ମଧ ବ୍ୟବହାର କରାଯାଏ । ଯାହା ଖାଦ୍ୟର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । କିନ୍ତୁ ଏହା ଶରୀର ପକ୍ଷେ କେତେ ଲାଭଦାୟକ ତାହା ସମସ୍ତେ ଜାଣି ନଥାନ୍ତି । ବାସ୍ତବରେ ପୋସ୍ତ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଲାଭବାନ ହୋଇଥାଏ । ଆଜିକାଲି ଲୋକମାନେ ଏଭଳି ଖାଦ୍ୟ ଖାଉଛନ୍ତି ଯାହା ଦ୍ୱାରା ସେମାନେ ବିରାଟ ରୋଗର ସମ୍ମୁଖୀନ ହେଉଛନ୍ତି । ସେସବୁରୁ ରକ୍ଷା ପାଇବା ପାଇଁ ସେମାନେ ବିଭିନ୍ନ ପ୍ରକାର ଔଷଧ ମଧ ଖାଇଥାନ୍ତି । କିନ୍ତୁ ଏ ସବୁ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହୋଇଥାଏ । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ ଦୁଇ ଚାମଚ ପୋସ୍ତ ଖାଇବା ନିହାତି ଦରକାର । ଯାହା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ଏବଂ ସ୍ୱାସ୍ଥ୍ୟ କେବେ ଖରାପ ହୋଇନଥାଏ । ଆସନ୍ତୁ ଜାଣିବା ପୋସ୍ତ ଖାଇବା ଦ୍ୱାରା କେଉଁଭଳି ରୋଗରୁ ମୁକ୍ତି ମିଳିଥାଏ ।

**କୋଷ୍ଠ କାଠିନ୍ୟ-**ଅନେକ ଲୋକଙ୍କର ହଜମ ପ୍ରକ୍ରିୟା ଠିକ ହୋଇ ନଥିବାରୁ ସେମାନେ କୋଷ୍ଠକାଠିନ୍ୟ ରୋଗରେ ପଡ଼ିଥାନ୍ତି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପୋସ୍ତ ଖାଇବା ଦରକାର । ଏଥିରେ ବହୁ ପରିମାଣରେ ଫାଇବର ରହିଥାଏ, ଯାହା ଏଭଳି ସମସ୍ୟାରୁ ରକ୍ଷା କରିଥାଏ ।

**ବ୍ଲଡପ୍ରେସର-** ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ପୋସ୍ତ ଖୁବ ଲାଭଦାୟକ ହୋଇଥାଏ ଯାହା ସେମାନଙ୍କ ପାଇଁ ଆୟୁର୍ବେଦିକ ଔଷଧ ଭାବେ କାମ କରିଥାଏ । ପୋସ୍ତ ପ୍ରତିଦିନ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହେବା ସହ ଅନ୍ୟାନ୍ୟ ସମସ୍ୟା ମଧ ଦୂର ହୋଇଥାଏ ।

**ଅନିଦ୍ରା-** ଅନେକ ଲୋକଙ୍କ ନିକଟରେ ନିଦ ନ ଆସିବା ଭଳି ସମସ୍ୟା ବହୁ ମାତ୍ରାରେ ଦେଖାଯାଇଥାଏ । ଯଦି ସେମାନେ ରାତିରେ ଶୋଇବା ପୂର୍ବରୁ କ୍ଷୀର ସହିତ ପୋସ୍ତକୁ ମିଶାଇ ପିଇବେ ତେବେ ଏଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ।

**କିଡନୀ ଷ୍ଟୋନ-** ପୋସ୍ତରେ ଓକ୍ସଲେଟ ବହୁ ପରିମାଣରେ ରହିଥାଏ, ଏହା ଶରୀରରୁ ଅତିରିକ୍ତ କ୍ୟାଲସିୟମକୁ ଅବଶୋଷଣ କରି କିଡନୀରେ ପଥର ତିଆରି ହେବାରୁ ରକ୍ଷା କରିଥାଏ । ଏହି ରୋଗରେ ପିଡ଼ିତ ବ୍ୟକ୍ତିମାନେ ପୋସ୍ତ ଖାଇବା ନିହାତି ଦରକାର ।

# ପର୍ଯ୍ୟଟକଙ୍କ ପ୍ରିୟ ସହର ଟୋକିଓ

**ଜାପାନର ରାଜଧାନୀ ଭାବେ ଟୋକିଓ ଜଣାଯାଉଥିବାବେଳେ କରୋନା ମହାମାରୀ ପୂର୍ବରୁ ଏଇ ସହରକୁ ନିୟମିତ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଥିଲେ । ଆଗାମୀ ଦିନରେ ମହାମାରୀ ନିୟନ୍ତ୍ରଣ ହେଲେ, ପୁନର୍ବାର ଟୋକିଓରେ ଜନଗହଳି ବଢ଼ିବ ବୋଲି ଆଶା କରାଯାଉଛି ।**

◆ ଟୋକିଓ ଆସୁଥିବା ପର୍ଯ୍ୟଟକ ସେଠାକାର ପ୍ରମୁଖ ୭ଟି ସ୍ଥାନ ବୁଲିବା ନିଶ୍ଚିତ । ହାରାଜୁକୁ, ଏଭଳି ଏକ ଅଞ୍ଚଳ ଯାହା ସ୍ଥାନୀୟ ଲୋକ ଓ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ଆକୃଷ୍ଟ କରିଥାଏ । ବିଭିନ୍ନ ପୋଷାକ ଦୋକାନ, କାଫେ, ସଂଗ୍ରହାଳୟ ଏଠାକାର ମୁଖ୍ୟ ଆକର୍ଷଣ ।

◆ ବିଶ୍ୱର ସବୁଠୁ ବଡ଼ ମାଛ ବଜାର ଭାବେ ଟୋକିଓର ସୁକିଜି ମାଛ ମାର୍କେଟ୍ ଜଣାଯାଏ । ଦୈନିକ ଭୋର ୫ଟାରୁ ଗ୍ରାହକ ଓ ମାଛ ବ୍ୟବସାୟୀଙ୍କ ଭିଡ଼ ଏଠାରେ ରାତ୍ରି ୧୨ଟା ପର୍ଯ୍ୟନ୍ତ ଲାଗିଥାଏ । ସତେଜ ମାଛଠାରୁ ଫ୍ରୋଜନ୍ ମାଛ ସବୁକିଛି ଏଇ ମାଛ ବଜାରରେ ସୁଲଭ



ମୂଲ୍ୟରେ ମିଳେ । ପର୍ଯ୍ୟଟକମାନେ ମାଛ ବ୍ୟବସାୟ ଦେଖିବାକୁ ଏହି ବଜାରରେ ଭିଡ଼ ଲଗାଇଥାନ୍ତି ।

◆ ଆଖିବାରା, ଏଇ ଅଞ୍ଚଳକୁ ସ୍ଥାନୀୟ ଲୋକ ଟୋକିଓରର 'ଇଲେକ୍ଟ୍ରୋନିକ୍ ଜଙ୍ଗଲ' ଭାବେ ନାମ ଦେଇଛନ୍ତି । ଶସ୍ତାଠାରୁ ମହରଗ ସମସ୍ତ ପ୍ରକାରର ଉପକରଣ ଏଠାରେ ମିଳେ । ବିଭିନ୍ନ ପ୍ରକାର ଖେଳଣାର ଭିଡ଼ ଦେଖିବାକୁ ମିଳୁଥିବାବେଳେ ବିଦେଶୀ ପର୍ଯ୍ୟଟକ ଏସବୁ କିଣିବାରେ ଅଧିକ ଆଗ୍ରହ ଦେଖାଇଥାନ୍ତି ।



◆ ଟୋକିଓର ପ୍ରାଚୀନ ମନ୍ଦିର ଭାବେ 'ସେନ୍‌ସୋଜି ମନ୍ଦିର' ଖ୍ୟାତ । ମନ୍ଦିରକୁ ଦେଖିବାକୁ ପ୍ରତି ବର୍ଷ ୩୦ ମିଲିୟନ୍ ପର୍ଯ୍ୟଟକ ଏଠାକୁ ଆସୁଥିବାର ପ୍ରକାଶ ।

◆ ନ୍ୟୁୟର୍କର ଟାଇମ୍ସ ସ୍କୋୟାର୍ ପରି ଜାପାନର ଶିବୁୟା କ୍ରସିଙ୍ଗରେ ଦିନରାତି ଜନଗହଳି ଦେଖିବାକୁ ମିଳେ । ବଡ଼ ବଡ଼ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଏଇ ଅଞ୍ଚଳରେ ଥିବା ସହ ପାଦଚଲାଯାତ୍ରୀଙ୍କ କ୍ରସ୍ ୱାର୍କ ହିଁ ମୁଖ୍ୟ ଆକର୍ଷଣ ।



# ସିଝା ଅଣ୍ଡା ଖାଇବାକୁ ଭଲ ପାଉଥିବା ଲୋକଙ୍କ ପାଇଁ ସତର୍କ ଘଣ୍ଟି !

**ଅଣ୍ଡା ଖାଇବା କିଛି ଲୋକଙ୍କ ଦୁର୍ବଳତା ଥାଏ । କିଛି ଡିସ୍ ବିନା ମଧ ଲୋକଙ୍କୁ ସିଝା ଅଣ୍ଡା ଖାଇବାକୁ ଭଲ ଲାଗିଥାଏ । କିନ୍ତୁ ଏଥିରେ ସ୍ୱାସ୍ଥ୍ୟକୁ ଲାଭ ମିଳୁଛି କ୍ଷତି ତାହା ମଧ ଜାଣିବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଆଜି ଆମେ ସିଝାଅଣ୍ଡା ଦେହ ପ୍ରତି କ୍ଷତିକାରକ କି ଲାଭଦାୟକ ଜାଣିବା ।**

୧ . ସର୍ବପ୍ରଥମେ ଆପଣଙ୍କୁ କହିରଖୁଛୁ ଅଣ୍ଡାର ହଳଦିଆ ଅଂଶରେ କ୍ୟାଲସିୟମ୍ ,ଆଇରନ୍ ,ଜିନ୍ , ଫସପରସ୍ ,ଭିଟାମିନ୍ ବି-୬, ଭିଟାମିନ୍ ବି-୧୨ ଏବଂ ପେଥୋନିକ୍ ଏସିଡ୍ ରହିଥାଏ । ଯଦି ଆପଣଙ୍କୁ ହୃଦଜନିତ ରୋଗ,ସୁଗାର୍ କିମ୍ବା ଉଚ୍ଚ ରକ୍ତଚାପ ଭଳି ସମସ୍ୟା ରହିଛି ତେବେ ଏହି ହଳଦିଆ ଅଂଶକୁ ଖାଆନ୍ତୁ ନାହିଁ । ଅଣ୍ଡା ଭାଜିବା ସମୟରେ କମ୍ ତେଲର ପ୍ରୟୋଗ କରନ୍ତୁ ଏବଂ ଦରସିଝା ଅଣ୍ଡା ଖାଇବା ଭୁଲ୍ କରନ୍ତୁ ନାହିଁ । ଏହାଦ୍ୱାରା ଫୁଡ୍ ପଏଜନିଂର ବିପଦ ଥାଏ ।

୨ . ଗୋଟିଏ ଦିନରେ ୧ କିମ୍ବା ୨ ଟି ଅଣ୍ଡା ଖାଆନ୍ତୁ । ଖାଦ୍ୟ ଲୋଭରେ ଅଧିକ ଅଣ୍ଡା ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ । ଫଳରେ ଅଣ୍ଡା ଖାଇବା ଲାଭ ବଦଳରେ ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ ।

୩ . ଅଣ୍ଡା ଖାଇବା ପୂର୍ବରୁ ଏହା ଖରାପ କି ନୁହଁ ଭଲଭାବରେ ପରଖି ଖାଆନ୍ତୁ ନଚେତ୍ ମୁଣ୍ଡବ୍ୟଥା,ପେଟବ୍ୟଥା,ଡାଇରିଆ,ଜ୍ୱର ଭଳି ଅନେକ ଆଘାତିକ ରୋଗ ଦେଖାଯାଇପାରେ ।

୪ . ତେବେ ଅଣ୍ଡା କେବଳ ଘାତକ ନୁହଁ ସ୍ୱାସ୍ଥ୍ୟ ପାଇଁ ହିତକାରକ ମଧ ହୋଇଥାଏ । ଛୋଟପିଲାଙ୍କ ମସ୍ତିଷ୍କ ବିକଶିତ ହେବାରେ ଏହା ସାହାଯ୍ୟ କରେ । ଗର୍ଭବତୀ ମହିଳାଙ୍କ ମାଂସପେଶୀ ପାଇଁ ଅଣ୍ଡା ଖାଇବା ନିହାତି ଆବଶ୍ୟକ । ସ୍ତନ କର୍କଟକୁ ଦୂରେଇବାରେ ଅଣ୍ଡା ଲାଭଦାୟକ ହୋଇଥାଏ । କିନ୍ତୁ ମନେରଖନ୍ତୁ ଦିନରେ ଗୋଟିଏରୁ ଦୁଇଟି ହିଁ ଅଣ୍ଡା ଖାଇବାକୁ ଚେଷ୍ଟା କରନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଖାମଖିଆଲୀ ମନୋଭାବ....

କୁହାଯାଏ- ରୋମ୍ ନଗରୀ ଜଳୁଥିଲା ବେଳେ ସମ୍ରାଟ ନିରୋ କୁଆଡ଼େ ତାଙ୍କ ପ୍ରାସାଦରେ ବସି ବଂଶୀ ବାଦନ କରୁଥିଲେ। କଥାଟା ସମ୍ପୂର୍ଣ୍ଣ ଭାବରେ ନହେଲେ ବି କେତେକାଂଶରେ ସତ ହୋଇଥିବ ନିଶ୍ଚୟ, ନହେଲେ ଏତେ କାଳ ରହିଥାନ୍ତା କେମିତି! ବର୍ତ୍ତମାନ ଭାରତରେ କରୋନା ବା କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହର ଯେଉଁ ଆତଙ୍କ ଖେଳାଇଛି, ତାହା ଅବଶ୍ୟ ଦିନେ ନା ଦିନେ କମିଯିବ, କିନ୍ତୁ ବେଶ୍ କିଛି କାଳ ପର୍ଯ୍ୟନ୍ତ ରହିଯିବ ଏହାର ସ୍ମୃତି- ଏହାକୁ ପ୍ରତିହତ କରିବାକୁ ସରକାରଙ୍କଠାରୁ ଆରମ୍ଭ କରି ଜନସାଧାରଣଙ୍କ ପର୍ଯ୍ୟନ୍ତ କରୁଥିବା ସଂଘର୍ଷ; ପ୍ରତିଦିନ ନୂଆ ନୂଆ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା, ହସପିଟାଲଗୁଡ଼ିକ ଅକ୍ସିଜେନ, ବେଡ୍ ଏବଂ ଅତ୍ୟାବଶକୀୟ ଔଷଧର ଅଭାବରେ ଘାଂଟି ଚକଟି ହେବା, ମୃତ୍ୟୁ ସଂଖ୍ୟା ଦିନ ପରେ ଦିନ ବୃଦ୍ଧି ପାଇବା ଏବଂ ଶ୍ମଶାନରେ ଶବଦାହ କରିବା ପାଇଁ ସ୍ଥାନାଭାବ ପଡ଼ିବା ଇତ୍ୟାଦି। କିନ୍ତୁ ମୋଦୀ ସରକାରଙ୍କର ସେଥିପ୍ରତି ପରୱା ନାହିଁ; ଏ ସମୟରେ ମଧ୍ୟ ତାଙ୍କର ଧ୍ୟାନ କେନ୍ଦ୍ରିତ ହୋଇଛି ଉଚ୍ଚାକାଂକ୍ଷୀ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପର ପୁନର୍ବିକାଶ ଉପରେ। ପ୍ରକଳ୍ପଟି ପ୍ରତି ସରକାରଙ୍କର ଏତେ ମୋହ ଯେ ଏହି ପ୍ରକଳ୍ପର କାମକୁ ଯେତେ ଶୀଘ୍ରପାରେ ସେତେ ଶୀଘ୍ର ସାରିବା ପାଇଁ ଏହାକୁ ଅତ୍ୟାବଶ୍ୟକ ସେବା ପରିସରଭୁକ୍ତ କରାଯାଇଛି, କାରଣ ସେଣ୍ଟ୍ରାଲ ପବ୍ଲିକ ୱାର୍କସ ଡିପାର୍ଟମେଂଟ ଦିଲ୍ଲୀ ପୁଲିସକୁ ଏ ବାବଦରେ ଯେଉଁ ସୂଚନା ଦେଇଛି, ତାହା ହେଉଛି- ଏହା ନିର୍ଦ୍ଦିଷ୍ଟ ସମୟ ସୀମା ସ୍ୱଭାବର କାର୍ଯ୍ୟ। ଅତ୍ୟାବଶ୍ୟକ ସେବା କହିଲେ ଯେଉଁସବୁ କାର୍ଯ୍ୟକୁ ବୁଝାଏ, ସେଗୁଡ଼ିକ ହେଉଛି ଦେଶର ନାଗରିକମାନଙ୍କ ଉନ୍ନତି ବିଧାନ କଳ୍ପେ, ଏପରିକି ମହାମାରୀ ସମୟରେ ସୁଦ୍ଧା, ଯେଉଁ କାର୍ଯ୍ୟଗୁଡ଼ିକ କରାଯିବା ସର୍ବଥା କର୍ତ୍ତବ୍ୟ। ଯେପରି: ସ୍ୱାସ୍ଥ୍ୟସେବା, ଖାଦ୍ୟ ସାମଗ୍ରୀ ଯୋଗାଇ ଦେବା, ଅଗ୍ନିକାଣ୍ଡରୁ ସୁରକ୍ଷା ପ୍ରଦାନ କରିବା, ପୁଲିସ ସୁରକ୍ଷା ଯୋଗାଇ ଦେବା, ପରିଷ୍କାର ଜଳ, ମୌଳିକ ଶୌଚ ବ୍ୟବସ୍ଥା, ଗ୍ୟାସ ଏବଂ ବିଦ୍ୟୁତ୍ ଶକ୍ତି ଇତ୍ୟାଦି ଯୋଗାଇ ଦେବା ସହିତ ବ୍ୟାଙ୍କ କାରବାରକୁ ସୁଗମ କରିବା ଇତ୍ୟାଦି। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଏସବୁ ଜନସେବା ମଧ୍ୟରୁ କେଉଁ ଗୋଟିଏ ସେବାର ପରିସରଭୁକ୍ତ ହେଉଛି କି? ଭୟାବହ କରୋନା ମହାମାରୀର କରାଳ ଲହରୀରେ ପଡ଼ି ଦେଶ ଘାଟି ହେଉଥିବାବେଳେ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପକୁ ଅତ୍ୟାବଶକୀୟ ସେବାର ପରିସରଭୁକ୍ତ କରିବା କେତେଦୂର ଯୁକ୍ତିସଙ୍ଗତ? କିନ୍ତୁ ସମସ୍ତେ ତ ଜାଣନ୍ତି ଯେ ମୋଦୀ ସରକାରଙ୍କର ବିଶେଷତ୍ୱ ହେଉଛି- ମନମୁଖୀ ଶାସନ, କାରଣ ଦର୍ଶାଇବା ନୁହେଁ। ବିରୋଧୀ ଦଳମାନେ ସରକାରଙ୍କର ଏହି କାର୍ଯ୍ୟକୁ ଆଉ ଏକ ଭୁଲ୍ ପ୍ରାଥମିକତା କହି ସମାଲୋଚନା କରିବାକୁ ପଛାଇ ନାହାଁନ୍ତି। ସେମାନଙ୍କର ଏପରି କଥାକୁ ମଧ୍ୟ ସହଜରେ ଟାଳି ଦେଇହେବ ନାହିଁ, କାରଣ ଏହି ପ୍ରକଳ୍ପ ଅନ୍ତର୍ଗତ ପାର୍ଲାମେଂଟ କମ୍ପ୍ଲେକ୍ସ ସମେତ ଘରଗୁଡ଼ିକର ଉନ୍ନତିକରଣ ନିମନ୍ତେ ୨୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ତେଣୁ ଏକ ଘୋର ବିପତ୍ତି ସମୟରେ ଯୁକ୍ତି ଦର୍ଶାଇବାରେ କ୍ୱଚିତ୍ ଭୁଲ୍ ହେବ ଯେ ଏହି ବିପୁଳ ପରିମାଣର ଅର୍ଥରାଶିକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ଅଭାବ ଅସୁବିଧା ଦୂର କରିବା ନିମନ୍ତେ ବିନିଯୋଗ କରାଯାଇପାରିଥାନ୍ତା। ଏହାବାଦ୍ ଆହୁରି ଅନେକଗୁଡ଼ିଏ ଯୁକ୍ତିଯୁକ୍ତ ପ୍ରଶ୍ନ ମଧ୍ୟ ରହିଛି। ଦେଶର ରାଜଧାନୀ ଦିଲ୍ଲୀରେ ଦୈନନ୍ଦିନ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଏଭଳି ପରିପ୍ରେକ୍ଷୀରେ 'ଶ୍ରମିକମାନଙ୍କୁ ସେମାନଙ୍କ ଶିବିରରୁ ପ୍ରକଳ୍ପ ଅର୍ନ୍ତଗତ କର୍ମସ୍ଥଳୀକୁ ଯିବା ଆସିବା କରିବା ନିମନ୍ତେ ଅନୁମତି ପ୍ରଦାନ କରିବାକୁ ସିପିଡବ୍ଲ୍ୟୁଡି ଦିଲ୍ଲୀ ପୁଲିସକୁ ଅନୁରୋଧ କରିଛି। ଏହାଦ୍ୱାରା ସଂକ୍ରମଣର ସମ୍ଭାବନା ରହିବ ନାହିଁ କି? ସରକାରଙ୍କର ଜନକଲ୍ୟାଣ ନିମନ୍ତେ ସମ୍ବେଦନଶୀଳତାରେ ଅଭାବର ଏହା ଏକ ନମୁନା। ଏଭଳି କାର୍ଯ୍ୟକଳାପ ଅର୍ଥାତ ସାଧାରଣ ଜନତାଙ୍କ ମଙ୍ଗଳ କରିବା କେବଳ ସେହିଭଳି ଶାସକଙ୍କ କ୍ଷେତ୍ରରେ ଦେଖାଯାଇଥାଏ, ଯାହାଙ୍କ ନିକଟରେ ଭୟାବହ ପରିସ୍ଥିତିର ସମ୍ମୁଖୀନ ହେବାର ଅସାମର୍ଥ୍ୟତା ଏବଂ ଅନିଚ୍ଛା ରହିଥାଏ। ବିଶ୍ୱ ଇତିହାସରେ ଏଭଳି ଶାସକମାନଙ୍କର ଦୃଷ୍ଟାନ୍ତର ଅଭାବ ନାହିଁ। ସତ୍ତାବାଦୀ ଶାସକମାନେ ସବୁବେଳେ ନିଜକୁ ବଡ଼ ଦେଖାଇବା ସହିତ ସେମାନଙ୍କର ପ୍ରଶାସନିକ ଦୁର୍ବଳତାକୁ ଘୋଡ଼ାଇବା ନିମନ୍ତେ ଉଚ୍ଚାକାଂକ୍ଷୀ ପ୍ରତୀକବାଦ ଉପରେ ଆସ୍ଥା ରଖି ଆସିଛନ୍ତି। ଭାରତ ବର୍ତ୍ତମାନ ସେହିଭଳି ଏହି ଶାସନକୁ ପ୍ରତ୍ୟକ୍ଷ କରୁଛି କହିବା ବୋଧହୁଏ ଅତୁକ୍ତି ହେବନାହିଁ।

## ଚିରନିଦ୍ରାରେ ଓଡ଼ିଆ ସାହିତ୍ୟ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର ମନୋଜ ଦାସ

**ବିଶ୍ୱବିଜୟୀ ଦାଶ**



ବିଶ୍ୱ କଥା ସାହିତ୍ୟର ଯଶସ୍ୱୀ ଲେଖକ, ସାରସ୍ୱତ ସାଧକ,ନିଜର ଲେଖନୀ ମାଧମରେ ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇଥିବା କଥାଶିଳ୍ପୀ, ଅସାଧାରଣ ପ୍ରତିଭାଧାରୀ ସାହିତ୍ୟିକ ପଦ୍ମଭୂଷଣ ମନୋଜ ଦାସ।

ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଶଙ୍ଖାରି ଗ୍ରାମଠାରେ ୧୯୩୪ ମସିହା ଫେବୃଆରୀ ୨୭ ତାରିଖଦିନ ଗୋଟିଏ ସଂଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମଧୁସୂଦନ ଦାସ ଓ ମାତାଙ୍କ ନାମ କାଦମ୍ବିନୀ ଦେବୀ।

ମାତା କାଦମ୍ବିନୀ ଦେବୀଙ୍କ ପ୍ରଭାବରେ ବାଲ୍ୟକାଳରୁ ମନୋଜ ଦାସ ରାମାୟଣ ଓ ମହାଭାରତ ପ୍ରତି ଶ୍ରଦ୍ଧା ଜାତ ହୋଇଥିଲା । ପରବର୍ତ୍ତୀ ସମୟରେ ସେ ଏହି ଦୁଇଟି ଗ୍ରନ୍ଥକୁ ' ଅଲୌକିକ ଶକ୍ତିର ଉତ୍ସ' ଭାବେ ଅଭିହିତ କରିଛନ୍ତି।ମନୋଜ ଦାସ ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢୁଥିଲେ। ସେ ପଢ଼ିବା ବେଳେ ତାଙ୍କ ବଡ଼ଭାଇ ମନ୍ମଥ ନାଥ ଦାସ ଫକୀର ମୋହନ ମହାବିଦ୍ୟାଳୟର ଇତିହାସ ଅଧାପକ। ଦୁଇ ଭାଇ ଯେଉଁ ଘରେ ରହୁଥିଲେ, ତାହା ଥିଲା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ବାସଗୃହ । ଏହା ଜାଣିବା ପରେ ମନୋଜ ଦାସଙ୍କ ହୃଦୟ, ସୃଜନ ସମ୍ଭାରର ପରିବ୍ୟାପ୍ତ ହୋଇଯାଇଥିଲା। ୧୯୪୯ ମସିହାରେ ବାଲେଶ୍ୱର ଜିଲ୍ଲା ସ୍କୁଲ ରେ ସେ ୯ମ ଶ୍ରେଣୀ ଛାତ୍ର ଥିବା ବେଳେ ତାଙ୍କର ପ୍ରଥମ କବିତା ସଂକଳନ 'ଶତାବ୍ଦୀର ଆର୍ତ୍ତନାଦ ପ୍ରକାଶ ପାଇଥିଲା।୧୯୫୧ ମସିହାରେ ତାଙ୍କର ଗ୍ରନ୍ଥ ସଂକଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଇଥିଲା।

୧୯୫୨ ମସିହାରେ ଫକୀର ମୋହନ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ର ସମୟରେ ସେ ଛାତ୍ର ୟୁନିୟନର ସଭାପତି ଏବଂ ରାଜ୍ୟ ଛାତ୍ର ଫେଡେରେସନର ଉପସଭାପତି ନିର୍ବାଚିତ ହୋଇଥିଲେ । ୧୯୫୫ ମସିହାରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରି କଟକରେ ଆଇନ ଅଧୟନ କଲେ। ସେତେବେଳକୁ 'ଜୀବନର ସ୍ୱାଦ' ଗଳ୍ପ ସଂକଳନ ସହିତ ବିଭିନ୍ନ ଇଂରାଜୀ ପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ ହେଉଥାଏ।

ରେଭେନ୍ସା ମହାବିଦ୍ୟାଳୟରୁ ଇଂରାଜୀ ସ୍ନାତକୋତ୍ତର ଅଧୟନ ପରେ ୧୯୫୯ ମସିହାରେ ଖ୍ରୀଷ୍ଟ ମହବିଦ୍ୟାଳୟରେ ଅଧାପନା କଲେ । ସେହି ବର୍ଷ ସେ କୁଜଙ୍ଗ ରାଜପରିବାରର କନ୍ୟା ପ୍ରତିଜ୍ଞା ଦେବୀଙ୍କୁ ବିବାହ କରିଥିଲେ। ସେ ତାଙ୍କ ଜୀବନର ଅର୍ଦ୍ଧଶତାବ୍ଦୀ ବ୍ୟାପି ସାହିତ୍ୟ ସାଧନା ଜାରି ରଖି, ସାହିତ୍ୟର ସମସ୍ତ ଦିଗକୁ ସମୃଦ୍ଧ କରିଛନ୍ତି, ତାଙ୍କ ଲେଖନୀ ନିଃସୃତ ଗଳ୍ପ, କବିତା ମାନ ଯୁଗେ ଯୁଗେ ଆମ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ। କବି ପ୍ରାଣର ଅନନ୍ତ ବିସ୍ତୃତି, ଜୀବନର ଉଦାରତା, ମାନବତାର ଐଶ୍ୱର୍ଯ୍ୟ ଓ ଉତ୍ତୁଙ୍ଗ ଜୀବନାଦର୍ଶରେ ସମୁଜ୍ଜ୍ୱଳ ତାଙ୍କର କାବ୍ୟ ସାହିତ୍ୟ ଅନନ୍ୟ ଓ ଅତୁଳନୀୟ। ୧୯୬୧ ମସିହାରେ 'ଆରଣ୍ୟକ' ପ୍ରକାଶ ପାଇବା ପରେ ଏହା ଓଡ଼ିଆ ଗଳ୍ପ ସାହିତ୍ୟର ମାନଦଣ୍ଡ ନିରୂପିତ ହୋଇଥିଲା । ୧୯୬୩ ମସିହାରେ ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ ପଣ୍ଡିଚେରୀ ଶ୍ରୀ ଅରବିନ୍ଦ ବିଶ୍ୱବିଦ୍ୟାଳୟରେ ଇଂରାଜୀ ସାହିତ୍ୟର ଅଧାପକ ଏବଂ ପ୍ରତିଜ୍ଞା ଦେବୀ ମନସ୍ତତ୍ୱ ବିଭାଗରେ ଅଧାପିକା ଭାବେ ଯୋଗ ଦେଲେ । ୧୯୬୫/୬୬ ମସିହାରେ ଶେଷ ବସନ୍ତର ଚିଠି ପ୍ରକାଶ ପାଇଥିଲା ।

୧୯୬୩ ମସିହାଠାରୁ ସେ ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଆଶ୍ରମ ଠାରେ ଅବସ୍ଥାନ କରି ଆସୁଥିଲେ । ସେ ସେଠାକାର ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରରେ ଇଂରାଜୀ ଭାଷା ପ୍ରାଧାପକ ଭାବେ ଶିକ୍ଷାଦାନ କରୁଥିଲେ। ତାଙ୍କର ଗଳ୍ପ ସଂକଳନ ଗୁଡ଼ିକ ହେଲା ସମୁଦ୍ରର କ୍ଷୁଧା, ମନୋଜ ଦାସଙ୍କ ଗଳ୍ପ, ଅବୋଲକରା କାହାଣୀ, ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ,ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ, ମନୋଜ ପଞ୍ଚବିଂଶତି, ଧୂମ୍ରାଭ ଦିଗନ୍ତ ଓ ଅନ୍ୟ କାହାଣୀ, ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ , ଲକ୍ଷ୍ମୀର ଅଭିସାର, ମନୋଜ ଦାସଙ୍କ କଥା ଓ କାହାଣୀ, ଶେଷ ବସନ୍ତର ଚିଠି, ଆରଣ୍ୟକ, ବିଷକନ୍ୟାର କାହାଣୀ, ଜୀବନର ସ୍ୱାଦ ଆଦି।

ତାଙ୍କର କବିତା ସଙ୍କଳନ ଗୁଡ଼ିକ ହେଲା ଶତାବ୍ଦୀର ଆର୍ତ୍ତନାଦ,କବିତା ଉତ୍କଳ, ତୁମଗାଁ ଓ ଅନ୍ୟାନ୍ୟ କବିତା ଉପନିବେଶ,ନନ୍ଦାବତୀର ମାଝି, ପଦଧ୍ୱନୀ, ବିପ୍ଲବୀ ଫକୀରମୋହନ।

ତାଙ୍କ ଦ୍ୱାରା ଲିଖିତ ଉପନ୍ୟାସ ଗୁଡ଼ିକ ହେଲା, ତନ୍ଦ୍ରାଲୋକର ପ୍ରହରୀ, ଆକାଶର ଇସାରା, ଅମୃତ ଫଳ, ଗୋଧୂଳିର ବାଘ, ପ୍ରଭଞ୍ଜନ, ବୁଲଡ଼ୋର୍ଜସ ଆଦି।

ପ୍ରଜ୍ଞା - ପ୍ରଦୀପିକା,ଉପକଥା ଶତକ, ସତ୍ୟ-ଅସତ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗ, ସ୍ମୃତି ଓ ବିସ୍ମୃତିର ସାରନାଥ, ଅରଣ୍ୟ ଉଲ୍ଲାସ, ଭାରତର ଐତିହ୍ୟ: ଶତେକ ପ୍ରଶ୍ନର ଉତ୍ତର,ମହାଯୋଗୀ ଶ୍ରୀ ଅରବିନ୍ଦ, ସମୁଦ୍ର କୂଳର ଏକ ଗ୍ରାମ ସନ୍ଧାନ ଓ ସଙ୍କେତ, ବିପୁଳାଚ ପୃଥ୍ୱୀ, କେତେ ଦିଗନ୍ତ ଆଦି ତାଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ରମ୍ୟରଚ଼ନା।

ତାଙ୍କ ଦ୍ୱାରା ଲିଖିତ ଶିଶୁ ସାହିତ୍ୟ ହେଲା, ରାକ୍ଷସର ସନ୍ଧାନରେ , କନକ ଉପତ୍ୟକାର କାହାଣୀ , ଅମର ସାହିତ୍ୟ , ଆଲୋକ ଓ ଆନନ୍ଦର କାହାଣୀ ଆଦି।

ତାଙ୍କ ଦ୍ୱାରା ଲିଖିତ ଇଂରାଜୀ ରଚ଼ନାବଳୀ ଗୁଡ଼ିକ ହେଲା,ଚେଜିଙ୍ଗ ଦି ରେନବୋ: ଗ୍ରୋଇଙ୍ଗ ଅପ ଇନ ଆନ ଇଣ୍ଡିଆନ ଭିଲେଜ, ୨୦୦୪, ଲେଜେଣ୍ଡ ଅଫ ଦି ଗୋଲଡ୍ଗେନ ଭ୍ୟାଲି, ୧୯୯୬, ଦି ସବମର୍ଜଡ ଭ୍ୟାଲି ଆଣ୍ଡ ଅଦର ଷ୍ଟୋରିଜ, ୧୯୮୬, ଫେଆରବେଲ ଟୁ ଅ ଘୋଷ୍ଟ: ସର୍ଟ ଷ୍ଟୋରିଜ ଆଣ୍ଡ ଅ ନଭେଲେଟେ, ୧୯୯୪ ଦି କ୍ରୋକୋଡାଇଲ ଲେଡି: ଏ କଲେକସନ ଅଫ ଷ୍ଟୋରିଜ, ୧୯୭୫, ଏ ଟାଇଗର ଆଟ ଟୁଇଲାଇଟ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

**ଭାଗ -୧୩**



ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

ସ୍ୱୟମ୍ବର ସଭା ପାଇଁ ବିରାଟ ମଣ୍ଡପ ନିର୍ମାଣ କରାଯାଇଥିଲା। ସାରା ଦେଶର ରାଜାମାନେ ନିମନ୍ତ୍ରିତ ହୋଇ ଆସିଥିଲେ। ଲଙ୍କାପତି ରାବଣ ମଧ ସେଠାରେ ଉପସ୍ଥିତ ଥିଲେ। ଯେଉଁ ରାଜା ଶିବ ଧନୁ ଭାଙ୍ଗି ପାରିବ ସେ ସୀତାଙ୍କୁ ବିବାହ କରିବ। ସୀତା ତିନି ବର୍ଷର ହେଲା ବେଳେ ଧନୁକୁ ବାମ ହାତରେ ଉଠାଇ ଖେଳୁଥିଲେ। ରାମ ଲକ୍ଷ୍ମଣଙ୍କୁ ନେଇ ବିଶ୍ୱାମିତ୍ର ସଭାରେ ଉପସ୍ଥିତ ହେଲେ। ରାଜାମାନେ ରାମଙ୍କୁ ଦେଖି ମହାବୀର ବୋଲି ବିଚାର କଲେ। ଜନକପୁରୀ ନାରୀମାନେ ସାକ୍ଷାତ କାମଦେବ ବୋଲି ଚିନ୍ତା କଲେ। ଗୁପ୍ତ ରୂପରେଥିବା ରାକ୍ଷସମାନେ ରାମଙ୍କୁ ସାକ୍ଷାତ୍ କରିବେ ବୋଲି ଚିନ୍ତା କଲେ।

ଏହି ଧନୁରେ ପର୍ଶୁରାମ ଏକୋଇଶବାର କ୍ଷତ୍ରିୟ ସଂହାର କରିଥିଲେ। ତେଣୁ କୌଣସି ରାଜା ଧନୁରେ ଗୁଣ ଦେବାକୁ ସାହସ କରିପାରିଲେ ନାହିଁ। କେବଳ ରାବଣ ଅହଂକାର ବଶବର୍ତ୍ତୀ ହୋଇ କହିଲା ଯେଉଁ ହାତରେ କୈଳାସ ପତିଙ୍କ ସହିତ କୈଳାସକୁ ଉପାଡି ଆଣିଥିଲି ସେହି ହାତରେ ଏହି ଶିବ ଧନୁ ନିଶ୍ଚୟ ଭାଙ୍ଗି ଦେବି।

ନିଜର ଆତ୍ମ ପ୍ରଶଂସା କରି ସେ ଧନୁ ଆଡକୁ ଅଗ୍ରସର ହେଲେ। ପାର୍ବତୀ ବିଚାର କଲେ ଯଦି ରାବଣ ଧନୁ ଭାଙ୍ଗି ଦିଏ ତେବେ ସବୁ ଅନର୍ଥ ହୋଇଯିବ। ତେଣୁ ମା'ଙ୍କ ନିର୍ଦ୍ଦେଶ କ୍ରମେ ଶିବଗଣ ଯାଇ ଧନୁରେ ସବାର ହୋଇ ରହିଲେ। ଜନକ ଏହା ଦେଖି ଚିନ୍ତାଗ୍ରସ୍ତ ହେଲେ।

ବିଶ୍ୱାମିତ୍ର ରାମଙ୍କୁ ଆଦେଶ ଦେଲେ ହେ ରାମ! ତୁମେ ଉଠ।

"ଉଠ ହୁ ରାମ ଭଂଜହୁ ଭବ ଚାପା ।"

ରାମ ଗୁରୁଦେବଙ୍କୁ ପ୍ରଣାମ ଜଣାଇଲେ। ଗୁରୁ ଆଶୀର୍ବାଦ ଦେଇ କହିଲେ ତୁମର କାର୍ଯ୍ୟ ସଫଳ ହେଉ। ସୀତା ପାର୍ବତୀ ମାତାଙ୍କୁ ନିବେଦନ କରି କହିଲେ ହେ ମାତା! ତୁମେ ଦୟାକର ଧନୁର ଭାର 'ଫୁଲ' ପରି ହେଉ।

କୌଶିକ ମୁନି ଯେ କି ବଶିଷ୍ଠ ମୁନିଙ୍କ ପୁତ୍ର, ସେ ଏଠାରେ ଯଜ୍ଞ କାର୍ଯ୍ୟ ସହିତ ଧର୍ନୁଭାଙ୍ଗ କାର୍ଯ୍ୟ ତୁଲାଉ ଥିଲେ। ଏ ହେଉଛନ୍ତି ବଶିଷ୍ଠ ଋଷିଙ୍କ ପୁତ୍ର ମହର୍ଷି ପର୍ଶୁରାମ ଗୁରୁ ବଶିଷ୍ଠଙ୍କ ସହିତ ବିବାଦ ହେବାରୁ ସେ ପର୍ଶୁରାମ ବଶିଷ୍ଠଙ୍କ ଏକ ଶହ ପୁତ୍ରଙ୍କ ବିନାଶ କରିଥିଲେ ମାତ୍ର ବଶିଷ୍ଠଙ୍କ ପୁତ୍ର କୌଶିକ ଜନକଙ୍କ ରାଜ ପ୍ରସାଦରେ ଗୁରୁ ରୂପେ କାର୍ଯ୍ୟ କରୁଥିଲେ।

**ସୀତାଙ୍କ ଜନ୍ମ**

କିଷ୍କିନ୍ଦା ନିକଟରେ ଏକ ମୁନି ଋଷି ମାନଙ୍କ ଆଶ୍ରମ ଥିଲା। ସେମାନଙ୍କ ଉପରେ ଅତ୍ୟାଚାର କରୁଥିଲେ। ରାବଣର ବିପଦରୁ ରକ୍ଷା ପାଇବା ପାଇଁ ଏକ ଯଜ୍ଞ କଲେ। ସେହି ଯଜ୍ଞରେ ପ୍ରତ୍ୟେକ ନିଜ ନିଜ ଶରୀରରୁ ରକ୍ତ, ବାହାର କରି, ତାକୁ ଯଜ୍ଞ ନିକଟରେ ପୂଜା କରି ଗୋଟିଏ କଳସୀରେ ରଖିଲେ। ସେହି ରକ୍ତକୁ ଯେଉଁ ସ୍ତ୍ରୀ ଖାଇବ ତା ନିକଟରୁ ଯେଉଁ ପିଲା ଜନ୍ମ ହେବ, ସେହି ପିଲା ଯୋଗୁଁ ରାବଣର ମୃତ୍ୟୁ ହେବ। ରାବଣ ଏହା ଜାଣି, ସେ ରକ୍ତକୁ ନେଇ ମନ୍ଦୋଦରୀକୁ ରଖିବାକୁ ଦେଇଥିଲା । ଥରେ ରାବଣ ଦିଗ୍ ବିଜୟ ପାଇଁ ବହୁତ ଦିନ କୁଆଡେ ରହିଗଲା ପରେ ମନ୍ଦୋଦରୀ ମନରେ ସନ୍ଦେହ ଜନ୍ମିଲା। ସେ ରକ୍ତକୁ ବିଷ ବୋଲି ଭାବି ତାକୁ ଖାଇଦେବାରୁ ଗର୍ଭ ହୋଇଗଲା। ପିଲାଟି ଜନ୍ମ ହେବାରୁ ସେ ମୟ-ଦୈତ୍ୟର ପୁଅ ଦ୍ୱାରା ଗୋଟିଏ କାଷ୍ଠ ବାକ୍ସରେ ସେହି ପିଲାଟିକୁ ରଖି ନଦୀରେ ଭସାଇ ଦେଲେ। ବନ୍ୟା ଦ୍ୱାରା ବାକ୍ସଟି ଚାଲିଯାଇ ମିଥିଲା ନିକଟରେ ମାଟିରେ ପୋତି ଯାଇଥିଲା।

ବିହନ ବୁଣା ଅନୁକୂଳ ଦିନ ରାଜା ଜନକ ବିହନ ବୁଣିବା ପାଇଁ ଲଙ୍ଗଳରେ ମାଟି ତାଡିବା ସମୟରେ ସେହି ବାକ୍ସଟି ଭୂଇଁ ମଧ୍ୟରୁ ବାହାରି ଥିଲା। ସେଥିରେ ଝିଅଟିଏ ଶୋଇଥିଲା। ତାର ନାମ ସୀତା - ବୈଦେହୀ, ମୈଥିଳୀ । (କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

## ରାଜ୍ୟର ମୁଖୀଆ ଠିକ୍ କଲେ କି ?

**ସୁବ୍ରତ କର**



ମନୋଜ ଦାସଙ୍କ ଦେହାନ୍ତ ହେଲା। ବହୁତ ଦିନ ହେଲା ତାଙ୍କର ଦେହର ଅବସ୍ଥା ଭଲ ନଥିଲା। ପ୍ରଚୁର ଚେଷ୍ଟା କରା ହୋଇଥିଲା। କିନ୍ତୁ ଶେଷରେ ସେ ଜଗନ୍ନାଥଙ୍କ ଆଶ୍ରୟକୁ ଚାଲିଗଲେ। ସବୁଠୁ ବଡ଼ କଥା ହେଲା ମନୋଜ ଦାସଙ୍କ ଜାଗାରେ ଆଉ ଜଣଙ୍କୁ ଛିଡ଼ା କରାଇପାରିବା କି ? ଏବେ ବି ପଶ୍ଚିମବଙ୍ଗରେ ବିଶ୍ୱକବି ରବି ଠାକୁରଙ୍କ ପରେ ପଶ୍ଚିମବଙ୍ଗ ଦ୍ୱିତୀୟ ରବି ଠାକୁରଙ୍କୁ ବାହାର କରିପାରି ନାହାଁନ୍ତି। ମୋର ମନେ ହୁଏନାହିଁ ଭବିଷ୍ୟତରେ ରବି ଠାକୁର ଆଉ ବାହାରିବେ ନାହିଁ। ଫେରି ଆସିବା ବାଲେଶ୍ୱର ସାହିତ୍ୟ ଜଗତକୁ। ଫକୀରମୋହନଙ୍କୁ ଅନେକ ଲେଖକ ଲେଖିକା ଅନେକ ଭାବରେ ନିଅନ୍ତି। କିଏ କେଉ ଭାବରେ ନିଅନ୍ତି ସେଇଟା ବଡ଼ କଥା ନୁହେଁ, ବଡ଼ କଥା ହେଲା ଫକୀରମୋହନ । ତାଙ୍କର ଲେଖା ସ୍ଥିର, ତାଙ୍କର ଜାଗା ସ୍ଥିର ଏବଂ ସ୍ଥିତି ସ୍ଥିର ମଜବୁତ୍ ଆପଣମାନେ କହନ୍ତୁ ଏ ପର୍ଯ୍ୟନ୍ତ ତାଙ୍କ ଜାଗାକୁ କେହି ନେବା ପାଇଁ ଚେଷ୍ଟା କରି ନାହାନ୍ତି ଏବଂ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନାହାନ୍ତି। ନିଶ୍ଚିତ ଭାବରେ ଜଗନ୍ନାଥ ଗୋଟାଏ ସୁଯୋଗ ନେଇଥିଲେ ବାଲେଶ୍ୱର ସାହିତ୍ୟ ଜଗତକୁ ମନୋଜ ଦାସଙ୍କ ଭଳି ବ୍ୟକ୍ତି ବିଶେଷଙ୍କୁ ଲୋକ ଲୋଚନକୁ ଆଣି ଥୋଇବାରେ।

ମୋ ମତରେ କଥା ସାହିତ୍ୟିକ ହିସାବରେ କାହାକୁ ଗଣତିରେ ନେବା, ସେ ହେଉଛନ୍ତି ମନୋଜ ବାବୁ। ତାଙ୍କର ଲେଖା ଏତେ ସରଳ, ସହଜ ଏବଂ ବୋଧଗମ୍ୟ ଥିଲା ଯେ ସେ ଯେ କୌଣସି ପାଠୁଆ, ଅପାଠୁଆମାନଙ୍କୁ ଅନାୟସରେ ଛୁଇଁ ପାରୁଥିଲେ। ଲେଖକଙ୍କର ଲେଖାକୁ ସାଧାରଣ ଲୋକ ବୁଝି ନ ପାରିଲେ, ହୃଦୟଙ୍ଗମ ହୋଇ ନ ପାରିଲା ମୋ ମତରେ ସେ ଲେଖା ନୁହଁ, ବରଂ ସେ ଲେଖା ଲୋକଙ୍କୁ ଅଡୁଆରେ ପକାଇବାର ଇଚ୍ଛା ଏବଂ ଡିକସନେରୀ ସାହାଯ୍ୟ ନେବାର ଦରକାର ହୁଏ। ମୋର ଚିନ୍ତାରେ ମନୋଜ ଦାସ କେତୋଟି ଡକ୍ଟରେଟ୍ ଡିଗ୍ରି ପାଇଛନ୍ତି ବଡ଼ କଥା ନୁହଁ ବଡ଼ କଥା ହେଲା ତାଙ୍କର ଲେଖାର ଶୈଳୀ, ଢ଼ଙ୍ଗ, ରୂପ ରଙ୍ଗ ଅତି ସାଧାସିଧା। ହୁଏତ ସେଇଥିପାଇଁ ଆଜି ଫକୀରମୋହନଙ୍କ ପରେ ମନୋଜ ବାବୁଙ୍କ ସ୍ଥାନ। ଏବେ ଆସିବା ଆମ ରାଜ୍ୟର ମୁଖିଆଙ୍କ କାମ କଣ ଏ ଭଳି ଲୋକଙ୍କ ମୃତ୍ୟୁପରେ ଥରେଟିଏ ତାଙ୍କର ସମ୍ପର୍କିୟଙ୍କ ସାଙ୍ଗରେ ଥରେ କଥା ହୋଇଗଲେ ସବୁ ସରିଗଲା। ସବୁ ସରିଗଲା ତାଙ୍କର ନିଜସ୍ୱ ପୈତୃକ ଘରକୁ ଜାତି ପାଇଁ ଉତ୍ସର୍ଗ କରିଦେବା। ବହୁତ କିଛି କରିବାର ଥିଲା ସେ ବହୁତ ଦିନ ଅସୁସ୍ଥ ଥିଲେ କିନ୍ତୁ ରାଜ୍ୟର ମୁଖିଆ କେତେ ଥର ତାଙ୍କ ସହିତ କଥା ହୋଇଛନ୍ତି, ତାଙ୍କର ଭଲମନ୍ଦ ବୁଝିଛନ୍ତି। ମୋ ମତରେ ବାଲେଶ୍ୱରବାସି ଟିକିଏ ହେଲେ ସନ୍ତୁଷ୍ଟ ନୁହନ୍ତି । ବାଲେଶ୍ୱରବାସୀର ମଧ୍ୟ ଅନେକ କିଛି ଦାୟିତ୍ୱ ଅଛି ମନୋଜ ବାବୁଙ୍କୁ ଠିକଣା ସ୍ଥାନରେ ଥୋଇବା ଦିଗରେ।

## କବିତା କୋଣାର୍କ

### ଫେରିଆସ ଆହେ ଅମୃତ ସନ୍ଧାନୀ...

**ସୁଧାକର ରାଉତ**

କେଉଁଣେ ଲୁଚିଗଲ ଅମୃତ ସନ୍ଧାନୀ
ଝୁରୁଛି ତୁମକୁ ସମଗ୍ର ଅବନୀ।

ଓଡ଼ିଶା ମାଟିରେ ଲଭଣ ଜନମ
ବିଶ୍ୱ ସାରସ୍ୱତ ସ୍ରଷ୍ଟା ଅନ୍ୟତମ।

ଭାରତୀୟ ସଂସ୍କୃତି ଓ ପରମ୍ପରା
ବିଶ୍ୱ ସାହିତ୍ୟେ ସମୃଦ୍ଧ କଲ ପରା।

ପଥିତଯଶା ଅଦ୍ୱିତୀୟ ଭାସ୍କର
ବିୟୋଗେ ସାହିତ୍ୟାକାଶ ଅନ୍ଧକାର।

ଆଧ୍ୟାତ୍ମିକ କ୍ଷେତ୍ରେ ତୁମ ଅବଦାନ
ଜାତି ସଦା ତାହା କରିବ ମନ୍ଥନ।

ଓଡ଼ିଆ ଜନ ଜୀବନ ରୂପ କାର
ଦିଗଦର୍ଶକ, ସ୍ରଷ୍ଟା ହେ କଥାକାର।

ଅତୀନ୍ଦ୍ରିୟ ଜଗତ ଦିବ୍ୟ ଚେତନା
କରିଥିଲା ଅହରହ ଆନମନା।

ଶ୍ରୀ ଅରବିନ୍ଦଙ୍କ ଯୋଗ ଓ ଦର୍ଶନେ
ଓତପ୍ରୋତ ଜଡ଼ିତ ରହିଣ ତୁମେ।

ସରଳ ଓ ସାବଲୀଳ ଭାଷା ତୁମ
ସବୁରି ହୃଦେ ସୃଷ୍ଟେ ବିଭୂ ପ୍ରେମ।

ଅବର୍ଣ୍ଣନୀୟ ତୁମର ଅବଦାନ
ଉପାଧିମାନ ଯା କରନ୍ତି ଗାୟନ।

ଜାତୁଲ୍ୟମାନ ତୁମ କୃତି ସମ୍ଭାର
କାଳବକ୍ଷେ ନିଶ୍ଚେ ରହିବ ଅମର।

ତୁମ ତିରୋଧାନେ ସାହିତ୍ୟ ଜଗତ
ମ୍ରିୟମାଣେ ହୋଇଛି ଭୂଲୁଣ୍ଠିତ।

ଆହେ ଚିରନମସ୍ୟ ମନୋଜ ଦାସ
ଏ ସୃଷ୍ଟିକୁ ଫେର ହେ ଯୁଗ ପୁରୁଷ।

+ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

## କବିତା କୋଣାର୍କ

### ହାରିବି କାହିଁକି ...

**ରତ୍ନାକର ରାଉତ**

ହାରିବି କାହିଁକି ହାରିବାତ
ମୋର ଜାତକରେ ନାହିଁ ଲେଖା,
ଜିତିବା ମୋର ଜୀଇଁବାର ଭାଷା
ବାଜି ହାରିବାଟା ମୃତ୍ୟୁର ପରିଭାଷା।

ଜିତିବାର ଆଶା ନେଇ ମୁଁ ଖେଳୁଛି
ଜୀବନରେ ଯେତେ ଖେଳ
ହାରିବାର ଭୟ ଥରେ ସଂକ୍ରମିଲେ
କାଳ ରଚିଦେବ ମୃତ୍ୟୁର ପଟୁଆର।

ମୃତ୍ୟୁର ଭୟ ପାରିନାହିଁ କେବେ
ରୋକି ମୋ ଯାତ୍ରା ପଥ,
ସବୁ ପ୍ରତିରୋଧ ପ୍ରତିହତ କରି
ଦର୍ପିତ ପଦେ ଚାଲିଛି ଆଗକୁ
ଶଙ୍କିତ ମୃତ୍ୟୁ କରିଛି ବିବଶେ
କେତେବାର ମୋ ପଦରେ ମଥାନତ।

ଜନମ ହୋଇଲେ ମୃତ୍ୟୁ ସତ୍ୟ
ପାରିଛିକି' କିଏ ସୃଷ୍ଟିର ନିୟମ ଟାଳି
ଯାଆ ଅନିଶ୍ଚିତ ତାକୁ ଭୁଲିଯାଇ
ଦେବା ନାହିଁ କିଆଁ ସମୟ ସୁଅରେ
ଜୀବନ ନଉକା ମେଲି।

### ପ୍ରେମ ଓ ପ୍ରତିକ୍ଷା...

**ଦୁଷ୍ମନ୍ତ ବେହେରା**



ଏ କୂଳେ ରଜନୀ ପାହେ
ସେ କୂଳେ ଗୋଧୂଳି ଝୁଲେ
ଏ ତ ସମୟର ଖେଳ ଖେଳିଲ
ମୋ ଦଦରା ପ୍ରେମ ଭସେଇ ଦେଲ !

କାନ୍ଥ ଶୀଉଳି ପରି ମୋ ସ୍ୱପ୍ନକୁ
ଲଗେଇ ଦେଲ ରଙ୍ଗ
ଲିଭେଇ ପାରନ୍ତି ଯଦି ମନରୁ
ତୁମକୁ ନଥାନ୍ତା ମନେ ଦାଗ !

ହସି ସହି ଫୁଲ ନେଲ
ଲାଜେଇ ପ୍ରେମ କଲ
ନୟନେ ଲେଖିଲ ନାମ
କ'ଣ ହେଲା ଯେ ତୁମର !

ମନ ଚିରି ଆତ୍ମାକୁ ଜାଳିଲ
ହୃଦୟ କୁ ଦେଲ ଦଣ୍ଡ
ମୁଁ ତୁମକୁ ବୁଝିବା ଆଗରୁ
ହସି ସହି ଭସେଇ ଦେଲ !

ଉଚ୍ଚ ସ୍ୱପ୍ନ ଦେଖେଇ
ନୀଚ ରାଇଜେ ଛାଡି ଦେଲ
ଭବିଷ୍ୟତ ଏଠି କୂଳ ପାଉନାହିଁ
ଆଖି ଶ୍ରାବଣ ଧାରାର ଲୁହ !

ଭଲ ପାଉଥିଲ ମୋତେ
ମୋ ଶରୀର କ'ଣ ଭୁଲ ଥିଲା
ଚେହେରା ଚିରିବା ଆଗରୁ
ମନ କୁ ଜାଳିଲ ଆଗ !

ଖେଳିବାର ଥିଲା ଯଦି
ମୋ ସହିତ ଖେଳିଥାନ୍ତ
ମୋ ବିଶ୍ୱାସ ଆଶା ସହିତ
ଖେଳି ଦେଲ ତୁମେ !

ନିଜର ହୋଇ ପର ପରି
ଖେଳି ଦେଇ ଗଲ ତୁମେ
ଏତିକି ବାଧିଲା ଜୀବନର
ମୂଲ୍ୟ ବୁଝିପାରିଲନି ତୁମେ !

ଚିହ୍ନିବା ଆଗରୁ ଚିହ୍ନେଇ ଦେଲ
ରୂପ ତୁମର ଚାହାଣୀ ଛଳନା
ଝାସ୍ପା ମିଛେଇକୁ ମେକପ
ଚେହେରା ଛବି ଅଭିଯୋଗ ରାଣୀ !

ଏ ସଜ୍ଜା ଠାରୁ କଷ୍ଟ ଲାଗେ ତୁମ
ନିରବତାରେ ଭସେଇ ଦେବା
କଳଙ୍କିତ ଜୀବନକୁ ସଜାଡିବା
ଆଗରୁ ଜୀବନର
ମାନେ ମୂଲ୍ୟହୀନ!

ଜଣା ନଥିଲା ତୁମ ସୀନ୍ଦୁର
ମୋ ପାଇଁ ଅତିଥି
ମୋ ସହର ତ ଏମିତି ତୁମ
ପ୍ରଥମ ଦେଖାର ବାଟୋଇ !

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪



## ● ଧାରାବାହିକ ଆତ୍ମଜୀବନୀ ●

ଭାଗ-୧୪

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

ରମାକାନ୍ତ ବେହେରା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୋର ଆଉ ଏକ ବିଶେଷ ପ୍ରବନ୍ଧ ସଂକଳନ ହେଲା - 'ଜାତୀୟ ଲଜ୍ଜା ଓ ଅନ୍ୟାନ୍ୟ ପ୍ରବନ୍ଧ'। ଏଥିରେ ଶ୍ରୀଜଗନ୍ନାଥ ଚେତନା ଉପରେ ତିନୋଟି ପ୍ରବନ୍ଧ, ତିନିଜଣ ରାଷ୍ଟ୍ର ପୁରୁଷଙ୍କ ଜୀବନ ସାଧନାରେ ସଂକ୍ଷିପ୍ତ ଅଥଚ ପ୍ରଭାବଶାଳୀ ଆଲୋଚନା, ଆମର ସ୍ଖଳିତ ଜାତୀୟ ଚରିତ୍ର, ଦେଶପ୍ରେମ ଭିତ୍ତିକ କିଛି ଆଲୋଚନା, କିଛି ସ୍ମରଣୀୟ ପୁସ୍ତକର ଆଲୋଚନା, ଧ୍ୱନି ପ୍ରତିଧ୍ୱନିରେ ପ୍ରକାଶିତ ଧାରାବାହିକ 'କାହିଁକି ଲେଖେ', ମନୋଜ ଦାସଙ୍କୁ ଲିଖିତ ସ୍ମରଣୀୟ ପତ୍ର, ତାଙ୍କର ଉତ୍ତର, ଆମେରିକାରେ ପଢୁଥିବା ଜଣେ ଅଜଣା ଛାତ୍ରଙ୍କୁ ଦିଗଦର୍ଶନ, ଫକୀରମୋହନ, ଗାନ୍ଧୀଙ୍କ ଉପରେ କିଛି ଚର୍ଚ୍ଚା, ଆଧ୍ୟାତ୍ମିକ ଚେତନା ଭିତ୍ତିକ ଏକ ଦୀର୍ଘ ଇଂରାଜୀ ପ୍ରବନ୍ଧ ରହିଛି। ଏଥିରେ ଏକ ଭ୍ରମଣ କାହାଣୀ ରହିଛି, ପାଣ୍ଡବ ଘେରା ନାମରେ ବାଗୁଡ଼ି ନିକଟବର୍ତ୍ତୀ ଏକ ପାହାଡ଼ ବୁଲିବା ଅବସରରେ କିଛି ପ୍ରତ୍ୟକ୍ଷ ଅନୁଭୂତିକୁ ନେଇ 'ଆଳୁଖୋଲା ମହାଦେବ ଦର୍ଶନ' ଲେଖାର ପରିକଳ୍ପନା, ପ୍ରକୃତିର ଅପରୂପ ଦୃଶ୍ୟାବଳୀ ସହ ମାନବ ଚରିତ୍ରର ଅନ୍ତର୍ଚିତ୍ର ବେଶ୍ ପ୍ରାଣଛୁଆଁ ଭାଷାରେ ବର୍ଣ୍ଣିତ।

ଶୀର୍ଷକ ନାମରେ ଥିବା ପ୍ରବନ୍ଧଟି ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଓଡ଼ିଆ ମାଟିର ଆତ୍ମାର ବେଦନା ରହିଛି। ସୀମା ନିର୍ଦ୍ଧାରଣ ବେଳେ ରାଜନୀତିର ମାରବେଞ୍ଚରେ ଓଡ଼ିଶାର ବିସ୍ତୃତ ଅଞ୍ଚଳ ବଙ୍ଗଳାରେ ରହିଛି। ସେଠାରେ ଥିବା ଲକ୍ଷ ଲକ୍ଷ ଓଡ଼ିଶା ନିଜର ସ୍ୱାଭିମାନ ଭୁଲି ଓଡ଼ିଆତ୍ୱକୁ ବିସର୍ଜନ ଦେଇ ଓଡ଼ିଆ ପରିବର୍ତ୍ତେ ବଙ୍ଗଳାକହି ନିଜକୁ ବଙ୍ଗାଳୀ ବୋଲି ଗର୍ବ କରନ୍ତି, କିନ୍ତୁ କିଛି ବଙ୍ଗାଳୀ ପରାଧୀନ ଯୁଗରେ ଓଡ଼ିଆରେ ଶହଶହ ବର୍ଷ ରହିଥିଲେ ମଧ ନିଜର ମାତୃଭାଷା ଭୁଲି ନାହାନ୍ତି। ଅଥଚ ଆମର ସ୍ୱାକ୍ଷରଠାରୁ ନିମନ୍ତ୍ରଣ ପତ୍ର, ବିଜ୍ଞାପନ (ସାଇନବୋର୍ଡ଼) ନାମଫଳକ ସବୁଥିରେ ଇଂରାଜୀର ପ୍ରାଧାନ୍ୟ। ରାଜରାଣୀଙ୍କ ପାଦତଳେ ଚାକରାଣୀ ଭଳି କ୍ୱଚିତ୍ ଇଂରାଜୀ ତଳେ କ୍ଷୁଦ୍ର ଓଡ଼ିଆ ଅକ୍ଷର ଥାଏ। ଘରେ ଘରେ ମମି, ଡାଡି, ଅଙ୍କଲ, ଆଣ୍ଟି ପ୍ରୟୋଗ। ଇଂରାଜୀ ମଦ-ମତ୍ତ ଆମ ମୂର୍ଦ୍ଧନ୍ୟଙ୍କ ନିଦ ଭାଙ୍ଗୁନାହିଁ। ଏହାଠୁ ଅଧିକ ଜାତୀୟ ଲଜ୍ଜା ଆଉ କଣ ଅଛି।

'ଓଡ଼ିଆ ସାହିତ୍ୟ : କିଛି ବିଚାର କିଛି ଆଲୋଚନା' - ସାହିତ୍ୟ ଓ ସାହିତ୍ୟକାରଙ୍କ ଉପରେ ପନ୍ଦରଟି ପ୍ରବନ୍ଧର ଏକ ସମାହାର। ବିଭିନ୍ନ ସମୟରେ ପ୍ରବନ୍ଧ ଗୁଡ଼ିକ ଲିଖିତ। ଏଥିରେ ପ୍ରଥମେ ସାହିତ୍ୟ ଓ ସାହିତ୍ୟ ସୃଷ୍ଟି ସାଧନାର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଛି। ପ୍ରଥମ ପ୍ରବନ୍ଧ 'ସାହିତ୍ୟର କଲ୍ୟାଣ ଚେତନା' ଏକ କଳାତ୍ମକ ରଚନା ଯାହା ମନୋଜ ଦାସଙ୍କ ମୁଗ୍ଧ କରିଥିଲା। ମୋର ଜୀବନର ଏକ ସାର୍ଥକ ସୃଷ୍ଟି।

ପରବର୍ତ୍ତୀ ପ୍ରବନ୍ଧ 'ଲେଖକର କେତେ ଯେ ସ୍ୱପ୍ନ' ମଧ ଏକ ଚିରାୟତ ସର୍ଜନାତ୍ମକ ସୃଷ୍ଟି।

'ଗାନ୍ଧିଜୀଙ୍କ ବିଚାରରେ ଇଂରାଜୀ' ମଧ ଏକ ଉତ୍କୃଷ୍ଟ ଗବେଷଣାତ୍ମକ ରଚନା। ଲେଖକଙ୍କ ମନର ସ୍ୱପ୍ନ କିପରି ବିଶ୍ୱଜୀବନ ସ୍ଥିତିର ସଞ୍ଜିବନୀ ସୁଧା ତାହା ଆଲୋଚନା କରିଛି। ଓଡ଼ିଆ ଭାଷାସାହିତ୍ୟର ସମସ୍ୟା ଓ ସଂକଟ ଏବଂ ତାର ଏଥିରେ ସମାଧାନ ନେଇ ଦୀର୍ଘ ଆଲୋଚନା ମଧ କରିଛି। ଇଂରାଜୀର ପ୍ରାଧାନ୍ୟ କିପରି ଆମର ସ୍ୱାଭିମାନର ଏକ କଳଙ୍କ ତାର ସଦୃଷ୍ଟାନ୍ତ ଆଲୋଚନା କରିଛି। ଆଧୁନିକ କବିତା ଓ ଜନଜୀବନ, ସତ୍ୟବାଦୀ ଯୁଗର ଜାତୀୟ ଓ ମାନବବାଦୀ ଚେତନା, ଭୀମଭୋଇଙ୍କ ଆଧ୍ୟାତ୍ମିକ, ବୈପ୍ଳବିକ ସଂସ୍କାର ଦୃଷ୍ଟିଭଙ୍ଗୀ ରାଧାନାଥଙ୍କ ରଚନାରେ ପ୍ରକୃତି ଓ ଦେଶପ୍ରେମର ଆନ୍ତରୀଣ ପ୍ରାଣପ୍ରବାହ, ସ୍ୱାଧୀନତା ଆନ୍ଦୋଳନରେ ଲୋକ କବି ବାଞ୍ଛାନିଧି ମହାନ୍ତିଙ୍କ ଗୀତି କବିତାର ପ୍ରଭାବ, ଗଣ ଜୀବନ ପୃଷ୍ଠଭୂମିରେ ମହତାବଙ୍କ ସର୍ଜନ ସାଧନାର ସ୍ୱରୂପ, ଆମ ଲୋକ ସାହିତ୍ୟକୁ ଗୀତିନାଟ୍ୟ ଓ ସୁଆଙ୍ଗର ଅବଦାନ, ଅଜ୍ଞାତ ସାରସ୍ୱତ ସାଧକ ଅବଦୁଲ ରହିମଙ୍କ ସୃଷ୍ଟି ସମ୍ଭାର ଉପରେ ଆଲୋଚନା ଆଧୁନିକ ଓଡ଼ିଆ ସାହିତ୍ୟରେ ଚେତନା ପ୍ରବାହର ଏକ ଆକଳନ ସହ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଖ୍ୟାତ, ଅଖ୍ୟାତ ଔପନ୍ୟାସିକଙ୍କ ସୃଷ୍ଟି ସମ୍ଭାର ଉପରେ ଏ ପୁସ୍ତକଟିରେ ଆଲୋଚନା କରାଯାଇଛି।

ଓଡ଼ିଶାରେ ଉତ୍ତର ବାଲେଶ୍ୱର ବିଶେଷତଃ ଭୋଗରାଇ ଏକ ବିଶେଷ ଭୂମିକା ରହିଛି। କିନ୍ତୁ ଏହା ଉପରେ କିଛି ବିକ୍ଷିପ୍ତ ଆଲୋଚନା ବ୍ୟତୀତ ଏକ ବିଶେଷ ଗ୍ରନ୍ଥ କେହି ରଚନା କରିନାହାନ୍ତି ଯଦିଓ ଭୋଗରାଇରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଐତିହାସିକଙ୍କ ସମେତ ଇତିହାସର ବହୁ ପ୍ରଫେସର ଥିଲେ, ଏବେବି ଅଛନ୍ତି। ମୋ ଜନ୍ମସ୍ଥାନ ଭୋଗରାଇ ଗାଁ, ମୁଁକିନ୍ତୁ ଐତିହାସିକ ନୁହେଁ, ତଥାପି ଆଧୁନିକ ଓଡ଼ିଶାର ଭାଗ୍ୟ ନିର୍ମାତା ଡ. ମହତାବ ତଥା ବାଲେଶ୍ୱର ବିଶିଷ୍ଟ ଚିକିତ୍ସକ ଡାକ୍ତର ବିଜୟ ଗିରିଙ୍କ ଠାରୁ ପ୍ରେରଣା ପାଇଥିଲି। କାହିଁକି କେବଳ ସୁବର୍ଣ୍ଣରେଖା ନଦୀର ଉଭୟ ପାର୍ଶ୍ୱ ବିଶେଷତଃ ବାଲେଶ୍ୱରଠାରୁ ମେଦିନୀପୁର ତଥା ସବୁଦ୍ରଠାରୁ ରାଇବଣିଆ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ରାଜୁମାନେ ଅଧିକ ସଂଖ୍ୟାରେ ବାସ କରନ୍ତି ? ଉଭୟଙ୍କ ଏ ଜିଜ୍ଞାସାର ଯଥାର୍ଥ ଉତ୍ତର ପାଇଁ କୌଣସି ଗବେଷଣାତ୍ମକ ଲେଖା ପ୍ରାୟ ନାହିଁ।

ମୁଁ ଐତିହାସିକ ନ ହେଲେବି ଯୋଗ୍ୟମାନେ ନୀରବ ଥିବାରୁ ମୁଁ ଲେଖନୀ ଚଳାଇବାକୁ ବାଧହେଲି। ଭୋଗରାଇ ଗାଁ ତଥା ଅଞ୍ଚଳର ନାମ, ଐତିହାସିକ, ଭୌଗଳିକ ପୃଷ୍ଠଭୂମି, ଅତୀତକୀର୍ତ୍ତି, ଅତୀତ ଓ ବର୍ତ୍ତମାନର ସାରସ୍ୱତ ସାଧକ, ସ୍ୱାଧୀନତା ସଂଗ୍ରାମୀ ଓ ସହିତ ତଥା ଭୋଗରାଇ ଅଧିଷ୍ଠାତ୍ରୀ ଦେବୀ ମା,' ବାଶୁଳୀ ଦେବୀଙ୍କ ମନ୍ଦିର ନିର୍ମାଣ, ଦେବୀଙ୍କ ଆବିର୍ଭାବ, ସମୁଦ୍ର ବେଳାର ଗୌରବ, ତଥା ଅଞ୍ଚଳର ଶିକ୍ଷା, ସଂସ୍କୃତି, ଜୀବନଜୀବିକା ଇତ୍ୟାଦି ବିଭିନ୍ନ ଦିଗ ଉପରେ ଯଥାସମ୍ଭବ ପ୍ରାମାଣିକ ତଥ୍ୟ ସଂଗ୍ରହ କରି 'ମୋ ଜନ୍ମମାଟି ମୋ ଗୌରବ' ନାମରେ ଏକ ପୁସ୍ତକ ୨୦୧୯ରେ ପ୍ରକାଶ କଲି।

'ଅଜାଙ୍କ ବିଜ୍ଞାନ ଚର୍ଚ୍ଚା' : ଶୀର୍ଷକରେ ଏକ ଧାରାବାହିକ ଲେଖା ଶିଶୁ କିଶୋରଙ୍କ ପାଇଁ ବାରିପଦାରୁ ପ୍ରକାଶ ପାଉଥିବା ଡ. ରାମଚନ୍ଦ୍ର ଦେଓଙ୍କ 'ପରଶମଣି' ପତ୍ରିକାରେ ପ୍ରକାଶ କରି ଚାଲିଛି। ତାର ଏକ ସଂକଳନ ପ୍ରକାଶ ଅପେକ୍ଷାରେ ରହିଛି। ଅଜା ନାତି ନାତୁଣୀମାନଙ୍କୁ ସଂକ୍ଷେପରେ ମାନବ ସଭ୍ୟତାର ଆଦ୍ୟ ଆବିଷ୍କାର ପାଖରୁ ପରବର୍ତ୍ତୀ ଅନ୍ୟପ୍ରାୟ ସମସ୍ତ ମୌଳିକ ଆବିଷ୍କାର/ ଉଦ୍ଭାବନ ଭାରତୀୟ ଋଷିମାନଙ୍କର ଅବଦାନ ବୋଲି ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ନାତି ନାତୁଣୀ ଅର୍ଥାତ ଆମ ଉତ୍ତର ପିଢ଼ିଙ୍କ ମନରେ ଗୌରବ ତଥା ଦେଶାତ୍ମବୋଧ ସୃଷ୍ଟି ପାଇଁ ସରଳ ପ୍ରାଣଛୁଆଁ ଭାଷାରେ ନାଟକୀୟ ଉତ୍କଣ୍ଠା ରଖି ଅଜାଙ୍କ ମୁଖରେ ପ୍ରକାଶ କରିଛି। ବୋଧେ ଆମ ସାହିତ୍ୟରେ ଜ୍ଞାନ ଭିତ୍ତିକ ଶିଶୁ ସାହିତ୍ୟ ବିଶେଷତଃ ଭାରତୀୟ ଋଷି ବିଜ୍ଞାନୀଙ୍କ ଉପରେ ଏଭଳି ଲେଖା ପ୍ରଥମ ପ୍ରୟାସ।

ସ୍ୱାତୀ ଓ ଶାମୁକା ସମ୍ବାଦ : ମୁଁ ପଢ଼ିଥିବା ଉଚ୍ଚ ବିଦ୍ୟାଳୟ 'ଜଳେଶ୍ୱରପୁର' ଉତ୍ତର ବାଲେଶ୍ୱର ଏକ ପ୍ରାଚୀନ ଶିକ୍ଷାନୁଷ୍ଠାନ, ତାର ହୀରକ ଜୟନ୍ତୀ ୨୦୦୦ ମସିହାରେ ପାଳିତ ହୋଇଥିଲା, ସେଥିପାଇଁ ଏକ ଭବ୍ୟ ସ୍ମରଣିକା ପ୍ରକାଶ ପାଇଥିଲା, ସେଥିରେ 'ସ୍ୱାତୀ ଓ ଶାମୁକା ସମ୍ବାଦ' ନାମରେ ମୋର ଏକ ପ୍ରବନ୍ଧ ଥିଲ। ସେଇ ନାମ ଅନୁସାରେ ମୋର ଆତ୍ମଜବନୀ ଟି ପ୍ରକାଶ ଅପେକ୍ଷାରେ ଅଛି।

ମୁଁ ଜାଣେ ମୁଁ ଜଣେ ଅସାଧାରଣ ଯୁଗପୁରୁଷ ନୁହେଁ। ଜୀବନସାରା ଦୁର୍ଭାଗ୍ୟ ମୋର ସାଥୀ। ଏହା ଅବଶ୍ୟ ଯୋଗଜନ୍ମାଙ୍କୁ ଦଗ୍ଧକରି ଶୁଦ୍ଧ ସୁବର୍ଣ୍ଣରେ ପରିଣତ କରେ। ମାତ୍ର ମୋ କ୍ଷେତ୍ରରେ ସେ ଗୌରବ 'ଦିଲ୍ଲୀ ଦୂର ଅସ୍ତ'। ତେଣୁ ନିଜ ମୁହଁକୁ ନିଜେ ଦର୍ପଣରେ ଦେଖିଲା ଭଳି ଏଲେଖାରେ ଯଥା ସମ୍ଭବ ମୋର ସ୍ମୃତି ଦର୍ପଣରେ ନିଜକୁ ଅଧ୍ୟୟନ କରିଛି। ମୋର କବିତା ସଂକଳନ ଯୌବନର ସଙ୍ଗୀତରେ ପ୍ରକାଶିତ 'ଆତ୍ମାନୁଭବ' କବିତାରେ ମୋର ଶୈଶବ ସ୍ମୃତିରୁ ଏ ଯାବତ୍ ବିଷାଦମୟ ବେଦନା ଅନୁରଣିତ ହୋଇଛି। ୧୯୪୨ ଅକ୍ଟୋବର ୧୬ରେ ଉତ୍ତର ବାଲେଶ୍ୱର ଓ ମେଦୀନପୁର ବିଧ୍ୱସ୍ତ ହେବାର ଦଶଦିନ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୫ ତାରିଖରେ ମୋର ଜନ୍ମ। ପରବର୍ତ୍ତୀ ବର୍ଷ ପ୍ରଳୟଙ୍କରୀ ବନ୍ୟା, ତା' ପରବର୍ଷ ୧୯୪୪ରେ ଦୁର୍ଭିକ୍ଷ ଏ ଅଞ୍ଚଳକୁ କଙ୍କାଳସାର କରିଥିଲା। ଏହା ମୋ ସ୍ମୃତି ପୂର୍ବରୁ ଘଟନା, ତାପରେ ପାରିବାରିକ ବିପତ୍ତି ଆହୁରି ହୃଦୟ ବିଦାରକ, ଚବିଶ ବର୍ଷର ବଡ଼ ଭାଇଙ୍କ ଅକାଳ ମୃତ୍ୟୁ, ପିତାମାତାଙ୍କ ପୁତ୍ର ଶୋକ, ଅସୀମ ଦୁଃଖ, ଅଭାବଗ୍ରସ୍ତ ବାଲ୍ୟଜୀବନ ଏବଂ ପରବର୍ତ୍ତୀ ଜୀବନରେ ନିଜର ସାହିତ୍ୟ ସାଧନା ସହ ଅବଦୁଲ ରହିମଙ୍କ ଗ୍ରନ୍ଥାବଳୀ ପ୍ରକାଶ ତଥା ବାଶୁଳୀ ଠାକୁରାଣୀଙ୍କ ସଂପତ୍ତି ସୁରକ୍ଷା ପାଇଁ ବାରବର୍ଷ ହାଇକୋର୍ଟରେ ଲଢ଼େଇ, କାଳପୁରୁଷର ରକ୍ତ ଚକ୍ଷୁର ଶିକାର ହୋଇ ଖଲ୍ଲିକୋଟକୁ ନିର୍ବାସନ, ଛାତିରେ ତାଙ୍କ ବନ୍ଧୁକର ଗୁଳି ବାଜିବା ପୂର୍ବରୁ ଜୀବନରକ୍ଷା ଇତ୍ୟାଦି ଅନୁଭୂତିକୁ ଯଥତସମ୍ଭବ ଲିପିବଦ୍ଧ କରିଛି। ସାଧନାର ସ୍ମୃତି ଯଥାସମ୍ଭବ ଲିପିବଦ୍ଧ କରିଛି।

ସାରାଜୀବନ କଠୋର ସଂଘର୍ଷ ମଧ୍ୟରେ ବିତାଇ ଏବେ ଜୀବନର ସାୟାହ୍ନରେ ସ୍ତ୍ରୀକୁ ହରାଇଛି, ତା' ପୂର୍ବରୁ ପୁଅ ବୋହୂ ନାତିକୁ ନେଇ ସ୍ୱଇଚ୍ଛାରେ ଗୃହତ୍ୟାଗୀ ହୋଇଛନ୍ତି। ବାଲେଶ୍ୱର ନିବାସକୁ କେବଳ ମୁଁ ରହୁଥିବା ମହଲାକୁ ବାଦ ଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଦାନ କରିଦେଇଛି। ଶୂନ୍ୟ ଶୂନ୍ୟ ସଂସାର। ଯଥାସମ୍ଭବ ବିଭିନ୍ନ ଘଟନାବଳୀ, ଅନୁଭୂତିକୁ ସ୍ମୃତିରୁ ଓଟାରି ଆଣୁଛି, କିନ୍ତୁ ଅଧିକ ବିସ୍ମୃତିରେ ହଜି ଯାଇଛି। ଘୋର ତମସାଚ୍ଛନ୍ନ ଅନ୍ଧାର ରାତିରେ ବି ବିଜୁଳିର ଝଲକ ଥାଏ, ଅନ୍ଧାର ସହ ଆଲୋକର କୋଳାକୋଳି ମଧ୍ୟରେ ଯଥାସମ୍ଭବ ଜୀବନକୁ ଚିହ୍ନିବାକୁ ଜାଣିବାକୁ ଚେଷ୍ଟା କରିଛି। ତାରି ସ୍ୱାକ୍ଷର ହେଲା 'ସ୍ୱାତୀ ଓ ଶାମୁକା ସମ୍ବାଦ' ଆତ୍ମଜୀବନୀ'।

ଏବେ ମୁଁ ସର୍ବଶୂନ୍ୟ ସମ୍ରାଜ୍ୟର ସମ୍ରାଟ। ଲେଖନୀ ବନ୍ଦ ହୋଇନାହିଁ, ଏବେବି ସଚଳ, ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ଶେଷ ନିଃଶ୍ୱାସ ଯାଏଁ-ସାହିତ୍ୟ ସାଧନା ପ୍ରବାହମାନ ଥାଉ।

(ସମାପ୍ତ)

+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬

## ● ଆଜିର ଗଳ୍ପ ●



ଲଳିତ ମୋହନ ମିଶ୍ର
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଚନ୍ଦ୍ରଗିରି, ଗଜପତି
୯୪୩୭୯୮୫୮୬୬

# ନିରାଶ୍ରୟଂ ମା...



ସୂର୍ଯ୍ୟ ପଶ୍ଚିମାକାଶରେ କେତେବେଳୁ ବୁଡି ଗଲେଣି । ସନ୍ଧ୍ୟା ଯାଇ ରାତ୍ରିର ଆଗମନ । ଢୋଲ ମୃଦଙ୍ଗ ଘଣ୍ଟ କାହାଳୀରେ ସନ୍ଧ୍ୟା ଆଳତିରେ ପ୍ରକମ୍ପିତ ହେଉଥାଏ ମନ୍ଦିର । ଠାକୁରଙ୍କ ନାମ ଭଜନ କୀର୍ତ୍ତନରେ ମଜ୍ଜି ଯାଇଛନ୍ତି ଭକ୍ତବୃନ୍ଦ । ସନ୍ଧ୍ୟା ଆଳତି ପରେ ଠାକୁର ଦର୍ଶନ । ଭକ୍ତ ବ୍ୟାକୁଳତାର ସହିତ ପ୍ରତୀକ୍ଷା କରିଛନ୍ତି ଦର୍ଶନ ପାଇଁ । ପୂଜା ମଣ୍ଡପ ଅଦୂରରେ ଷଡଙ୍ଗୀ ପଣ୍ଡିତଙ୍କ ଘର। ଏପଟେ ଠାକୁର ଦର୍ଶନ କରିବାକୁ ଭକ୍ତଙ୍କ ସମାବେଶ । ସେପଟେ ଷଡଙ୍ଗୀ ପଣ୍ଡିତଙ୍କ ଦୁଆରେ ଜନ ସମାଗମ । ଏତେ ଲୋକ ପଣ୍ଡିତଙ୍କ ଦୁଆରେ କାହିଁକି ଗଦା ହୋଇଛନ୍ତି ବୁଝି ହେଉ ନ ଥାଏ । ସବୁ ଚିନ୍ତା ଚେତନାକୁ ଉର୍ଦ୍ଧ୍ୱରେ ରଖି ଗହଳି ମଧ୍ୟକୁ ପ୍ରବେଶ କଲି । ଯାହା ଦେଖିଲି ବିଶ୍ୱାସ କରି ପାରିଲି ନାହିଁ...

ଷଡଙ୍ଗୀ ପଣ୍ଡିତେ ଆଖ ପାଖ ଦଶ ଖଣ୍ଡ ଗାଁରେ ଭାରି ଜଣାଶୁଣା । ପୂଜାର୍ଚ୍ଚନା ହେଉ, ଖଡି ପାଂଜି ହେଉ ଅବା ଶ୍ରାଦ୍ଧ ମଉଳା । ନହେଲେ ଲୋକଙ୍କର ସୁଖ ଦୁଃଖରେ ଭାଗିଦାର । ଏ ସମସ୍ତ ବିଷୟରେ ଲୋକମାନେ ଷଡଙ୍ଗୀ ପଣ୍ଡିତଙ୍କୁ ଲୋଡନ୍ତି । ଷଡଙ୍ଗୀ ସାରେ ମଧ ଚାକିରୀରେ ଥିଲାବେଳେ କେତେ ଉତ୍ତମ ଛାତ୍ର ସୃଷ୍ଟି କରିଛନ୍ତି । ତାଙ୍କର ଛାତ୍ରଛାତ୍ରୀମାନେ ନାମ କମାଇଛନ୍ତି ଦେଶ ବିଦେଶରେ । ତେଣୁ ଅଭିଭାବକ ଅଭିଭାବିକା ଏବଂ ସର୍ବୋପରି ତାଙ୍କଠାରୁ ଜ୍ଞାନ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନେ ତାଙ୍କୁ ବେଶୀ ଆଦର କରନ୍ତି ।

ସାରଙ୍କର ଦୁଇଟି ପୁଅ - ଦିପୁନ, ସିପୁନ୍ । ଦିପୁନ୍ ଚମଡା ଇଂଜିନିୟରିଂ କରି ପୋଷ୍ଟିଂ ପାଇଛି ମାଲେସିଆରେ । ସିପୁନ୍ ହାର୍ଡୱେର ଇଞ୍ଜିନିୟର ଭାବରେ ଆମେରିକାରେ । ଯେ ଯାହାର କର୍ମମୟ ଜୀବନରେ ବ୍ୟତିବ୍ୟସ୍ତ । ଯେ ଯାହାର ପ୍ରତିପତ୍ତି ପ୍ରତିଷ୍ଠା ପାଇଁ ଜୀବନସାଥୀ ନିଜେ ବାଛି ନେଇଛନ୍ତି । ବାପା ମାଆଙ୍କର ଅପୌଚାରିକତା ଦୃଷ୍ଟିରୁ.... ପୁଅଙ୍କର ବିବାହ କାର୍ଯ୍ୟ ସଂପାଦନ କରିଥିଲେ। ଯେ ଯାହାର ପରିବାରକୁ ନେଇ ବିଦେଶରେ ।

ଚାକିରୀରୁ ଅବସର ନେଲା ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ପଣ୍ଡିତେ । ନିଜର କୌଳିକ ବୃତ୍ତିକୁ କିନ୍ତୁ ଛାଡି ନ ଥିଲେ । ଆଠ ଦଶ ଖଣ୍ଡ ଗାଁରେ ଲୋଡନ୍ତି ପଣ୍ଡିତଙ୍କୁ । ବୟସ ସଦାସର୍ବଦା ସାଥି ଦିଏ ନାହିଁ। ଘରେ ବୋଇଲେ ଦୁଇ ପ୍ରାଣୀ । ପୁଅମାନେ ତ ବିଦେଶରେ । ବୁଢୀର ହଠାତ୍ ଡାଇବେଟିସ୍ ବଢିଗଲା । ଡାକ୍ତରଖାନା ନେବା ଭିତରେ ହାର୍ଟ ଚୋକ୍ କରିଗଲା । ବୁଢୀ ପଣ୍ଡିତଙ୍କୁ ଏକା କରି ହାତ ଛାଡି ଆର ପାରିକୁ ଚାଲିଗଲା ।

ଅବଶ୍ୟ ଶରୀର ସାଙ୍ଗକୁ ମୃତ୍ୟୁର ଅବଧିଟା ଯେମିତି ଥକ୍କି ପଡିଛି ପଣ୍ଡିତଙ୍କ ପାଖରେ । ପଣ୍ଡିତେ ଏକା ହୋଇଯିବା ପରେ ଖାଇ ପିଇବା ସବୁଥିରେ ଅସୁବିଧା ହେଲେ । ବୁଢୀ ଚାଲିଯିବା ପରେ ଚିନ୍ତାଗ୍ରସ୍ତ ହୋଇ ପଡିଲେ । ଆଖିକୁ ଆଉ ଭଲ ଦେଖାଗଲା ନାହିଁ । ଏକାକୀ ହେବାର କଷ୍ଟ ସହିତ ଆଖିକୁ ନ ଦେଖା ଯିବାର କଷ୍ଟଟା ବଳିପଡିଲା । ଗଲା ସନ ଅପରେସନ ହୋଇଥିଲା ଯେ ଯେଉଁ କଥାକୁ ସେହି କଥା । କିଛି ଫରକ ପଡିଲାନି ଆଖିର ଅସ୍ତ୍ରୋପଚାରରେ ।

ମୁହଁ ସଞ୍ଜ । ଗାଆଁ ମନ୍ଦିରରୁ ଘଣ୍ଟା ଘଣ୍ଟିର ଶବ୍ଦ ଖେଳି ଯାଉଛି ଗାଁ ସାରା । ଆରାମ ଚୌକି ଉପରେ ଟିକେ ଚିନ୍ତାମଗ୍ନ ଅବସ୍ଥାରେ ବସିଛନ୍ତି ସାରେ । କଳରେ ପାନ ଖଣ୍ଡେ ଜାକି ଆଖି ପକାଇଲେ ପଡିଶା ଘର ଆଡକୁ । ସହଜେ ତ ସାଇ ପଡ଼ିଶାଙ୍କର କେତେ ହିଂସା । ଆଜି ଭଲ ତ କାଲି ମନ୍ଦ । ଗତକାଲି ପୁଅ ଭଲ ପାଠ ପଢୁଥିଲା ଯେ ଈର୍ଷାରେ ଜଳୁଥିଲେ ସେମାନେ । ଆଉ ଆଜି ଯେତେବେଳେ ପୁଅ ବିଦେଶରେ ରହୁଛି, ବଡ ଚାକିରୀ କରିଛି ସେତେବେଳେ ଦେଖି ସହି ପାରନ୍ତେ ବା କେମିତି ? ମୋର ପୁଅମାନଙ୍କ ଠାରୁ ଅଖିଳର ପୁଅ ଓ. ଏ.ଏସ୍ ପାଇ ତହସିଲଦାର ଅଛି ବିଷମ କଟକରେ ।

ପୁଅ ବୋହୂକୁ ନେଇ ଭାରି ଗର୍ବ ଅଖିଳର । ନାତି ନାତୁଣୀଙ୍କ କୋଳାହଳରେ ଅଗଣା ତାର ଭରପୁର । ଅଥଚ ଚିକିମିକି ଟାଇଲ ଖଞ୍ଜିତ ପଣ୍ଡିତଙ୍କ ଘର ଆଜି ଶ୍ରୀହୀନ । କେଇଖଣ୍ଡି ଇଟା ଓ ସିମେଣ୍ଟର ଆସ୍ତରଣ ଯାହା ବଢାଇ ଦେଉଛି ବାହ୍ୟ ସୌନ୍ଦର୍ଯ୍ୟ । ଭିତରଟା କିନ୍ତୁ ଫମ୍ପା । ପରିବାରର ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ବିନା କଣ କେବେ ଜୀବନ୍ୟାସ ପାଇପାରେ ନିର୍ଜୀବ ବାସଗୃହ ! ଶୂନ୍ୟ ପଡିଛି ଅଗଣା । ଫାଙ୍କା ପଡିଛି ବାରଣ୍ଡା । ଶୂନଶାନ ଏଠି ଘରର ପ୍ରତ୍ୟେକଟି କୋଣ ଅନୁକୋଣ ।

ନୀରବତାର ଛାତି ଚିରି ଦୁଇଟି ଅଗରବତୀ ସାଥେ ଘରୁ ବାହାରି ଆସିଲା ପାରୋ । ସିଏ ଅଛି ବୋଲି ସିନା ଦିଅଁ ଦେବତା ଟିକେ ପାଉଛନ୍ତି ପୂଜା । ନହେଲେ ବାସି ଘର ବାସି ହୋଇ ପଡି ରୁହନ୍ତା ପ୍ରତ୍ୟେକ ଦିନ । ପାଖ ଗାଆଁ ହରି ଗଉଡର ଝିଅ ପାରୋ । ବୟସ ଆସି ଚାଳିଶି ପାଖାପାଖି । ଫଗୁଣ ପରେ ଫଗୁଣ, ବସନ୍ତ ପରେ ବସନ୍ତ । ସବୁକିଛି ଚାଲି ଗଲେଣି ସେମାନଙ୍କ ବାଟରେ, ଅଥଚ ଆଜି ଯାଏଁ ମଉଳି ନାହିଁ ..... ତା ମନ ଉଦ୍ୟାନରେ ଲହରୀ ଖେଳୁଥିବା ସ୍ୱପ୍ନର ଫସଲ । ପାଣି ବୁନ୍ଦେ ମିଳିବାର ଆଶା ଯେମିତି ସାନ୍ତ୍ୱନା ଯୋଗାଇ ଛିଡା ହୋଇଛି ପତ୍ରଝଡା ବିରୁଦ୍ଧରେ । ଗରିବ ଘରେ ଜନ୍ମ ହେବାର ଯନ୍ତ୍ରଣାଟା ଯେମିତି ବଳି ପଡି ଯାଇଛି ତା ମଦ୍ୟପ ପିତାର ଜିଦ୍ ଆଗରେ । ବିବାହ ନିମନ୍ତେ ବାପା ତାର ସର୍ତ୍ତ ରଖିଛି କୋଡିଏ ହଜାର ଟଙ୍କା । ପାରୋକୁ ମିଶାଇ ଆହୁରି ତିନି ତିନିଟା ଝିଅ । ଝିଅ ନୁହଁନ୍ତି ତ ଗୋଟିଏ ଗୋଟିଏ ରୋଜଗାରର ମାଧ୍ୟମ ।

ବିବାହ ପାଇଁ ସ୍ୱପ୍ନ ଦେଖୁଥିବା ଆଖିଗୁଡିକ ବେଳେବେଳେ ବନ୍ୟାରେ ଧୋଇହୁଏ। ଉଚ୍ଛୁଳି ପଡେ ତାର ମନ ଇଲାକା । ଧଡ ଧଡ ହୁଏ ଛାତି । ତାରି ଭିତରେ ବଞ୍ଚିବା ପାଇଁ କୂଳ ଖୋଜନ୍ତି ସେମାନେ । ଏଇ କିଛି ବର୍ଷ ଭିତରେ ପାଞ୍ଚ କିମ୍ବା ଛଅଟି ପ୍ରସ୍ତାବ ଭାଙ୍ଗି ଯିବା ପରେ ଶେଷରେ ଗଜୁରି ଉଠିଛି ଛୋଟିଆ ସମ୍ଭାବନା ଟିଏ । ଏଇ ପକ୍ୱ ବୟସରେ କେହି ଜଣେ ଭଲପାଇ ବସିଛି ତାକୁ । ତା ବାପାର ସର୍ତ୍ତ ମୁତାବକ ରାଜି ଅଛି ଭରିବା ପାଇଁ କୋଡିଏ ହଜାର ଟଙ୍କା । ଅନେକ ସମୟରେ ପ୍ରତିବାଦର ଝଡ ସୃଷ୍ଟି ହୁଏ ତା ମନରେ । ତା ବାପା ବିରୁଦ୍ଧରେ । ଇଚ୍ଛା କରେ ପଚାରିବାକୁ ତା ବାପ ପଣିଆର ପ୍ରଶ୍ନ । ଚାହେଁ ଜାଣିବାକୁ ଝିଅ ମାନେ କଣ ପଣ୍ୟ ଦ୍ରବ୍ୟ ? ନା.... ବେପାରର ମାଧମ ? ନା... ତା ପାଇଁ ହାଣ୍ଡିଆ ଖରିଦ କରିବାର ଯୋଗାଡ ? ମଦ୍ୟପାନ କରି ରାସ୍ତାକଡ ନଳାରେ ପଡୁଥିବା ମଣିଷଠାରୁ ଆଉ କଣ ବା ଆଶା କରାଯାଇ ପାରେ !

ସଞ୍ଜ ହେଲେ ତାର ଡେରା ପଡେ ଗାଆଁ ମୁଣ୍ଡ ମଦଭାଟି ପାଖରେ । ଆଉ ଫେରେ ରାତି ଅଧରେ ସମସ୍ତଙ୍କ ଶୋଇଯିବା ପରେ। ଘରେ କିନ୍ତୁ ଖାଲି ପଡିଥାଏ ଚାଉଳ ବସ୍ତା, ଡାଲି ଡବା। ତେଲ ଲୁଣର ଅଭାବି ସଂସାରକୁ ବାଧ କରେ ପାରୋକୁ ଘରର ପାଇଟି କରିବା ପାଇଁ ପଣ୍ଡିତଙ୍କ ଘରେ ।

ପଣ୍ଡିତେ ଏକୁଟିଆ ମଣିଷ । ବାଆକୁ ବତା ପରି ପାରୋକୁ ଆଦରି ନେଇଛନ୍ତି ନିଜ ଝିଅ ପରି, ଦେଇଛନ୍ତି ଘରର ସମସ୍ତ ଦାୟିତ୍ୱ । ହାଟରୁ ପରିବା ଆଣିବା ଠାରୁ ରୋଷେଇ ଘର ଯାଏଁ ସବୁକିଛି ନ୍ୟସ୍ତ ତା ଉପରେ ।

ପେନସନ ଟଙ୍କା ତତ୍ ସଙ୍ଗେସଙ୍ଗେ ଯଯମାନିଆ କାମରୁ କିଛି ଟଙ୍କା ଯଥେଷ୍ଟ ସାର୍‌ଙ୍କ ପାଇଁ । ପଣ୍ଡିତଙ୍କ ପାଇଁ ରନ୍ଧା ହେଉଥିବା ବଳକା ଖାଦ୍ୟରେ ପୋଷି ହୋଇ ଯାଏ ସେମାନଙ୍କ ପେଟ। ତା ସାଙ୍ଗକୁ ମାସକୁ ମିଳୁଥିବା ଦରମା ଗଣ୍ଡାକରେ ପୂରଣ ହୋଇଯାଏ ସେମାନଙ୍କ ବାକିତକ ଆବଶ୍ୟକତା ।

ଆଜି ଯଦି ପାରୋ ନଥାନ୍ତା, ତେବେ କଣ ହୁଅନ୍ତା ? କେମିତି ବଞ୍ଚନ୍ତେ ସେ ? ପାରୋକୁ ଖୁବ୍ ଭରସା କରିଛନ୍ତି ବୁଢା । ମନେ ମନେ ମନସ୍ଥ କରିଛନ୍ତି ତା ଅନ୍ତେ ସବୁତକ ସମ୍ପତ୍ତି ବାଡି ପାରୋ ନାଆଁରେ କରିଦେବେ ବୋଲି । ଆଉ କ'ଣ ପୁଅମାନେ ଆସି ଭୋଗ କରିବେ ଯେ ? ଏମିତିକି ବୁଢୀର ସୁନାଗହଣା ପେଡିଟିକୁ ମଧ ଟେକିଦେବ ପାରୋ ହାତରେ। ଝିଅ ଥିଲେ ସିନା ସବୁ ନେଇଥାନ୍ତା କିନ୍ତୁ ଭଗବାନ ତ ସେତକ ମୂଳରୁ ଦେଇ ନାହାଁନ୍ତି ।

ଆଉ ମାତ୍ର ଦୁଇ ଦିନ ରହିଲା ପାରୋର ବାହାଘର । ପଣ୍ଡିତେ ଭାରି ଖୁସି । ତା ସହ ଅଧିକ ଖୁସି ପାରୋ ଓ ତାର ଭାବି 'ବର' । କଥା ହୋଇଛି ବିବାହ ପରେ ଦୁହେଁ ରହିବେ ପଣ୍ଡିତଙ୍କ ଘରେ । ଅବଶ୍ୟ ଏତେ ବଡ ଘର । ପରିବାରକୁ ଦେଖି ଏବଂ ନିଜର ଖାନଦାନିକୁ ଦେଖି ବଡ ଘର କରିଥିଲେ । ଏତେ ବଡ ଘରଟିରେ ଏକା । ଏକାକୀ ନିଃସଙ୍ଗ ଜୀବନ । ଦେଖା ଶୁଣା କରିବା ପାଇଁ ବୁଢାର ତ କିଏ ଜଣେ ଆବଶ୍ୟକ।

ହିନ୍ଦୁ ରୀତି ପରମ୍ପରା ହିସାବରେ ସୁରୁଖୁରୁରେ ସଂପାଦନ ହେଲା ବିବାହ କାର୍ଯ୍ୟ । ନୂଆ ବୋହୂ ପରି ନିଜ ବର ସହ ପଣ୍ଡିତଙ୍କ ଘରେ ପାଦ ଦେଲା ପାରୋ । ମଣିଷର ଲୋଭ ବେଳେବେଳେ ମଣିଷକୁ ଅମଣିଷ କରି ଗଢି ତୋଳେ। ସଂପର୍କର ମୋହ ଭାଙ୍ଗି ସୃଷ୍ଟି ହୁଏ ଶତ୍ରୁତାର ପାଚେରୀ।

ଗହଣା ବାକ୍ସ ଓ ସମ୍ପତ୍ତି ହାସଲ କରିବାର ଲାଳସାରେ ଭ୍ରମିତ ହେଲେ ପାରୋ ଓ ତାର ବର । ଚାଣ୍ଡାଳ ଗ୍ରାସ କଲାପରି ସେମାନେ ଭୁଲିଗଲେ ସେମାନଙ୍କର ମଣିଷ ପଣିଆ । ଯେ ସବୁ କଲା ଏବଂ ଯାହା ଅନ୍ତେ ସବୁ କିଛି ଭୋଗ କରିଥାନ୍ତେ... କ୍ଷଣିକ ନିମ୍ନ ମାନସିକତା ଚିନ୍ତାଧାରାରେ ସବୁ କିଛି ଏପଟ ସେପଟ ହୋଇଗଲା ।

ପଣ୍ଡିତେ ସେମାନଙ୍କ ବୋଝ । ଆଗଭଳି ଆଉ ପଣ୍ଡିତଙ୍କ ପ୍ରତି ସେମାନଙ୍କ ନଥିଲା ଦରଦ। ନା ଥିଲା ତାଙ୍କ ପ୍ରତି ସେମାନଙ୍କ ଆନ୍ତରିକତା। ସେମାନଙ୍କ ପ୍ରତି ଥିବା ବିଶ୍ୱାସ ଦିନ କେଇଟାରେ ହୋଇ ସାରିଥିଲା ବିଷ । ସେଦିନେ ଛଳନା କରି ପଣ୍ଡିତଙ୍କ ଭୋଜନରେ ମିଶାଇ ଦେଇଥିଲେ ବିଷାକ୍ତ ପଦାର୍ଥ ।

ମୃତ୍ୟୁର କେଇ ମୁହୂର୍ତ୍ତ ଆଗରୁ ତାଙ୍କର ଦସ୍ତଖତ ନେଇ ଗୋଡରେ ଆଡେଇଦେଇ ଚାଲିଗଲେ । ଯନ୍ତ୍ରଣାରେ ଛଟପଟ ହେଉଥିଲା ପଣ୍ଡିତେ । ସେ ବୁଝି ସାରିଥିଲା ପାରୋ ଓ ତା ବରର ଚତୁର ପଣିଆ । ହେଲେ କିଂ କର୍ତ୍ତବ୍ୟବିମୂଢ । 'ନିରାଶ୍ରୟଂ ମା ଜଗଦୀଶ ରକ୍ଷ'... ଧିକ୍କାରୀ ଚାଲିଥିଲେ ସେମାନଙ୍କ ମଣିଷ ପଣିଆକୁ । ତଉଲୁ ଥିଲା ଆପଣା ପରର ଭେଦଭାବ । ରକ୍ତଗତ ସମ୍ପର୍କ କଥା ଭାବି ହେଉଥିଲେ ।

ଆପଣାର ଭାବୁଥିବା ମଣିଷ ଗୁଡାକ ଏତେ ଯେ ମାରାତ୍ମକ ହୋଇପାରନ୍ତି, ଏକଥା ସେ କେବେବି ଭାବି ପାରି ନଥିଲେ ସ୍ୱପ୍ନରେ ସୁଦ୍ଧା। ରୁଦ୍ଧ ନିଶ୍ୱାସର କଷ୍ଟ ଅତିଶୟ ନଥିଲା ବରଂ ଅତିଶୟ ଥିଲା ଏହିପରି ବହୁରୂପି ମାନଙ୍କ ଅଭିନୟ । ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ସ୍ନେହ ଶ୍ରଦ୍ଧାର ହତ୍ୟା କରି ଗଢିପାରନ୍ତି ସ୍ୱାର୍ଥର ସଂପର୍କ। ସେମାନଙ୍କ ପାଖରେ ପାପ କ'ଣ ? ପୂଣ୍ୟ କଣ ? ଲିଭି ଲିଭି ଯାଉଥିଲା ଆଲୋକର ତୀବ୍ରତା । କ୍ଷୀଣ ହେଉଥିଲା ନିଶ୍ୱାସର ଗତି। କିଛିଟା ମୁହୂର୍ତ୍ତ ପରେ ଶାନ୍ତ ପଡି ଯାଇଥିଲା କସ୍ତୁରୀମୃଗର ଆର୍ତ୍ତ ଚିତ୍କାର। ଚିର ନିଦ୍ରାରେ ଶୋଇ ଯାଇଥିଲେ ପଣ୍ଡିତେ । ଲୋକମାନେ ଗଦା ହେଲା ବେଳକୁ ପାରୋ ଓ ତା ବରର କି ନିଛକ ଅଭିନୟ । ଜାଣି ହେଉ ନ ଥିଲା ପଣ୍ଡିତଙ୍କୁ କିଏ ଶେଷ କରି ଦେଇଛି ? ସମସ୍ତେ ଅନୁଭବ କରୁଥିଲେ ବୟସାଧିକ୍ୟ ହେତୁ ଚାଲିଗଲେ। ପାରୋ ଏବଂ ତା ସ୍ୱାମୀର ଅଭିନୟରୁ ମୁଁ ଲକ୍ଷ୍ୟ କରି ପାରୁଥିଲି - 'ଡାଲ୍ ମେ କୁଛ କାଲା ହେ' । ପାରୋ ସିନା ସମସ୍ତଙ୍କୁ ମିଛ କହି ଦେଉଥାଏ କିନ୍ତୁ କୃତଘ୍ନ ହେବା ପାପରେ ମନଟି ତାର ଆନ୍ଦୋଳିତ ହେଉଥାଏ। ମୁଁ କହି ହେଉଥାଏ - ହେ ପ୍ରଭୁ ! ଦୋଷୀକୁ ଉପଯୁକ୍ତ ଦଣ୍ଡ ବିଧାନ କରନ୍ତୁ....

ବାହାରେ ଥାଇ ଏବେ ଶୁଣୁଛି ପାରୋକୁ ତାର ବର ଛାଡି ଦେଇଛି ।

# ଗର୍ଭବତୀ ଓ ଭିନ୍ନକ୍ଷମ ସରକାରୀ କର୍ମଚାରୀଙ୍କୁ ଅଫିସ୍ ମନା : ଶନିବାର ବନ୍ଦ ରହିବ ସବୁ ଅଫିସ



ଭୁବନେଶ୍ୱର,୨/୫ (ନି.ପ୍ର): ରାଜ୍ୟରେ ଦ୍ରୁତ ଗତିରେ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ସମସ୍ତ ସରକାରୀ ଅଫିସ ଶନିବାର ବନ୍ଦ ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହାସହିତ ଗର୍ଭବତୀ ମହିଳା ଓ ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ତତ୍କାଳ ପ୍ରଭାବରୁ ଅଫିସ୍ ନଆସିବା ପାଇଁ ପରାମର୍ଶ ଦେଇଛନ୍ତି ।

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ଗର୍ଭବତୀ ମହିଳା ଓ ଭିନ୍ନକ୍ଷମ ସରକାରୀ କର୍ମଚାରୀମାନଙ୍କୁ ତତ୍କାଳ ପ୍ରଭାବରୁ ଅଫିସ୍ ନଆସିବା ପାଇଁ ପରାମର୍ଶ ଦିଆଯାଇଛି । ସମ୍ପୃକ୍ତ କର୍ମଚାରୀମାନେ ମେ' ୩୧ତାରିଖ ପର୍ଯ୍ୟନ୍ତ ଘରୁ ରହି କାମ କରିବାକୁ କୁହାଯାଇଛି । ଯଦି ଅଫିସରେ ଅତ୍ୟନ୍ତ ଜରୁରୀ କାମ ଥିବ ତା'ହେଲେ ଟେଲିଫୋନ୍ ମାଧ୍ୟମରେ ଯୋଗାଯୋଗ କଲେ ସେମାନଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ ରାଜ୍ୟର ସମସ୍ତ ସରକାରୀ ଅଫିସ୍ ପ୍ରତି ଶନିବାର ବନ୍ଦ ରହିବ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ ସରକାର ପୂର୍ବରୁ ଭୁବନେଶ୍ୱର ଓ କଟକ ସହରରେ ଥିବା ନିଜର ଅଫିସଗୁଡ଼ିକରେ ଅତିକମରେ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କାମ ଜାରି ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ । ମାତ୍ର କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଇବାପରେ ବିଭାଗଗୁଡ଼ିକ ସେମାନଙ୍କ ଅଧୀନରେ ଥିବା ଅଫିସଗୁଡ଼ିକର କେତେ କର୍ମଚାରୀଙ୍କୁ କାମ କରିହେବ ତା'ର ନିଷ୍ପତ୍ତି ନେଇପାରିବେ ବୋଲି ସଂଶୋଧିତ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଅବଶ୍ୟ ଉପସଚିବଠୁ ତଦୁର୍ଦ୍ଧ୍ୱ ପାହ୍ୟାର ଅଫିସରମାନେ ନିୟମିତ ଭାବେ ଅଫିସ୍ ଆସିବେ । ଯେଉଁ ଅଫିସରମାନେ ଭିପିଏନ୍ ନେଇଛନ୍ତି ସେମାନେ ଘରୁ ରହି ଅଫିସ୍ କାର୍ଯ୍ୟ କରିବେ । ଆଉ ଆବଶ୍ୟକ ପଡ଼ିଲେ ସ୍ୱଳ୍ପ ନୋଟିସରେ ଅଫିସ ଆସିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ତେବେ ଅତ୍ୟାବଶ୍ୟକ ସେବା ସହ ଜଡ଼ିତ ବିଭାଗ ଯଥା ସ୍ୱତନ୍ତ୍ର ରିଲିଫ କମିଶନର ଓ ଓସଡମା କାର୍ଯ୍ୟାଳୟ, ପୁଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା ଓ ମ୍ୟୁନିସପାଲ ସେବାର କର୍ମଚାରୀମାନେ କାର୍ଯ୍ୟ କରୁଥିବା ଅଫିସଗୁଡ଼ିକ ସମ୍ପୂର୍ଣ୍ଣ ଷ୍ଟାଫରେ ଚାଲିବ । ତେବେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ପାଳନ ଭଳି କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ୩ ମାସର ଟିକସ ଛାଡ ଦାବି କଲା ବସ ମାଲିକ ସଂଘ



ଭୁବନେଶ୍ୱର,୨/୫ (ନି.ପ୍ର): ମହାମାରୀ ମାଡରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟ ଘରୋଇ ବସ ମାଲିକ ୩ ମାସର ଟିକସ ଛାଡ ପାଇଁ ଦାବି କରିଛନ୍ତି । ବସ ଋଣ କିସ୍ତି ଛାଡ ଏବଂ ବୀମା ସମୟ ସୀମା ବୃଦ୍ଧି ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ହୋଇଛି ।

ସେହିପରି କରୋନା ସମୟରେ ରାଜ୍ୟ ସରକାର ଆନ୍ତଃ ରାଜ୍ୟ ବସ ଚଳାଚଳକୁ ବନ୍ଦ କରିଛନ୍ତି । କରୋନାର ଦୃତ ସଂକ୍ରମଣ ଯୋଗୁ ବସରେ ଯାତ୍ରୀ ମଧ୍ୟ ହେଉନାହାନ୍ତି । ଫଳରେ ବସ ମାଲିକ ପ୍ରବଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ତେଣୁ ଏପ୍ରିଲ, ମେ ଓ ଜୁନ ୩ ମାସର ମୋଟରଯାନ ଟିକସ ଛାଡ କରିବାକୁ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି । ସେହିପରି ବସ ପାଇଁ ଋଣ କରିଥିବା କିସ୍ତି ଅବଧି ୩ ମାସ ପର୍ଯ୍ୟନ୍ତ ଛାଡ କରିବାକୁ ମଧ୍ୟ ଦାବି କରାଯାଇଛି । ସେହିପରି ବୀମା କଭରେଜ ସମୟ ଅବଧିକୁ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି କରାଯାଇଛି । ପୂର୍ବରୁ କେବଳ ଛତିଶଗଡରୁ ବସ୍ ଚଳାଚଳା ବନ୍ଦ ରଖାଯାଇଥିଲା ବେଳେ ଏବେ ଆନ୍ତଃରାଜ୍ୟ ବସ୍ ଚଳାଚଳକୁ ବନ୍ଦ କରି ଦିଆଯାଇଛି । ତେବେ ରାଜ୍ୟ ଭିତରେ ଚାଲୁଥିବା ବସ୍ ଗୁଡିକରେ ଲୋକମାନେ କେବଳ ସିଟିଂରେ ଯିବେ । ଏହା ସହିତ ବିଭିନ୍ନ ପାସେଞ୍ଜର ଅଟୋ ଏବଂ ଟ୍ୟାକ୍ସିରେ ଡ୍ରାଇଭରକୁ ଛାଡ଼ି ୨ ଜଣ ଯାତ୍ରୀ ଯାତ୍ରା କରିପାରିବା ନେଇ ନିର୍ଦ୍ଦେଶନାମା ଜାରି କରାଯାଥିଲା ।

# ଖୁବ୍ ଶୀଘ୍ର ଦେଶରେ ହେବ ୧୦ ହଜାର ଅକ୍ସିଜେନ ସଂଯୁକ୍ତ ଶଯ୍ୟା




ଭୁବନେଶ୍ୱର,୨/୫ (ନି.ପ୍ର): ଚାରିଆଡ଼େ ଅକ୍ସିଜେନ ପାଇଁ ହାହାକାର ପରିସ୍ଥିତି । ଅକ୍ସିଜେନ ନ ପାଇ ରାସ୍ତାଘାଟରେ ଛଟପଟ ହୋଇ ମରି ଯାଉଛନ୍ତି ଲୋକ । ଦେଶରେ ଏପରି ସଙ୍କଟ ସମୟରେ ଏକ ଆଶ୍ୱସ୍ତିକର ଖବର ମିଳିଛି । ଖୁବ୍ ଶୀଘ୍ର ଷ୍ଟିଲ ଉଦ୍ୟୋଗ ଦ୍ୱାରା ଦେଶରେ ୧୦ ହଜାର ଅକ୍ସିଜେନ ସଂଯୁକ୍ତ ଶଯ୍ୟା ପ୍ରତିଷ୍ଠା ହେଉଛି ବୋଲି ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଇସ୍ପାତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ୍, ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ ଜଓଘଖ, ନ୍ୟାସନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେସନ୍-NMDC, ମୋଏଲ ଦ୍ୱାରା କୋଭିଡ ସଂକ୍ରମିତଙ୍କ ପାଇଁ ୫ ହଜାର ଅକ୍ସିଜେନ୍ ସଂଯୁକ୍ତ ଶଯ୍ୟା ପ୍ରତିଷ୍ଠା କରାଯାଉଛି ।

ଗତକାଲି ସରକାରୀ ଓ ଘରୋଇ ଇସ୍ପାତ ଶିଳ୍ପର ମୁଖ୍ୟ ଓ ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ବୈଠକ କରିଥିଲେ । ବୈଠକ ପରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଟାଟା ଷ୍ଟିଲ, ଆର୍ସେଲର୍ ମିତ୍ତଲ ନିପ୍ପନ ଷ୍ଟିଲ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ, ଜିନ୍ଦଲ ଷ୍ଟିଲ୍ ଦ୍ୱାରା ଗ୍ୟାସ ଅକ୍ସିଜେନ୍ ସଂଯୁକ୍ତ ୫ ହଜାର ଶଯ୍ୟା ଏଭଳି ଭାବେ ମୋଟ ୧୦ ହଜାର ଶଯ୍ୟା ପ୍ରତିଷ୍ଠା ହେବ । ଅକ୍ସିଜେନ୍ ସଂଯୁକ୍ତ ଶଯ୍ୟା ସହ ବୃହତ କୋଭିଡ କେୟାର ସୁବିଧା ନିର୍ମାଣ କରିବା ପାଇଁ ଧର୍ମେନ୍ଦ୍ର ଏହି ବୈଠକ ଅବସରରେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

# କେଉଁବର୍ଗର ବ୍ୟକ୍ତି କେତେବେଳେ ନେବେ ଟିକା ? ବିଏମ୍‌ସି ନିର୍ଦ୍ଧାଣ କଲା ସମୟ



ଭୁବନେଶ୍ୱର,୨/୫ (ନି.ପ୍ର): ବରିଷ୍ଠ ନାଗରୀକ ଓ ସମ୍ମୁଖ ଯୋର୍ଦ୍ଧାଙ୍କୁ ପ୍ରଥମ ଏବଂ ଦ୍ୱିତୀୟ ଡୋଜ୍ କରୋନା ଟିକା ଦିଆଯାଉଛି । ଏପରି ସ୍ଥିତିରେ ସୋମବାରଠାରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ଆରମ୍ଭ ହେବାକୁ ଥିବା ୧୮ରୁ ୪୪ ବର୍ଷର ବର୍ଗର ଲୋକଙ୍କୁ କେଉଁ ସମୟରେ ଦିଆଯିବ ଟିକା । ଟିକକାରଣ କେନ୍ଦ୍ରରେ ଗହଳିକୁ ଏଡାଇବା ପାଇଁ ଆଜି ବିଏମ୍‌ସି ସମୟ ନିର୍ଘଣ୍ଟ ସ୍ଥିର କରିଛି । BMC ପକ୍ଷରୁ ନିର୍ଦ୍ଧାରଣ ହୋଇଥିବା ସମୟ ଅନୁସାରେ ସୋମବାରଠାରୁ ପ୍ରତି ସକାଳ ୮ରୁ ଦିନ ଗୋଟାଏ ଯାଏଁ ୧୮ରୁ ୪୪ ବର୍ଗର ବ୍ୟକ୍ତିଙ୍କୁ କରୋନା ଟିକା ଦିଆଯିବ । ସେହିପରି ୪୫ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଅପରାହ୍ଣ ୩ଟାରୁ ସଂଧ୍ୟା ୬ଟା ଯାଏଁ ଟିକାକରଣ କରାଯିବ । ଟିକାକରଣ କେନ୍ଦ୍ରରେ ଦେଖାଯାଉଥିବା ଭିଡ଼୍‌କୁ ଦେଖି ବିଏମ୍‌ସି ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

ସୂଚନାରୁ ପ୍ରକାଶ, ବଢୁଥିବା କରୋନା ସଂକ୍ରମଣକୁ ଦେଖି ଭୁବନେଶ୍ୱରବାସୀ ଟିକା ନେବା ପାଇଁ କେନ୍ଦ୍ରକୁ ଯାଉଛନ୍ତି । ଯୁବକ ଓ ବୟସ୍କ ଗୋଟିଏ ସମୟରେ କେନ୍ଦ୍ରକୁ ଯାଉଛନ୍ତି । ମାତ୍ର ସମାଜିକ ଦୂରତା ବଜାୟ ରଖୁନଥିବାରୁ ଅଜଥାରେ କେନ୍ଦ୍ରରେ ଭିଡ ହେଉଛି । ଏପରିକି ଅନେକ ସମୟରେ ଗଣ୍ଡଗୋଳ ହେଉଥିବା ଦେଖିବାକୁ ମିଳିଛି । ଏହାକୁ ନଜରରେ ରଖି ବିଏମ୍‌ସି ଟିକା ଦାନ ସମୟର ପରିବର୍ତ୍ତନ କରିଛନ୍ତି । ଏଣିକି ୧୮ରୁ ୪୪ ବର୍ଗର ବ୍ୟକ୍ତିମାନେ ସକାଳ ୮ଟାରୁ ଦିନ ଗୋଟାଏ ଯାଏଁ ଟିକା ନେଇପାରିବେ ।

# ରେଲୱେ ବୋର୍ଡର ନୂଆ ମେମ୍ବର ହେଲେ ସଞ୍ଜୟ କୁମାର ମହାନ୍ତି

ଭୁବନେଶ୍ୱର,୨/୫ (ନି.ପ୍ର): ଭାରତୀୟ ରେଳପଥ ଟ୍ରାଫିକ୍ ସେବାର ୧୯୮୫ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ନୂଆଦିଲ୍ଲୀସ୍ଥିତ ରେଳ ମନ୍ତ୍ରାଳୟର ରେଲୱେ ବୋର୍ଡର ନୂଆ ମେମ୍ବର (ଅପରେସନ ଓ ବିଜିନେସ୍ ? ମ୍ୟାନେଜମେଣ୍ଟ୍) ତଥା ଭାରତ ସରକାରଙ୍କ ପଦପଯୁକ୍ତ ଶାସନ ସଚିବ ଭାବେ ଯୋଗଦାନ କରିଛନ୍ତି । ଏହି ନୂତନ ପଦବୀରେ ଯୋଗଦାନ ପୂର୍ବରୁ ମହାନ୍ତି କୋଲକାତାସ୍ଥ ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ମହାନ୍ତି ନୂଆଦିଲ୍ଲୀସ୍ଥ ରେଲୱେ ବୋର୍ଡର ପ୍ରମୁଖ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଟ୍ରାଫିକ୍ ପରିବହନ), ପୂର୍ବ ତଟ ରେଳପଥରେ ବରିଷ୍ଠ ଉପମହାପ୍ରବନ୍ଧକ ଓ ମୁଖ୍ୟ ସତର୍କତା ଅଧିକାରୀ, ମୁଖ୍ୟ ପରିବହନ ଯୋଜନା ପ୍ରବନ୍ଧକ ଏବଂ ମୁଖ୍ୟ ପଣ୍ୟ ପରିବହନ ପ୍ରବନ୍ଧକ, ଭୁବନେଶ୍ୱର ଆଇ.ଆର.ସି.ଟି.ସି.ର ଆଞ୍ଚଳିକ ମହାପ୍ରବନ୍ଧକ ଏବଂ ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଇତ୍ୟାଦି ଭାରତୀୟ ରେଳପଥର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି । ତାଙ୍କ ସମୟର ପଣ୍ୟ ପରିବହନ କ୍ଷେତ୍ରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଭାରତୀୟ ରେଳପଥରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିବା ଥିଲା ମହାନ୍ତିଙ୍କର ସବୁଠାରୁ ବଡ଼ ସଫଳତା ।

# ମୋର ଆର୍ଥିକ ସ୍ଥିତି ଭଲ ନାହିଁ, ହାଇକୋର୍ଟ ମୋ ପାଇଁ ଓକିଲ ନିଯୁକ୍ତ କରନ୍ତୁ




ଭୁବନେଶ୍ୱର,୨/୫ (ନି.ପ୍ର): "ମୋର ଆର୍ଥିକ ସ୍ଥିତି ଭଲ ନାହିଁ । ହାଇକୋର୍ଟ ମୋ ପାଇଁ ଓକିଲ ନିଯୁକ୍ତ କରନ୍ତୁ । ମୋତେ ନ୍ୟାୟ ମିଳୁ ।" ଦୀର୍ଘ ୨୨ ବର୍ଷ ହେଲା ନ୍ୟାୟ ଅପେକ୍ଷାରେ ଥିବା ବହୁ ଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ମାମଲାର ପୀଡ଼ିତା ଅଞ୍ଜନା ମିଶ୍ର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି ।

ଦୀର୍ଘ ୨୨ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଧରାପଡ଼ିଛି । ତାକୁ ପଚରାଉଚରା କରିବା ପାଇଁ ସିବିଆଇକୁ ନିର୍ଦ୍ଦେଶ ଦିଅନ୍ତୁ ହାଇକୋର୍ଟ । ଏହା ଦ୍ୱାରା ଷଡ଼ଯନ୍ତ୍ରର ଗୁମର ଖୋଲିବ ବୋଲି ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଅଞ୍ଜନା ମିଶ୍ର । ଏଥିସହ ଗଣଦୁଷ୍କର୍ମ ଷଡ଼ଯନ୍ତ୍ରର ଅଧିକ ତଦନ୍ତ କରି ଏହି ଷଡ଼ଯନ୍ତ୍ର ପଛରେ କିଏ ଥିଲା, ତାର ପର୍ଦ୍ଦାଫାସ କରିବାକୁ ଚିଠିରେ ନିବେଦନ କରିଛନ୍ତି ।

ସୂଚନା ଅନୁଯାୟୀ, ୧୯୯୯ ମସିହା ଜାନୁଆରୀ ୯ ତାରିଖର ରାତିରେ କଟକ-ବାରଙ୍ଗ ଥାନା ଅଞ୍ଚଳର ଘଟିଥିଲା ଜଘନ୍ୟକାଣ୍ଡ । ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ଶିକାର ହୋଥିବା ବେଳେ ଏଥିରେ ସଂପୃକ୍ତ ଥିଲେ ତିନି ଅଭିଯୁକ୍ତ । ବିବନ ବିଶ୍ୱାଳ, ପ୍ରଦୀପ ସାହୁ ଓ ଧିରେନ୍ଦ୍ର ମହାନ୍ତି ।

ଘଟଣାର ୧୭ଦିନ ପରେ ଗିରଫ ହୋଇଥିଲେ ପ୍ରଦୀପ ଓ ଧିରେନ୍ଦ୍ର । ହେଲେ ମୁଖ୍ୟ ଅଭିଯୁକ୍ତ ବିବନ୍ କିନ୍ତୁ ହୋଇଯାଇଥିଲା ଫେରାର । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ନେଇଥିଲା ତଦନ୍ତ ଭାର । ମେ ୫, ୧୯୯୯ରେ ସିବିଆଇ ମାମଲାର ଚାର୍ଜସିଟ୍ ଦାଖଲ କରିଥିଲା । ୨୯ ଏପ୍ରିଲ, ୨୦୦୨ରେ ଖୋର୍ଦ୍ଧା ଜିଲ୍ଲା ଜଜ୍ ରାୟ ଶୁଣାଇ ୨ ଦୋଷୀ ପ୍ରଦୀପ ଓ ଧିରେନ୍ଦ୍ରଙ୍କୁ ଆଜୀବନ ଜେଲ ଦଣ୍ଡ ଦେଇଥିଲେ । ତେବେ ପ୍ରଦୀପ ସାହୁର ମୃତ୍ୟୁ ଘଟିଥିବା ବେଳେ ଧିରେନ୍ଦ୍ର ଏବେ ଜେଲରେ । ସେହି ଲୋମହର୍ଷଣକାରୀ ଘଟଣାକୁ ନେଇ ସେତେବେଳେ ରାତାରାତି ବଦଳି ଯାଇଥିଲା ରାଜ୍ୟରେ ରାଜନୈତିକ ଚିତ୍ର । ଘଟଣାର କିଛି ଦିନ ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା ଓ କଂଗ୍ରେସ ସରକାର ବି କ୍ଷମତାରୁ ହଟିଥିଲା । ଏହି ଘଟଣାର ଦୀର୍ଘ ୨୨ ବର୍ଷ ପରେ ପୁଣି ଥରେ ଖୋଳତାଡ଼ କରି ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ପୁଲିସ୍ ପାଇଁ ଥିଲା ଏକ ବହୁତ ବଡ଼ ଚ୍ୟାଲେଞ୍ଜ । ନାଁ ବଦଳାଇ ପୁନେରେ ରହୁଥିବା ବିବନ ବିଶ୍ୱାଳକୁ ଧରିବାକୁ ୩ ମାସ ପୂର୍ବରୁ ଜାଲ ବିଛାଇଥିଲା କମିଶନରେଟ ପୁଲିସ୍ । ଏଥିନିମନ୍ତେ ଖୋଦ୍ ଟ୍ୱିନ୍ ସିଟି କମିଶନର, କଟକ ଡିସିପିଙ୍କୁ ନେଇ ଏକ ୪ ଜଣିଆ ଟିମ୍ ଗଠନ ହୋଇଥିଲା ।

ବିବନକୁ ଗିରଫ ସମ୍ପର୍କରେ ଖୁଲାସା କରିବାକୁ ଯାଇ ପୂର୍ବତନ ପୁଲିସ୍ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଥିଲେ," ଚୌଦ୍ୱାର ଜେଲରେ ଥିବା ଦୋଷୀ ଧିରେନ୍ଦ୍ରକୁ ଥରେ ଭେଟିବା ପରେ ବିବନକୁ ଖୋଜି ବାହାର କରିବାକୁ ଚିନ୍ତା କଲୁ । ସହଯୋଗୀମାନେ ବିବନକୁ ବିକେ ନାଁରେ ଡାକୁଥିବା ଜାଣିବାକୁ ପାଇଲୁ । ବିକେର ଫୁଲ୍‌ଫର୍ମ ବାରଙ୍ଗ କିଙ୍ଗ ବୋଲି ଜାଣିବାକୁ ପାଇଲୁ ।" ଏଥିସହ ସେ କହିଥିଲେ "ବଛା ବଛା ଅଫିସରଙ୍କୁ ନେଇ ଅପରେସନ ସାଇଲେଣ୍ଟ ଭାଇପର କଲୁ । ମଝିରେ ଶୁଣିଲୁ ଯେ ବିବନ ତ୍ରିଶୁଳିଆରେ ଆସି କିଛି ଦିନ ରହୁଥିଲା । ବିବନ ପୁଅମାନେ ତାଠାରୁ କେମିତି ପଇସା ପାଉଛନ୍ତି ଖୋଳତାଡ଼ କଲୁ । ପରେ ଜଣାପଡ଼ିଲା ଯେ ନାଁ ବଦଳାଇ ସେ ଆମ୍ବିଭ୍ୟାଲିରେ ଜଳନ୍ଧର ସ୍ୱାଇଁ ନାଁରେ ରହୁଛି । ସେଠାରେ ସେ ପାଣି ମିସ୍ତ୍ରୀ ଭାବେ ଆତ୍ମଗୋପନ କରି ନକଲି ନାଁ ଜଳନ୍ଧର ସ୍ୱାଇଁ ଦେଇଥିଲା । ଭୋଟର ପରିଚୟ ପତ୍ର, ଆଧାର କାର୍ଡ ସମେତ ବ୍ୟାଙ୍କ ପାସ୍‌ବୁକ୍ ବି ଜଳନ୍ଧର ନାଁରେ ଥିଲା ।"

ଆମ୍ବି ଭ୍ୟାଲିରେ ଥିବା ବିବନ୍ ପରିବାର ଲୋକଙ୍କ ସହ ସମ୍ପର୍କରେ ଥିଲା । ଟଙ୍କା ପଠାଇବାଠୁ ଆରମ୍ଭ କରି କଥାବାର୍ତ୍ତା ଯାଏ ସବୁ ଚାଲିଥିଲା । ଏହାକୁ ଟ୍ରାକ୍ କରି ବିବନକୁ ଧରିବାକୁ କମିଶନରେଟ ପୁଲିସ୍ ଆରମ୍ଭ କରିଥିଲା ଅପରେସନ୍ ସାଇଲେଣ୍ଟ ବାଇପର୍ । ପୁଣେ ପୁଲିସ୍ ଜରିଆରେ ଆମ୍ବି ଭ୍ୟାଲିରେ ବିବନ୍ ଓରଫ୍ ଜଳନ୍ଧର ସମ୍ପର୍କରେ ସବୁ ତଥ୍ୟ ସଂଗ୍ରହ କରାଗଲା ।

ଏହାପରେ ଆମ୍ବି ଭ୍ୟାଲିରୁ ଅଢ଼େଇ କିଲୋମିଟର୍ ଦୂରରେ ରହୁଥବା ଜଳନ୍ଧରକୁ ଧରିବାକୁ ଧରିବାକୁ ଯିବା ବେଳେ ପୁଲିସ୍‌କୁ ଦେଖି ସେ ଦୌଡ଼ିଥିଲା । ଏହାପରେ ତାକୁ କାବୁ କରି ଭୁବନେଶ୍ୱର ଅଣାଗଲା । ବିବନ ଖସିଯିବା ପଛରେ କିଛି ଲୋକଙ୍କ ହାତ ଥିବା ସନ୍ଦେହ କଲେ ସିପି । କିଛି ଲୋକଙ୍କ ସହଯୋଗ ଥିବ, ନହେଲେ ସେ ଓଡ଼ିଶାରୁ ପଳାଇଲା କେମିତି । ମୁଁ ଆଶା କରିବି ବିବନ ଆଉ ଜେଲରୁ ନ ବାହାରୁ, ସାରାଜୀବନ ରହୁ । ମହିଳାଙ୍କୁ ନ୍ୟାୟ ଦେବାକୁ ଅଧିକ ସତର୍କ ହେବାକୁ ପଡ଼ିବ ବୋଲି କହିଥିଲେ ସିପି ।

# ମାଡ଼ି ଚାଲିଛି ମହାମାରୀ : ଅଦାଲତରେ ଆଗୁଆ ଲାଗୁ ହେଲା ଗ୍ରୀଷ୍ମକାଳୀନ ଅବକାଶ



କଟକ,୨/୫ (ନି.ପ୍ର): ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବା କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ହାଇକୋର୍ଟ ସମେତ ରାଜ୍ୟର ସମସ୍ତ ନିମ୍ନ ଅଦାଲତର ଗ୍ରୀଷ୍ମକାଳୀନ ଅବକାଶକୁ ଆଗୁଆ ଭାବେ ଲାଗୁ କରାଯାଉଛି । ଆସନ୍ତା ମେ ୩ ତାରିଖରୁ ଆରମ୍ଭ ହୋଇ ଜୁନ ୫ ତାରିଖ ଯାଏଁ ରାଜ୍ୟର ସମସ୍ତ ଅଦାଲତ ଗ୍ରୀଷ୍ମ ଅବକାଶ ପାଇଁ ବନ୍ଦ ରହିବ । ପୂର୍ବ କ୍ୟାଲେଣ୍ଡର ଅନୁଯାୟୀ, ହାଇକୋର୍ଟରେ ଏହି ଗ୍ରୀଷ୍ମ ଅବକାଶ ମେ ୨୪ରୁ ଏବଂ ନିମ୍ନ ଅଦାଲତ ଗୁଡିକରେ ମେ ୨୨ରୁ ଆରମ୍ଭ ହୋଇଥାନ୍ତା । ସେହିପରି ହାଇକୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଜୁନ ୭ ତାରିଖରେ ଖୋଲା ହେବ । ରଜ ପର୍ବ ପାଇଁ ଜୁନ ୧୪ରୁ ୧୭ ଯାଏଁ ସମସ୍ତ ଅଦାଲତ ବନ୍ଦ ରହିବ । ଗ୍ରୀଷ୍ମ ଅବକାଶ ସମୟରେ ହାଇକୋର୍ଟ ଓ ସମସ୍ତ ନିମ୍ନ ଅଦାଲତ ଭର୍ଚୁଆଲ ମୋଡରେ କାର୍ଯ୍ୟ କରିବେ ବୋଲି ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ଜାରୀ କରାଯାଇଛି । ଅପରପଟେ କୋଭିଡ଼ କଟକଣାକୁ ଦୃଷ୍ଟିରେ ରଖି ପୂର୍ବରୁ ଜାରୀ କରାଯାଇଥିବା ସମସ୍ତ ଅନ୍ତରୀଣ ଆଦେଶ ଆସନ୍ତା ଜୁନ ୩୦ ତାରିଖ ଯାଏଁ ବଳବତ୍ତର ରହିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଜାରୀ କରିଛନ୍ତି ।

# ଉଚ୍ଚଶିକ୍ଷା ବିଭାଗର ବଡ଼ ନିଷ୍ପତ୍ତି : ଖୋଲିବନି ନୂଆ କଲେଜ

ଭୁବନେଶ୍ୱର ,୨/୫ (ନି.ପ୍ର): ଆବଶ୍ୟକ ଭିତ୍ତିଭୂମି ନ ଥାଇ ଘରୋଇ କଲେଜ ଖୋଲୁ ଥିବାରୁ ୨୦୨୫-୨୬ ଶିକ୍ଷାବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ନୂତନ ଡିଗ୍ରି ଓ ପ୍ରଫେସନାଲ କଲେଜ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁମତି ଦିଆଯିବ ନାହିଁ । ସାମ୍ସ ତଥ୍ୟ ଅନୁଯାୟୀ, ଗତ ୫ବର୍ଷ ହେଲା କଲେଜଗୁଡ଼ିକୁ ଅନୁମୋଦିତ ହୋଇଥିବା ସିଟ୍ ପୂରଣ ହେଉନାହିଁ । ୨୦୧୬-୧୭ ଶିକ୍ଷାବର୍ଷରେ ୯୧.୨୪% ସିଟ୍ ପୂରଣ ହୋଇଥିବା ବେଳେ ୨୦୨୦-୨୧ ଶିକ୍ଷାବର୍ଷରେ ତାହା ୬୭.୭୮%କୁ ହ୍ରାସ ପାଇଛି । ତେଣୁ ବ୍ୟବସାୟୀକରଣକୁ ପ୍ରାଧାନ୍ୟ ନ ଦେଇ ଗୁଣାତ୍ମକ ଶିକ୍ଷାକୁ ପ୍ରାଥମିକତା ଦେବାକୁ ଉଚ୍ଚଶିକ୍ଷା ବିଭାଗ ଉଚ୍ଚସ୍ତରୀୟ କ୍ଷମତା ସଂପନ୍ନ କମିଟି ବେ ?ଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, କୋଭିଡ୍-୧୯ ପାଇଁ ୨୦୨୦ରେ କମିଟିର ବୈଠକ ହୋଇପାରି ନ ଥିଲା । ତେବେ ଏହି ସମୟ ମଧ୍ୟରେ ୮ଟି ଶିକ୍ଷାନୁଷ୍ଠାନକୁ ସ୍ଥାୟୀ ମାନ୍ୟତା ପ୍ରସ୍ତାବ ଉପରେ ମୋହର ମାରିଛନ୍ତି । ତେଣୁ ସେଗୁଡ଼ିକ ଏହି କମିଟିରେ ଉପସ୍ଥାପିତ ହୋଇଥିଲା । ସେଥିରୁ ୭ଟିକୁ ଅନୁମୋଦନ କରାଯାଇଛି । ୨୦୨୧-୨୨ରେ ନୂଆ ଡିଗ୍ରି କଲେଜ ଖୋଲିବାକୁ ଅନୁମତି ମିଳିବ ନାହିଁ । ଚଳିତ ଶିକ୍ଷାବର୍ଷରେ ନୂଆ ପାଠ୍ୟକ୍ରମ ଖୋଲିବା ନେଇ ମଧ୍ୟ ଆଲୋଚନା ହୋଇଛି । ନାକ୍ ୨.୦୧ ଗ୍ରେଡ୍/ ଏନ୍‌ଆଇଆରଏଫ୍‌ର ଶ୍ରେଷ୍ଠ ୨୦୦ ମଧ୍ୟରେ ସ୍ଥାନ ପାଇଥିବା/ ଶିକ୍ଷାନୁଷ୍ଠାନର ଏକ-ତୃତୀୟାଂଶ ପାଠ୍ୟକ୍ରମ ଏନ୍‌ବିଏ ଅନୁବନ୍ଧିତ ଥିବା କିମ୍ୱା ସ୍ୱୟଂଶାସିତ ମାନ୍ୟତା ଥିବା ଶିକ୍ଷାନୁଷ୍ଠାନକୁ ନୂଆ ପାଠ୍ୟକ୍ରମ ଖୋଲିବାକୁ ଅନୁମତି ମିଳିବ ।

# ରୋଜ୍‌ଭ୍ୟାଲିର ୩୦୪ କୋଟିର ସମ୍ପତ୍ତି ନିଜ ଅକ୍ତିଆରକୁ ନେଲା ଇଡି

ଭୁବନେଶ୍ୱର ,୨/୫ (ନି.ପ୍ର): ବହୁଚର୍ଚ୍ଚିତ ରୋଜଭ୍ୟାଲି ଚିଟଫଣ୍ଡ କମ୍ପାନିର ୩୦୪ କୋଟି ଟଙ୍କାର ସମ୍ପତ୍ତି ନିଜ ଅକ୍ତିଆରକୁ ନେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ଏହା ଭିତରେ ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଥିବା ଜଣାପଡ଼ିଛି । କେଉଁ କେଉଁ ନିର୍ଦ୍ଦିଷ୍ଟ ସମ୍ପତ୍ତି ସମ୍ପର୍କରେ ଇଡି ପକ୍ଷରୁ ସୂଚନା ଦିଆଯାଇ ନଥିଲେ ମଧ୍ୟ ଜମି, କୋଠା, ଦାମୀ କାର, ସୁନା ଅଳଙ୍କାର, ବ୍ୟାଙ୍କ ଜମା ରହିଥିବା ଜଣାପଡ଼ିଛି । ଅଧିକାଂଶ ସମ୍ପତ୍ତି ପଶ୍ଚିମବଙ୍ଗରେ ରହିଥିବା ସୂଚନା ମିଳିଛି ।

ମିଳିଥିବା ସୂଚନା ଅନୁସାରେ, ଇଡିର ୩ଟି ପ୍ରକ୍ରିୟା ରହିଛି । ପ୍ରଥମଟି ହେଲା ସମ୍ପତ୍ତି ଜବତ, ଦ୍ୱିତୀୟଟି ଅକ୍ତିଆରକୁ ନେବା ଏବଂ ତୃତୀୟଟି ବାଜ୍ୟାପ୍ତି । ତେଣୁ ଏବେ ଇଡି ଏହାକୁ ଅକ୍ତିଆରକୁ ନେଇଛି । ପୂର୍ବରୁ ଇଡିର ଭୁବନେଶ୍ୱର ଶାଖା ୩୨୫କୋଟି ଟଙ୍କାର ବ୍ୟାଙ୍କ ଜମା ଜବତ କରିଥିଲା । ଉଲ୍ଲେଖଯୋଗ୍ୟ, ଲୋକଙ୍କୁ ଜମା ଟଙ୍କାର ୨୧ପ୍ରତିଶତ ସୁଧ ହାର ଲୋଭ ଦେଖାଇଥିଲା ରୋଜଭ୍ୟାଲି । କୋଲକାତାର ଏହି କମ୍ପାନି ଓଡ଼ିଶା, ଆସାମରେ ଲୋକଙ୍କଠାରୁ କୋଟି କୋଟି ଟଙ୍କାର ଠକେଇ କରିଥିଲା । ସାରା ଦେଶରୁ ପ୍ରାୟ ୧୭ହଜାର କୋଟି ଟଙ୍କାର ଠକେଇ କରିଥିବା ଅଭିଯୋଗ ହୋଇଥିଲା । ମାମଲାର ତଦନ୍ତଭାର ସିବିଆଇ ନେଇଥିଲା । ଏହି ମାମଲାରେ କମ୍ପାନି ମୁଖ୍ୟ ଗୌତମ କୁଣ୍ଡୁଙ୍କୁ ତଦନ୍ତକାରୀ ଟିମ୍ ଗିରଫ କରିଥିଲା ।

# ଚ଼ିରନିଦ୍ରାରେ ଓଡ଼ିଆ ସାହିତ୍ୟ ......

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ବିଶିଷ୍ଟ ସାରସ୍ୱତ ସାଧକ ମନୋଜ ଦାସ ହେଉଛନ୍ତି ଅଗଣିତ ସମ୍ବର୍ଦ୍ଧନା ଓ ସମ୍ମାନର ଅଧିକାରୀ। ତାଙ୍କ ସାହିତ୍ୟିକ ଜୀବନରେ ୧୯୬୫ ଓ ୧୯୮୭ ମସିହାରେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର,୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର,୧୯୮୧ରେ ଶାରଳା ପୁରସ୍କାର,୧୯୮୭ରେ ବିଷୁବ ପୁରସ୍କାର,୧୯୯୫ରେ ସାହିତ୍ୟ ଭାରତୀ ସମ୍ମାନ, ୨୦୦୦ ମସିହାରେ ସରସ୍ୱତୀ ସମ୍ମାନ, ୨୦୦୧ ମସିହାରେ ପଦ୍ମଶ୍ରୀ ସମ୍ମାନ,୨୦୦୧ରେ ଉତ୍କଳରତ୍ନ ସମ୍ମାନ,୨୦୦୬ରେ ସାରଳା ସମ୍ମାନ, ୨୦୦୬ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଫେଲୋସିପ, ୨୦୦୭ରେ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ,୨୦୨୦ ମସିହାରେ ପଦ୍ମଭୂଷଣ ସମ୍ମାନ ରେ ସମ୍ମାନିତ ହୋଇଛନ୍ତି ବିଶିଷ୍ଟ ସାରସ୍ୱତ ସାଧକ ମନୋଜ ଦାସ। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ପୁଡୁଚେରୀ ଆଶ୍ରମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୧ ମସିହା ଅପ୍ରେଲ ୨୭ ତାରିଖରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସାହିତ୍ୟ ଜଗତର ଭୀଷ୍ମ ପିତାମହ, ଯିଏକି ଓଡ଼ିଆ ସାହିତ୍ୟକୁ ଜାତୀୟ ସ୍ତରରେ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇ ପାରିଛନ୍ତି, ସେ ଆଉ ଏ ଇହଧାମରେ ନାହାନ୍ତି ଶୁଣିବା ପରେ,ସାହିତ୍ୟ ଜଗତରେ ତାଙ୍କର ଅସଂଖ୍ୟ ପ୍ରଂଶସକ, ତାଙ୍କ ଜନ୍ମସ୍ଥାନ ବାଲେଶ୍ୱରର ଶଙ୍ଖାରୀ ଗ୍ରାମ ଓ ଗୁଣମୁଗ୍ଧ ପାଠକ ମାନଙ୍କ ମଧ୍ୟରେ ଖେଳିଯାଇଛି ଶୋକର ଲହରୀ। ତାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ତାଙ୍କ ବିୟୋଗ ବିଶ୍ୱ ସାହିତ୍ୟ ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କଲା, ଯାହାକି କେବେ ପୂରଣ ହୋଇପାରିବ ନାହିଁ।ତାଙ୍କ ଅମର ଆତ୍ମାର ସଦଗତି ପ୍ରାପ୍ତ ହେଉ।ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏହି ସମୟରେ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ।

ସେ ଚ଼ାଲିଗଲେ ସତ କିନ୍ତୁ ତାଙ୍କର କାଳଜୟୀ ଲେଖା ଗୁଡ଼ିକ ଏବେ ବି ପ୍ରତିଟି ହୃଦୟ ତନ୍ତ୍ରୀରେ।

ଏବେ ବି ଜନ୍ମ ମାଟିରେ ତାଙ୍କର ସବୁ ସ୍ମୃତି ତାଜା ହୋଇ ରହିଛି । ଏବେ ବି ଗାଁ ମାଟି ପବନର ପ୍ରତିଟି ଧୂଳିକଣାରେ ତାଙ୍କର ଆବେଗ । ପବନର ପ୍ରତିଧ୍ୱନିତ ହେଉଛି । ଗୁଞ୍ଜରି ଉଠୁଛି ତାଙ୍କ ଲେଖନୀ ନିସୃତ ସେହି କିଛି ଧାଡି ଲେଖା...

"ମୁଁ ପୁଣି ଆସିବି ଫେରି, ସମୟର ଶୁଭ୍ର ବାଲୁଚରେ
ବାରି ବାରି ପଦଚିହ୍ନ, ଏ ବିସ୍ମୃତ ତିମିର-ଶିବିରେ
ବେନି କରେ ଆଣିଥିବି ସେଦିନ ମୁଁ ଆବୋରି ଯତନେ
ପ୍ରଥମ ପ୍ରଦୀପ ଏଇ ଅଭିଶପ୍ତ ତମସା-ସଦନେ।'

+ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮

# ବିଶ୍ୱ ଶ୍ରମିକ ଦିବସ ପାଳନ



ଧାମନଗର,୦୨/୦୫ (ନି.ପ୍ର): ଧାମନଗର ଏନ୍ଏସି ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକଠାରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ତରଫରୁ ଆନ୍ତର୍ଯାତୀୟ ଶ୍ରମିକ ଦିବସ ପାଳନ କରାଯାଇଛି। ବରିଷ୍ଠ ବାମପନ୍ଥିନେତା ଦୁର୍ଗାଚରଣ ଅଧିକାରୀ ପତକାଉତ୍ତୋଳନ କରିଥିଲେ। ସିଟୁ ବ୍ଲକ ସଭାପତି ଗୟାଧର ସାହୁ, ସିପିଆଇଏମ୍ ନେତା ତଥା ଆଇନ୍‌ଜୀବୀ ଜୟନୁଲ ଆବେଦ୍ଦିନ୍ ଓ କୃଷକ ନେତା ପ୍ରତାପ କୁମାର ଦାସ, ପ୍ରମୁଖ ଯୋଗଦେଇ କୋଭିଡ଼୍ ନିୟମ ପାଳନ ପୂର୍ବକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଧାମନଗର ବ୍ଲକ ଅନ୍ତର୍ଗତ ଆନନ୍ଦପୁର, କରଦା, ଦୋବଲ, ବନ୍ଧଟିଆ, ଚୁଡ଼ଶକୁଟି, ଗୋବିନ୍ଦପୁର, ଖଡ଼ିପଦା ଆଦି ସ୍ଥାନରେ ସିଟୁ ତରଫରୁ ଶ୍ରମିକ ଦିବସ ପାଳନ କରାଯାଇଛି। କୋଭିଡ଼୍ କଟକଣାକୁ ସମ୍ମାନ ଜଣାଇ ବିଭିନ୍ନ ରାଜନୈତିକ ନେତା ଓ କର୍ମୀ, ବିଭିନ୍ନ ସଂଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ସୋଶିଆଲ୍ ମିଡ଼ିଆ ମାଧ୍ୟମରେ ଅଭିନନ୍ଦନ ସହ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେରଳରେ ଭାଙ୍ଗିବ କି....

କେରଳର ୧୪୦ ବିଧାନସଭା ଆସନରୁ ଏବେ ସୁଦ୍ଧା ଏଲଡିଏଫ ୮୮ଟି ସିଟରେ ବିଜୟୀ ହୋଇଥିବା ବେଳେ ୟୁଡିଏଫ ୪୬ ସିଟ ପାଇଛି । ଯଦି ଆମେ କେରଳର ରାଜନୈତିକ ଇତିହାସ ଦେଖିବା ତେବେ ଗତ ୪୦ ବର୍ଷ ମଧ୍ୟରେ କୌଣସି ଦଳ ଲଗାତାର ସରକାର ଗଠନ କରିନାହାନ୍ତି । ୧୯୮୧ ମସିହାରୁ ପ୍ରତି ୫ ବର୍ଷରେ ଥରେ ସରକାର ବଦଳି ଥାଏ । ସେହପରି ୧୯୮୧ ମସିହା ପୂର୍ବରୁ ମଧ୍ୟ କୌଣସି ଦଳ ଲଗାତାର ସରକାର ଗଠନ କରିବାରେ ସଫଳ ହୋଇ ନାହାନ୍ତି । ହେଲେ ଏଥର କିନ୍ତୁ ଇତିହାସ ବଦଳାଇ ପାରନ୍ତି ପିନରାଇ ବିଜୟନ । ୨୦୧୬ ମେ ୨୫ରୁ କେରଳରେ ସରକାର ଗଠନ କରିଥିଲେ ଏଲଡିଏଫର ପିନରାଇ ବିଜୟନ । ସମସ୍ତେ ଜାଣିଥିଲେ ୫ ବର୍ଷ ପରେ ପୁଣି ସରକାର ବଦଳିବ । ହେଲେ ସେହି ରାଜନୈତିକ ଚିନ୍ତା ଧାରାକୁ ଏବେ ବଦଳାଇବାକୁ ଯାଉଛନ୍ତି ବିଜୟନ । ହେଲେ ଏହା କିପରି ସମ୍ଭବ କଲେ ପିନାରାଇ ବିଜୟନ ? ଏତେ ବର୍ଷର ପରମ୍ପରାକୁ ନୂଆ ଦିଗ ଦେଖାଇବାରେ କେଉଁ କାମ ତାଙ୍କୁ ସହାୟତା କଲା । ତେବେ ପଛ କଥା ଚିନ୍ତା କଲେ ପିନାରାଇ ବିଜୟନଙ୍କ ସଫଳତାର ମନ୍ତ୍ର ନଜର ଆସିବ । ଯେତେବେଳେ ଦେଶର ପ୍ରଥମ କୋଭିଡ ଆକ୍ରାନ୍ତ କେରଳରୁ ଚିହ୍ନଟ ହୋଇଥିଲା । ଆଉ ଏହାପରେ କେରଳରେ ମାଡି ଚାଲିଥିଲା ସଂକ୍ରମଣ । ସେତେବେଳେ କିଭଳି କରୋନାକୁ ସାମ୍ନା କରିଥିଲା ରାଜ୍ୟ । ଆଉ ଖୁବ କମ ସମୟ ମଧ୍ୟ ସଂକ୍ରମଣ ସଂଖ୍ୟା କମ କରି ସାରା ଦେଶ ପାଇଁ ମଡେଲ ରାଜ୍ୟ ପାଲଟିଥିଲା । ତେବେ କହିପାରିବା ଏହା ଏକ ମୁଖ୍ୟ କାରଣ ପିନାରାଇଙ୍କ ସଫଳତା ପାଇଁ । କୋଭିଡ ସମୟରେ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଅର୍ଥନୀତିକୁ ଅଧିକ ଗୁରୁତ୍ୱ ଦେଇଥିଲେ ପିନାରାଇ ବିଜୟନ । ସଂକ୍ରମଣ ସମୟରେ ସନ୍ତୁଳନ ରକ୍ଷା କରି ମହାମାରୀ ବିରୋଧରେ ଲଢେଇ କରିଥିଲେ । ତାଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୁଏତ ତାଙ୍କୁ ଏହି ସଫଳତା ଦେଇପାରେ ।

## ଗୋଟିଏ ଦିନରେ ୮୦୧୫....

୧୦୩, କଟକରୁ ୪୮୨ ଜଣ, ଦେବଗଡ ଜିଲ୍ଲାରୁ ୧୦୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୮୬ ଜଣ, ଗଜପତି ଜିଲ୍ଲାରୁ ୧୨୦, ଗଞ୍ଜାମରୁ ୧୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୪୯ ଜଣ, ଯାଜପୁରରୁ ୧୯୪ ଜଣ, ଝାରସୁଗୁଡ଼ାରୁ ୩୮୬ ଜଣ, କଳାହାଣ୍ଡିରୁ ୧୭୪ ଜଣ, କନ୍ଧମାଳ ଜିଲ୍ଲାରୁ ୬୧ ଜଣ. କେନ୍ଦ୍ରାପଡ଼ାରୁ ୭୦ ଜଣ, କେନ୍ଦୁଝରରୁ ୭୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୧୨୭୫ ଜଣ, କୋରାପୁଟରୁ ୧୨୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୧୯୯ ଜଣ, ନବରଙ୍ଗପୁରରୁ ୩୨୦ ଜଣ, ନୟାଗଡ଼ରୁ ୧୮୭ ଜଣ, ନୂଆପଡ଼ାରୁ ୨୬୪ ଜଣ, ପୁରୀରୁ ୩୨୬ ଜଣ, ରାୟଗଡ଼ାରୁ ୧୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୪୧ ଜଣ, ସୋନପୁରରୁ ୨୦୭ ଜଣ, ସୁନ୍ଦରଗଡ଼ରୁ ୭୩୫ ଜଣ ଓ ଷ୍ଟେଟ୍ ପୁଲରୁ ୨୩୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପଶ୍ଚିମବଙ୍ଗରେ ଚାଲିଲା....

ବିଜେପିର ବିରାଟବଡ ନିର୍ବାଚନ ରଣନୀତିକୁ ସଫଳତାର ସହ ମୁକାବିଲା କରି ଦିଦି ପୁଣି ପ୍ରମାଣିତ କରିଛନ୍ତି ଯେ, ସେ ପ୍ରକୃତରେ ଜଣେ ଫାଇଟର । ଏଥର ବିଜେପି ପଶ୍ଚିମବଙ୍ଗ ଜିତିବା ପାଇଁ ସବୁପ୍ରକାର ବଳ ଲଗାଇଦେଇଥିଲା । ମୋଦି ଓ ଶାହାଙ୍କ ପରି ନେତା ବଡ ବଡ ରାଲି କରି ପଶ୍ଚିମବଙ୍ଗ ଭୋଟରଙ୍କୁ ପରିବର୍ତନ ପାଇଁ ଆହ୍ୱାନ ଦେଇଥିଲେ । ସେପଟେ ମମତା, ପ୍ରଶାନ୍ତ କିଶୋରଙ୍କ ରଣନୀତି ଉପରେ ବିଶ୍ୱାସ କରି 'ଖେଲା ହୋବେ'ର ନାରା ଦେଇଥିଲେ, ଆଉ ଆରପାରର ଲଢେଇ କରିଥିଲେ । ପ୍ରଶାନ୍ତ କିଶୋରଙ୍କ ଭବିଷ୍ୟବାଣୀ ବି ଠିକ ହେଲା । ବିଜେପି ୩ ଅଙ୍କ ଛୁଇଁପାରିଲା ନାହିଁ । କିନ୍ତୁ ୨୦୧୬ରେ ୩ଟି ଆସନ ଜିତିଥିବା ବିଜେପି ଏଥର ବେଶ ଭଲ ପ୍ରଦର୍ଶନ କଲା । ଅବଶ୍ୟ ଯେଉଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା, ସେଥିରୁ ବହୁ ଦୂରରେ ରହି ସନ୍ତୁଷ୍ଟ ହେବାକୁ ପଡିଲା ।

## ଲକଡାଉନରେ ବନ୍ଦ ହେବନି ....

କୁହାଯାଇଛି । ସେହିଭଳି ଲକଡାଉନ ସମୟରେ କରୋନା ଟେଷ୍ଟିଂ ଉପରେ ମଧ୍ୟରେ କୌଣସି କଟକଣା ରହିବ ନାହିଁ । ନିଜ ଯାନରେ କରୋନା ଟେଷ୍ଟିଂ ସେଣ୍ଟର ଯାଇପାରିବେ ଲୋକେ । ଟେଷ୍ଟିଂ କରିବାକୁ ଯାଉଥିବା ବ୍ୟକ୍ତିଙ୍କ ଯାତାୟତରେ ଯେପରି କୌଣସି ସମସ୍ୟା ନହୁଏ ସେଥିପ୍ରତି ପ୍ରଶାସନକୁ ସଜାଗ ରହିବାକୁ କୁହାଯାଇଛି । ଅର୍ଥାତ ଲକଡାଉନ ସମୟରେ ବନ୍ଦ ରହିବନି ଟିକାକରଣ ଓ ଟେଷ୍ଟିଂ ।

## ମେ'୫ରୁ ୧୯....

ନଜରରେ ରଖି ଘରଠାରୁ ୫ଶହ ମିଟର ଭିତରେ ଚାଲି ଚାଲି ଯାଇ ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣି କରିବାକୁ ସର୍ତମୂଳକ ଅନୁମତି ଦିଆଯାଇଛି । ଆବଶ୍ୟକ ନଥିଲେ ଘରୁ ନବାହାରିବାକୁ କୁହାଯାଇଛି । ସେହିପରି ଜୀବିକାକୁ ନଜରରେ ରଖି ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୬ଟାରୁ ଦିନ ୧୨ଟା ଯାଏଁ ପନିପରିବା ଓ ଆବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ସର୍ତମୂଳକ ଅନୁମତି ଦିଆଯାଇଛି । ତେବେ ଲକଡାଉନ ସମୟରେ ସପ୍ତାହର ଶେଷ ଦୁଇ ଦିନ ଅର୍ଥାତ ଶନିବାର ଓ ରବିବାର ଦୁଇ ଦିନ ସମ୍ପୂର୍ଣ୍ଣ ସଟଡାଉନ ଲାଗୁ ହେବ । ଏହି ଦୁଇ ଦିନ କଟକଣା କଡାକଡି ଭାବେ ପାଳନ ହେବ । କେବଳ ଜରୁରୀ ସେବା ଯୋଗାଉଥିବା ଲୋକଙ୍କୁ ଛାଡି ଅନ୍ୟମାନଙ୍କୁ ଘରୁ ନବାହାରିବାକୁ କୁହାଯାଇଛି ।

## ନାଇଟ୍ରୋଜେନ୍ ପ୍ଲାଂଟଗୁଡ଼ିକୁ ଅକ୍ସିଜେନ୍ ....

ଯେପରିକି ଅକ୍ସିଜେନ ଆନାଲାଇଜର, କଂଟ୍ରୋଲ ପ୍ୟାନେଲ ପ୍ରଣାଳୀ, ପ୍ରବାହ ଭାଲଭ୍ ଆଦି ସହିତ ବର୍ତ୍ତମାନର ନାଇଟ୍ରୋଜେନ ପ୍ଲାଂଟରେ ଅକ୍ସିଜେନ ଉତ୍ପାଦନ ଲାଗି ଆବଶ୍ୟକ ପରିବର୍ତନ କରାଯାଇପାରିବ। ଉଦ୍ୟୋଗଗୁଡ଼ିକ ସହିତ ବିଚାର-ବିମର୍ଶ କରିବା ପରେ ବର୍ତମାନ ସୁଦ୍ଧା ୧୪ଟି ଉଦ୍ୟୋଗ ଚିହ୍ନଟ କରାଯାଇଛି, ଯେଉଁଠି ନାଇଟ୍ରୋଜେନ ପ୍ଲାଂଟଗୁଡ଼ିକର ରୂପାନ୍ତରଣ କାମ ପ୍ରଗତି ପଥରେ ରହିଛି। ଏହାବ୍ୟତୀତ, ଉଦ୍ୟୋଗ ସଂଘଗୁଡ଼ିକ ସହାୟତାରେ ୩୭ଟି ନାଇଟ୍ରୋଜେନ ପ୍ଲାଂଟକୁ ଏହି କାର୍ଯ୍ୟ ନିମନ୍ତେ ଚିହ୍ନଟ କରାଯାଇଛି। ଅକ୍ସିଜେନ ଉତ୍ପାଦନ ଲାଗି ସଂଶୋଧିତ ନାଇଟ୍ରୋଜେନ ପ୍ଲାଂଟଗୁଡ଼ିକୁ ନିଟକସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇପାରିବ କିମ୍ବା ଯଦି ଏସବୁ ପ୍ଲାଂଟକୁ ସ୍ଥାନାନ୍ତର କରାଯିବା ସମ୍ଭବ ହେବ ନାହିଁ ତା'ହେଲେ ଏଗୁଡ଼ିକର ଉପଯୋଗ ଅନସାଇଟ୍ ଅକ୍ସିଜେନ ଉତ୍ପାଦନ ନିମନ୍ତେ କରାଯାଇପାରିବ। ଯାହାକୁ ସ୍ୱତନ୍ତ୍ର ଭେସେଲ/ସିଲିଣ୍ଡର ଜରିଆରେ ଡାକ୍ତରଖାନାରେ ପହଂଚା ଯାଇପାରିବ। ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, କ୍ୟାବିନେଟ ସଚିବ, ଗୃହ ସଚିବ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ନନ୍ଦିଗ୍ରାମ ଆସନରୁ ଜିତିଲେ ....

ହରାଇବା ସହିତ ବିଜୟ ହାସଲ କରିଛନ୍ତି । ଚଳିତ ଥର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ପାରମ୍ପରିକ ଆସନକୁ ଛାଡି ନନ୍ଦିଗ୍ରାମରୁ ପ୍ରାର୍ଥୀ ହୋଇଥିଲେ । ଏଠାରୁ ବିଜେପି ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରାର୍ଥୀ କରିଥିଲା । ଦୁହିଁଙ୍କ ଭିତରେ କଡା ଟକ୍କର ମଧ୍ୟ ଦେଖିବାକୁ ମିଳିଥିଲା । ପ୍ରଚାର ବେଳେ ଦୁଇ ପ୍ରାର୍ଥୀଙ୍କୁ ଆକ୍ରମଣ ହେବା ନେଇ ମଧ୍ୟ ଅଭିଯୋଗ ଆସିଥିଲା । ହେଲେ ସବୁ ପରେ ପଶ୍ଚିମବଙ୍ଗରେ ଦିଦିଙ୍କ ଜଲୱା ଦେଖିବାକୁ ମିଳିଥିଲେ ହେଁ, ନନ୍ଦିଗ୍ରାମରେ ଶୁଭେନ୍ଦୁ ଅଧିକାରୀ ବିଜୟୀ ହେବା ସହିତ ମମତା ପରାସ୍ତ ହୋଇଛନ୍ତି ।

# ଦୁଇ ମାସ ପୂର୍ବରୁ ବନ୍ଦ ହେଲା ଶିମିଳିପାଳ ଅଭୟାରଣ୍ୟ




ବାରିପଦା,୦୨/୦୫ (ନି.ପ୍ର): ପର୍ଯ୍ୟଟକ ମାନଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମନୋରମା ଦୃଶ୍ୟକୁ ଉପଭୋଗ କରିବା ପାଇଁ ପ୍ରତିବର୍ଷ ନଭେମ୍ବର ପହିଲାରୁ ଜୁନ ଶେଷ ପର୍ଯ୍ୟନ୍ତ ଅଭୟାରଣ୍ୟ ଖୋଲା ଯାଇଥାଏ ଏବଂ ଗ୍ରୀଷ୍ମପ୍ରବାହ ପାଇଁ ଚାରି ମାସ ଭିତରକୁ ପ୍ରବେଶ ନିଷେଧ କରାଯାଇଥାଏ। ଶିମିଳିପାଳ ମଧ୍ୟକୁ ଯିବା ପାଇଁ ଦୁଇଟି ଗେଟ ଥିବା ବେଳେ ବାରିପଦା ପିଠାବଟା ଗେଟ ଓ ଜଶିପୁର କାଳିଆଣି ଗେଟ ଦେଇ ଶିମିଳିପାଳ ମଧ୍ୟକୁ ପ୍ରବେଶ କରି ବାଘ, ଭାଲୁ, ହାତୀ, ହରିଣ, ପକ୍ଷୀଙ୍କ ଠାରୁ ଆରମ୍ଭ କରି ବରେହିପାଣି ଜଳପ୍ରପାତର ପ୍ରାକୃତିକ ମଜା ନେଇଥାନ୍ତି ପର୍ଯ୍ୟଟକ। କିନ୍ତୁ ଚଳିତ ବର୍ଷ ବନ୍ଦ ହେବାର ଦୁଇ ମାସ ପୂର୍ବରୁ ଶିମିଳିପାଳ ବୁଲିବାରେ ଲାଗିଛି ବ୍ରେକ। ପ୍ରଥମେ କରୋନା କଟକଣା ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ସରକାରଙ୍କ ରାଜସ୍ୱ କମି ଥିବା ବେଳେ ଚଳିତ ବର୍ଷ ପିଠାବଟା ଗେଟରେ କାର୍ଯ୍ୟରତ କର୍ମଚାରୀଙ୍କର କରୋନା ଚିହ୍ନଟ ପରେ ଏପ୍ରିଲ ଶେଷରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରୋକ ଲାଗିଛି। କିନ୍ତୁ ଜଶିପୁର ତୁଳସିବଣୀ ଓ କାଳିକାପ୍ରସାଦ ଫାଟକ ଦେଇ ଚଳିତ ପାଞ୍ଚ ତାରିଖ ଠାରୁ ପର୍ଯ୍ୟଟକଙ୍କ ପାଇଁ ବ୍ରେକ ଲାଗିବ। ରାଜ୍ୟ ସରକାରଙ୍କ ପକ୍ଷରୁ ପାଞ୍ଚ ତାରିଖରୁ ସମଗ୍ର ରାଜ୍ୟ ଲୋକଡାଉନ ହେଉଥିବାରୁ ଏହି ଫାଟକ ମଧ୍ୟ ବନ୍ଦ ରହିବ ବୋଲି ସୂଚନା ମିଳିଛି। ସେପଟେ ଏହା ଦ୍ୱାରା ପର୍ଯ୍ୟଟନ ବିଭାଗକୁ କ୍ଷତି ସହିବାକୁ ପଡିଛି। ଏହା ଦ୍ୱାରା ବହୁ ପର୍ଯ୍ୟଟକ ମାନେ ସରକାରଙ୍କ ନିଷ୍ପତିକୁ ସ୍ୱାଗତ କରିଥିବା ବେଳେ ଅନେକ ପର୍ଯ୍ୟଟକ ନିରାଶ ହୋଇଥିବା ଜଣାପଡ଼ିଛି। ମୟୂରଭଞ୍ଜ ଜିଲ୍ଲାର ଜାତୀୟ ଅଭୟାରଣ୍ୟ ଶିମିଳିପାଳ ପାଦଦେଶରେ କରୋନା ସଂକ୍ରମଣ ବୃଦ୍ଧି ସୂଚନା ପରେ ଦୁଇ ମାସ ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟର ମୁଖ୍ୟ ଫାଟକ ସହିତ ଭିତରକୁ ପ୍ରବେଶ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲଜନ୍ତୁ ଏବଂ ପାଦଦେଶରେ ବସବାସ କରୁଥିବା ଗ୍ରାମବାସୀଙ୍କୁ କରୋନା ସଂକ୍ରମଣରୁ ରୋକିବା ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ଏମ ଯୋଗମାୟାନନ୍ଦଙ୍କ ଦ୍ୱାରା ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ପ୍ରଦତ୍ତ ରହିଛି। ତେବେ ଚଳିତବର୍ଷ ଜିଲ୍ଲା ସହିତ ପଡୋଶୀ ରାଜ୍ୟ ମାନଙ୍କରେ କରୋନା ସଂକ୍ରମଣ ତୀବ୍ର ଗତିରେ ବୃଦ୍ଧି ପାଉଥିବା ସହିତ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ବୁଲିବାକୁ ଆସି ଫେରିଯାଉଥିବା ପରିଲକ୍ଷିତ ହୋଇଛି। ପୃଥିବୀ ପୃଷ୍ଠରୁ କରୋନାକୁ ହଟାଇବା ପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନା କରି ଆଗାମୀ ବର୍ଷ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରିବାକୁ ଅନେଇ ବସିଛନ୍ତି ପର୍ଯ୍ୟଟକ ଏବଂ ଜିଲ୍ଲାବାସୀ।

# ସାମ୍ବାଦିକ ପ୍ରୀତିମାନ ମହାପାତ୍ରଙ୍କ ବିୟୋଗରେ ବାଚସ୍ପତିଙ୍କ ଶୋକ

ଭୁବନେଶ୍ୱର,୦୨/୦୫ (ନି.ପ୍ର): ଟାଇମସ୍ ଅଫ୍ ଇଣ୍ଡିଆ ଗ୍ରୁପ୍ ର ଦକ୍ଷ ସାମ୍ବାଦିକ ପ୍ରୀତିମାନ୍ ମହାପାତ୍ରଙ୍କ କରୋନାଜନିତ ଅକାଳ ବିୟୋଗରେ ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତାରେ ଡ. ପାତ୍ର ସ୍ୱର୍ଗତ ମହାପାତ୍ରଙ୍କୁ ଜଣେ ଦକ୍ଷ, ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକ ଭାବେ ବର୍ଣ୍ଣନା କରି ତାଙ୍କର ବିୟୋଗ ସମଗ୍ର ସାମ୍ବାଦିକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିଛନ୍ତି । ସ୍ୱର୍ଗତ ମହାପାତ୍ର ଗରିବ, ଦଳିତ ଓ ନିଷ୍ପେସିତଙ୍କ ସ୍ୱରକୁ ସମ୍ବାଦପତ୍ର ମାଧ୍ୟମରେ ଶାଣିତ ଢଙ୍ଗରେ ଉପସ୍ଥାପନ କରୁଥିଲେ ଏବଂ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସଂପର୍କର ମଧ୍ୟ ସେତୁ ଥିଲେ । ସେ ମଧ୍ୟ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

# ଭୁବନେଶ୍ୱରରେ ୨ ଦିନରେ ୧୯୦୨ କରୋନା ପଜିଟିଭ୍

ଭୁବନେଶ୍ୱର,୦୨/୦୫(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଗତ ୨ ଦିନରେ ୧୯୦୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶନିବାର ଦିନ ୧୦୯୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ରବିବାର ଦିନ ୮୦୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଶନିବାର ଦିନ ୧୨୧ କ୍ୱାରେଂଟାଇନ୍ ଓ ୯୭୨ ଲୋକାଲ ମାମଲା ରହିଥିବା ବେଳେ ରବିବାର ଦିନ ୧୧୯ ଜଣ କ୍ୱାରେଂଟାଇନ୍ ରୁ ଓ ୬୯୦ ଜଣ ସ୍ଥାନୀୟ ମାମଲା ଚିହ୍ନଟ ହୋଇଛନ୍ତି। ସେହିପରି ୨ ଦିନରେ ମୋଟ ୧୧୦୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୬୩୧୭କୁ ବୃଦ୍ଧି ପାଇଛି। ସୁସ୍ଥଙ୍କ ସଂଖ୍ୟା ୩୭୬୫୨ ରହିଛି ଏବଂ ବର୍ତମାନ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୮୩୭୮ ରହିଛି। ଅପରପକ୍ଷରେ ଏପର୍ଯ୍ୟନ୍ତ ୨୬୬ ଜଣ ମୃତ୍ୟୁବରଣ କରିସାରିଛନ୍ତି।

# ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୮,୦୪,୯୫୪ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୦୨/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୮,୦୪,୯୫୪ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୨୯,୦୧,୪୨,୩୩୯ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ଓଡିଶା ବ୍ୟବସାୟୀ ସଂଘର ନିଷ୍ପତ୍ତିକୁ ବାରିପଦା ବ୍ୟବସାୟୀ ସଂଘର ସମର୍ଥନ

ବାରିପଦା,୦୨/୦୫ (ନି.ପ୍ର): ଏପ୍ରିଲ ୩୦ ରାତ୍ର ୮ ଘଟିକା ସମୟରେ ବାରିପଦା ବ୍ୟବସାୟୀ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ମାନଙ୍କର ଏକ ଜରୁରୀ ବୈଠକ କୋଭିଡ୍ ନିୟମ ପାଳନ ସହ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ଅମିତାଭ ସାହୁ, କାର୍ଯ୍ୟକାରୀ ସଭାପତି ସୁନୀତ ପୁରୀ, ସାଧାରଣ ସମ୍ପାଦକ ସରୋଜ କୁମାର ବୋଷ, ସଙ୍ଗଠନ ସମ୍ପାଦକ ପୂର୍ଣ୍ଣାନନ୍ଦ ପରିଡା, ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ଅକ୍ଷୟ କୁମାର ଅଗ୍ରୱାଲ, ବରିଷ୍ଠ ଉପଦେଷ୍ଟା ପଦ୍ମନାଭ ପୃଷ୍ଟି, ଗଣେଶ ଦାସ, ଯୋଗେଶ ଅଗ୍ରୱାଲ, ଅଶୋକ କୁମାର ସାହୁ, ଅରୂପ ଦାସ, ଦେବବ୍ରତ ମହାନ୍ତ. ରାଜା ମିଶ୍ର, ଉତମ ମହାକୁଡ ପ୍ରମୁଖ ଉପସ୍ଥିତ ଥିବା ବର୍ତମାନ କରୋନା ବିଭେଷିକା ଓ ସଙ୍ଗଠନର ଭୂମିକା ଉପରେ ଆଲୋଚନା ହୋଇଥିଲା। "ଓଡିଶା ବ୍ୟବସାୟୀ ମହାସଂଘ"ର ବ୍ୟବସାୟର ସମୟ ନିଘଣ୍ଟ ଉପରେ କରିଥିବା ନିଷ୍ପତି ଏକ ସମୟ ଉପଯୋଗୀ ପଦକ୍ଷେପ ବୋଲି ସମସ୍ତେ ହୃଦୟଙ୍ଗମ କରି ଏହାକୁ ଦୃଢତାର ସହ ବାରିପଦାରେ ପାଳନ କରିବାର ନିଷ୍ପତି ନିଆଗଲା। ଏଣୁ ଆସନ୍ତା ୩ମଇ ଠାରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ସକାଳ ୬ ଘଟିକା ଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବ୍ୟବସାୟୀ ପ୍ରତିଷ୍ଠାନ ଖୋଲା ରଖିବାର ସିଦ୍ଧାନ୍ତ ନିଆଗଲା। ବାରିପଦା ବ୍ୟବସାୟୀ ସଂଘର ଏହି ନିଷ୍ପତିକୁ ସମର୍ଥନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୋଲିସର ସାହାର୍ଯ୍ୟ ପାଇଁ ନିବେଦନ କରାଗଲା।

# ଜଳେଶ୍ୱରରେ ଶ୍ରମିକ ଦିବସ ପାଳନ



ଜଳେଶ୍ୱର,୦୨/୦୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଅନ୍ତର୍ଗତ ନୂଆବଜାର ଠାରେ ବିଶ୍ୱ ଶ୍ରମିକ ଦିବସ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ, କଳା ଓ କଳାକାର ବିକାଶ ପରିଷଦ ଓ ଜଳେଶ୍ୱର ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ କୋଭିଡ୍ ନିୟମ ଅନୁସାରେ ପାଳିତ ହୋଇ ଯାଇଛି । ପ୍ରାରମ୍ଭରେ ପୌରପରିସଦର ଶିଶୁ ଉଦ୍ୟାନରେ ଥିବା ଶ୍ରମିକ ନେତା ହିମାଂଶୁ ନନ୍ଦୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ଅନୁଷ୍ଠିତ ସଭାରେ ଚନ୍ଦ୍ରମୋହନ ରାଉଳ ସଭାପତିତ୍ୱ କରିଥିବା ବେଳେ ସମାଜସେବୀ ମନୋରଂଜନ ଦାସ ସଂଚାଳନ କରିଥିଲେ। ପ୍ରାରାମ୍ଭରେ ନିଖିଳ ଓଡିଶା ଅଂଗନୱାଡି କର୍ମୀ ସଂଘ ଜଳେଶ୍ୱର ବ୍ଲକ ସଭାପତି ଲକ୍ଷ୍ମୀପ୍ରିୟା ଦାସ ସଂଗ୍ରାମୀ ପତାକାକୁ ଉତ୍ତଳନ କରିଥିଲେ । ମୁଖ୍ୟ ଅତିଥିଭାବେ ଉପଦେଷ୍ଟା କମଳ ଚକ୍ରବର୍ତ୍ତୀ ଯୋଗ ଦେଇ ଶ୍ରମିକ ମାନଙ୍କ ଜୀବନ ଜୀବିକା ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ କୃଷକ ନେତା ସୁଦାମ ପାତ୍ର ,ଶିଶିର କୁମାର ଦାସ, ମମତା ଦାସ ମହାପାତ୍ର, ସୁଧିର କୁମାର ମହାନ୍ତି, ହେମନ୍ତ କୁମାର ସାହୁ, ଅଜୟ କୁମାର ସାହୁ, ଗଣେଶ ସରେନ୍ ପ୍ରମୁଖଙ୍କୁ ମାନପତ୍ର ଓ ଉତ୍ତରିୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସନ୍ଧ୍ୟା କର୍ମକାର, ପ୍ରିୟଙ୍କା ଜେନା, ଜଗଦିଶ ବେହେରା, ପ୍ରଶାନ୍ତ ପ୍ରଧାନ, ସୁରଜ ବେରା, ସିନ୍ନିବାସ ଦାସମହାପାତ୍ର, ବିଭିଷଣ ବର୍ଷାଳ, ଅଭିମନ୍ୟୁ ଦେହୁରୀ, ଗୌରାଙ୍ଗ ପାଳ, ବାସୁଦେବ ଦାସ, ଶ୍ରୀପତି ଘୋଷ, ରାଜକୁମାର ରାଉଳ, ଜଗଦିଶ ନନ୍ଦୀ, ବିଜୟ ପରିଡା, ହାସିରୁଦ୍ଦିନ ବକ୍ସ ପ୍ରମୁଖ ସହଯୋଗ କରିଥିଲେ । ଅନୁରୂପଭାବେ ଜଳେଶ୍ୱରର ଶିକ୍ଷକ-ଶ୍ରମିକ-କର୍ମଚାରୀ ସମନ୍ୱୟ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଛି । ୧୮୮୬ ମସିହାରେ ଆମେରିକାର ଚିକାଗଠାରେ ବହୁ ଶ୍ରମିକ ବଂଧୁକ ଗୁଳିରେ ସହିଦ ହେବାପରେ ଶ୍ରମିକ ଦିବସ ପାଳିତ ହୋଇ ଆସୁଛି । ଏବେ କେନ୍ଦ୍ର ସରକାର ୧୪ଟି ଶ୍ରମ ଆଇନ୍‌କୁ ଉଚ୍ଛେଦ କରିଥିବାରୁ ଅସନ୍ତୋଷ ଦେଖା ଦେଇଛି ।

# ସଂଜୟ ମହାନ୍ତି ରେଲୱେ ବୋର୍ଡ଼ର ନୂଆ ସଦସ୍ୟ

ଭୁବନେଶ୍ୱର,୦୨/୦୫(ନି.ପ୍ର): ଭାରତୀୟ ରେଳପଥ ଟ୍ରାଫିକ୍ ସେବାର ୧୯୮୫ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ସଂଜୟ କୁମାର ମହାନ୍ତି ନୂଆଦିଲ୍ଲୀସ୍ଥ ରେଳ ମନ୍ତ୍ରଣାଳୟର ରେଲୱେ ବୋର୍ଡ଼ର ନୂଆ ମେମ୍ବର (ଅପରେସନ୍ ଓ ବିଜ୍‌ନେସ୍ ଡେଭେଲପ୍‌ମେଂଟ) ତଥା ଭାରତ ସରକାରଙ୍କ ପଦପଯୁକ୍ତ ଶାସନ ସଚିବ ଭାବେ ଯୋଗଦାନ କରିଛନ୍ତି। ଏହି ନୂତନ ପଦବୀରେ ଯୋଗଦାନ ପୂର୍ବରୁ ଶ୍ରୀ ମହାନ୍ତି କୋଲକାତାସ୍ଥ ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ଶ୍ରୀ ମହାନ୍ତି ନୂଆଦିଲୀସ୍ଥ ରେଲୱେ ବୋର୍ଡ଼ରେ ପ୍ରମୁଖ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଟ୍ରାଫିକ୍ ପରିବହନ), ପୂର୍ବ ତଟ ରେଳପଥରେ ବରିଷ୍ଠ ଉପମହାପ୍ରବନ୍ଧକ ଓ ମୁଖ୍ୟ ସତର୍କତା ଅଧିକାରୀ, ମୁଖ୍ୟ ପରିବହନ ଯୋଜନା ପ୍ରବନ୍ଧକ ଏବଂ ମୁଖ୍ୟ ପଣ୍ୟ ପରିବହନ ପ୍ରବନ୍ଧକ, ଭୁବନେଶ୍ୱର ଆଇ.ଆର୍.ସି.ଟି.ସି.ର ଆଂଚଳିକ ମହାପ୍ରବନ୍ଧକ ଏବଂ ଖୋର୍ଦ୍ଧାରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଇତ୍ୟାଦି ଭାରତୀୟ ରେଳପଥର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରିଛନ୍ତି। ତାଙ୍କ ସମୟରେ ପଣ୍ୟ ପରିବହନ କ୍ଷେତ୍ରରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଭାରତୀୟ ରେଳପଥରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିବା ଥିଲା ଶ୍ରୀ ମହାନ୍ତିଙ୍କର ସବୁଠୁଁ ବଡ଼ ସଫଳତା। ଶ୍ରୀ ମହାନ୍ତି ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସ୍‌ରେ ଡିଗ୍ରୀ ହାସଲ କରି ଭାରତୀୟ ରେଳପଥରେ ଯୋଗଦାନ କରି ମୁମ୍ବାଇ, ନାଗପୁର, ଝାନ୍ସି ଏବଂ କୋଙ୍କୋଣ ରେଳପଥର ବହୁ ଉଚ୍ଚ ପଦପଦବୀରେ କାର୍ଯ୍ୟକରିଛନ୍ତି। ସେ ପ୍ରଶାସନରେ ଅଭିନବୀକରଣ ଏବଂ ପ୍ରଣାଳୀ ଗଠନ କରିବାରେ ଦକ୍ଷତା ଅର୍ଜନ କରିଛନ୍ତି। ସେ ବାଲେଶ୍ୱରର ସୁପରିଚିତ ଆଡ୍‌ଭୋକେଟ୍ କୃଷ୍ଣ ପ୍ରସାଦ ମହାନ୍ତିଙ୍କର କନିଷ୍ଠ ସନ୍ତାନ।

# କରୋନାରେ ଦେଶରେ ଗତ ୨୪ ଘଂଟାରେ ୩,୯୨,୪୮୮ ମାମଲା

ନୂଆଦିଲ୍ଲୀ,୦୨/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩,୯୨,୪୮୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୩୬୮୯ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୯୫,୫୭,୪୫୭ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩,୪୯,୬୪୪ ଥିବା ବେଳେ ବର୍ତମାନ ସୁଦ୍ଧା ୨,୧୫,୫୪୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ଶ୍ରମିକ ଦିବସରେ ଉତ୍କଳ ସମ୍ମିଳନୀର ୱେବିନାର

ଭୁବନେଶ୍ୱର,୦୨/୦୫ (ନି.ପ୍ର): ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସଭାପତି ଶ୍ରୀ ବସନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଗୁଗୁଲ୍ ମିଟ୍ ମାଧ୍ୟମରେ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଆମ ରାଜ୍ୟ ଏବଂ ରାଜ୍ୟ ବାହାରର ତିରିଶରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଶ୍ରୀ ଚିନ୍ମୟ ବୋଡେଙ୍କ ପ୍ରାରମ୍ଭିକ ଅଭିଭାଷଣ ଏବଂ କଣ୍ଠଶିଳ୍ପୀ ଶ୍ରୀମତୀ ମନସ୍ୱିନୀ ମହାପାତ୍ରଙ୍କ ଦ୍ୱାରା ଆମେ ଶିଳ୍ପୀ ଆମେ ଶ୍ରମିକ କବିତା ଗାନ ପରେ ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା କରାଯିବା ସହ ସେମାନଙ୍କୁ ଶୋଷଣ ମୁକ୍ତ କରିବା ଦିଗରେ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରାଯାଇଥିଲା। ବିଶିଷ୍ଟ ସମାଜସେବୀ ଅଧିବକ୍ତା ବିଷ୍ଣୁପ୍ରସାଦ ଶର୍ମା ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାର ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଓ ସମାଧାନ ଏବଂ ଯୁବ ସମାଜସେବୀ ରାଜୀବ ଶଗଡ଼ିଆ ଦାଦନ ଶ୍ରମିକଙ୍କ ଐତିହାସିକ ପୃଷ୍ଠଭୂମି, ନିର୍ଯାତନା ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଟିଟିଲାଗଡ଼ ଶାଖା ସଭାପତି ଶ୍ରୀ ଗଜାନନ ମିଶ୍ର ସୃଜନୀ ଶ୍ରମ ଏବଂ କେନ୍ଦ୍ରୀୟ କମିଟି ସଭାପତି ବସନ୍ତ କୁମାର ତ୍ରିପାଠୀ କୋଭିଡ୍ କାଳରେ ଶ୍ରମିକଙ୍କ ବିପତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିରେ ଉଲ୍ଲେଖ କରାଯାଇଥିଲା ଯେ ଓଡ଼ିଶା ୧୯୭୫ ମସିହାରେ ଦାଦନ ଶ୍ରମିକ ଆଇନ୍ କରି ଶ୍ରମିକମାନଙ୍କ ସୁରକ୍ଷା ଦିଗରେ ସମଗ୍ର ଭାରତବର୍ଷକୁ ଦିଗ୍‌ଦର୍ଶନ ଦେଇଥିଲେ ମଧ୍ୟ ଏହା ବିଶେଷ ଫଳଦାୟକ ହୋଇ ନପାରିଥିବାରୁ କେନ୍ଦ୍ର ସରକାର ୧୯୭୮ ଦାଦନ ଆଇନ୍ ପାରିତ କରି ଶ୍ରମିକମାନଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ବ୍ୟବସ୍ଥା କରିଥିଲେ। ମାତ୍ର ତାହା ମଧ୍ୟ ଆଜି ଶ୍ରମିକମାନଙ୍କୁ ଆଶାଜନକ ସୁରକ୍ଷା ଦେଇପାରିନାହିଁ। ଏହି ସ୍ଥିତିରେ ଆମ ରାଜ୍ୟରୁ ଯାଉଥିବା ଦାଦନ ଏବଂ ପ୍ରବାସୀ ଶ୍ରମିକମାନଙ୍କ ଅସୁବିଧାର ବିଭିନ୍ନ ଦିଗକୁ ଅନୁଶୀଳନ କରାଯାଇ ଆମ ରାଜ୍ୟ ସରକାରଙ୍କ ନିକଟରେ ନିମ୍ନ ଦାବି ଉପସ୍ଥାପନ କରାଯିବା ପାଇଁ ସ୍ଥିର କରାଯିବା ସହ ବିଭିନ୍ନ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଗୃହୀତ ହେଲା। ଆମ ରାଜ୍ୟରେ ପ୍ରବାସୀ ଶ୍ରମିକମାନଙ୍କୁ ନିଯୋଜିତ କରୁଥିବା ସମସ୍ତ ସଂସ୍ଥାମାନେ ପ୍ରଥମେ ସମ୍ପୃକ୍ତ ଆଇନ୍ ଅନୁଯାୟୀ ଏଥିପାଇଁ ରେଜିଷ୍ଟ୍ରିଭୁକ୍ତ ହେବା ଅତ୍ୟନ୍ତ ଜରୁରୀ ଅଟେ।

# ଦିନକରେ ଚିହ୍ନଟ ୧୦୦ନୂଆ ସଂକ୍ରମିତ

ବାଲେଶ୍ୱର,୦୨/୦୫ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱରର ୧୦୦ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସହରର ବୈରାମ ନଗର ଅଞ୍ଚଳରେ ୫ ଜଣ, ସୁନହଟରେ ୩ଜଣ, ଆଜିମାବାଦରେ ୨ ଜଣ, ସହଦେବଖୁଣ୍ଟାରୁ ୨ ଜଣ ଓ ରାଣୀପାଟଣା, ପଡ଼ୁଆଁପଦା, ଏଡିଏମ ଛକ, ଗୋପାଳଗାଁ, ମଲିକାଶପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଁଏ କରୋନା ସଂକ୍ରମିତ ଅଛନ୍ତି । ସେହିପରି ସଦର ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୭ ଜଣ, ରେମୁଣା ବ୍ଲକରୁ ୪ ଜଣ, ଔପଦା ବ୍ଲକରୁ ୨୮ ଜଣ, ଖଇରା ବ୍ଲକରୁ ୧୪ ଜଣ, ବାହାନଗା ବ୍ଲକରୁ ୬ ଜଣ, ସୋର ବ୍ଲକରୁ ୪ଜଣ, ନୀଳଗିରି ବ୍ଲକରୁ ୪ ଜଣ, ବାଲିଆପାଳ ବ୍ଲକରୁ ୨ଜଣ, ବସ୍ତା, ଭୋଗରାଇ ଓ ଜଳେଶ୍ୱର ବ୍ଲକରୁ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି। ଚିହ୍ନଟ ସମସ୍ତ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗତ ୨୦୨୦ ମସିହା ଏପ୍ରିଲ ମାସଠାରୁ ଅଦ୍ୟାବଧି ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪,୭୭୬ ପହଞ୍ଚିଥିବା ବେଳେ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ୧୩,୬୨୫ ଜଣ ସୁସ୍ଥ ହୋଇଛନ୍ତି। ଏବେ କୋଭିଡ ହସପିଟାଲ, କୋଭିଡ ଯତ୍ନ କେନ୍ଦ୍ର ଓ ପରିବାର ସଙ୍ଗରୋଧରେ ୧୦୪୮ ଜଣ ଚିକିତ୍ସିତ ଥିବା ଜଣାପଡ଼ିଛି। ତେବେ ସରକାରୀ ହିସାବ ଅନୁସାରେ ବାଲେଶ୍ୱର ଜିଲାରେ ଏବେ ସୁଦ୍ଧା ୯୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ବେସରକାରୀ ଭାବେ ୧୦୩ ଜଣ ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଜିଲାରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ତୁଣ୍ଡି ବ୍ୟବହାର ସାଙ୍ଗକୁ ସାମାଜିକ ଦୂରତା ରକ୍ଷା ପ୍ରତି ଯତ୍ନବାନ ହେବାକୁ ପ୍ରଶାସନ ପକ୍ଷରୁ ଜିଲାବାସୀଙ୍କୁ ପରାମର୍ଶ ଦିଆଯାଇଛି ।

# ଚିକିତ୍ସା ପାଇଁ ବାଷ୍ପୀୟ ଅକ୍ସିଜେନର ଉପଯୋଗିତା ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୦୨/୦୫ (ନି.ପ୍ର): ଦେଶରେ ଅକ୍ସିଜେନ ଯୋଗାଣ ଓ ଉପଲବ୍ଧତା ବୃଦ୍ଧି କରିବା ଲାଗି ଅଭିନବ ମାର୍ଗ ସନ୍ଧାନ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ବାଷ୍ପୀୟ ଅକ୍ସିଜେନର ଉପଯୋଗିତା ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇସ୍ପାତ କାରଖାନା, ବିଶୋଧନ ସୁବିଧା ଥିବା ପେଟ୍ରୋକେମିକାଲ ୟୁନିଟ୍, ରିଚ୍ କମ୍ବସନ ପ୍ରକ୍ରିୟା ଉପଯୋଗ କରୁଥିବା ଉଦ୍ୟୋଗ, ବିଦ୍ୟୁତ ଶକ୍ତି ପ୍ଲାଂଟ ଆଦି ବହୁ ଉଦ୍ୟୋଗରେ ଥିବା ଅକ୍ସିଜେନ ପ୍ଲାଂଟଗୁଡ଼ିକରେ ବାଷ୍ପୀୟ ଅକ୍ସିଜେନ ଉତ୍ପାଦନ କରାଯାଇଥାଏ ଯାହାକି ଏହି ପ୍ରକ୍ରିୟାରେ ଉପଯୋଗ କରାଯାଇଥାଏ। ଏହି ଅକ୍ସିଜେନକୁ ଚିକିତ୍ସା ଉଦ୍ଦେଶ୍ୟରେ ଉପଯୋଗ କରାଯାଇପାରିବ। ଆବଶ୍ୟକ ଶୁଦ୍ଧତା ଥିବା ବାଷ୍ପୀୟ ଅକ୍ସିଜେନ ଉତ୍ପାଦନ କରୁଥିବା ଔଦ୍ୟୋଗିକ ୟୁନିଟଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ରଣନୀତିର ଉପଯୋଗ କରାଯାଉଛି। ସହର/ଜନବହୁଳ ଅଂଚଳ/ଚାହିଦା ଥିବା କେନ୍ଦ୍ର ଓ ଅକ୍ସିଜେନ ଶଯ୍ୟା ଥିବା ଅସ୍ଥାୟୀ କୋଭିଡ ଚିକିତ୍ସା କେନ୍ଦ୍ର ନିକଟରେ ଥିବା ଏପରି ୟୁନିଟଗୁଡ଼ିକୁ ତାଲିକାଭୁକ୍ତ କରିବାର ପ୍ରକ୍ରିୟା ଜାରି ରହିଛି। ଏପରି ସୁବିଧା ଥିବା ୫ଟି କ୍ଷେତ୍ରକୁ ପାଇଲଟ୍ ଆଧାରରେ ଚୟନ କରାଯାଇଛି ଏବଂ ଏହି କ୍ଷେତ୍ରରେ ଯଥେଷ୍ଟ ଭଲ ପ୍ରଗତି ହାସଲ କରାଯାଇପାରିଛି। ପ୍ଲାଂଟ ପରିଚାଳନା କରୁଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ କିମ୍ବା ଘରୋଇ ଉଦ୍ୟୋଗ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ମାଧ୍ୟମରେ ଏହି ଉପଲବ୍ଧି ହାସଲ କରାଯାଇପାରିଛି। ଏପରି ପ୍ଲାଂଟ ନିକଟରେ ଅସ୍ଥାୟୀ ଡାକ୍ତରଖାନା ନିର୍ମାଣ କରିବା ଜରିଆରେ ଅଳ୍ପ ସମୟ ମଧ୍ୟରେ ପାଖାପାଖି ୧୦,୦୦୦ ଅକ୍ସିଜେନ ଶଯ୍ୟା ପ୍ରସ୍ତୁତ କରାଯାଇପାରିବ। ମହାମାରୀର ମୁକାବିଲା ନିମନ୍ତେ ଅକ୍ସିଜେନ ଶଯ୍ୟା ସୁବିଧା ଥିବା ଏପରି ଅଧିକ ସୁବିଧା ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାରଙ୍କୁ ପ୍ରୋତ୍ସାହିତ କରାଯାଉଛି। ପ୍ରଧାନମନ୍ତ୍ରୀ ମଧ ପିଏସଏ ପ୍ଲାଂଟ ପ୍ରତିଷ୍ଠା କରିବାର ଅଗ୍ରଗତି ସମୀକ୍ଷା କରିଛନ୍ତି। ତାଙ୍କୁ ମଧ ସୂଚନା ଦିଆଯାଇଥିଲା ଯେ ପିଏମ କେୟାର୍ସ, ପିଏସୟୁ ଓ ଅନ୍ୟମାନଙ୍କୁ ଯୋଗଦାନ ଜରିଆରେ ପାଖାପାଖି ୧୫୦୦ ପିଏସଏ ଅକ୍ସିଜେନ ପ୍ଲାଂଟ ପ୍ରତିଷ୍ଠା କରାଯିବାର ପ୍ରକ୍ରିୟା ଜାରି ରହିଛି।

# ବାଲେଶ୍ୱରରେ ନିରାଡ଼ମ୍ବର ଭାବେ ଆନ୍ତର୍ଜାତିକ ଶ୍ରମିକ ଦିବସ




ବାଲେଶ୍ୱର,୦୨/୦୫ (ନି.ପ୍ର): ଶ୍ରମିକ ସଂଗଠନ ସମନ୍ୱୟ ସମିତି (ଟିୟୁଏସିସି) ପକ୍ଷରୁ କରୋନା କଟକଣା ପାଳନ ପୂର୍ବକ ନିରାଡ଼ମ୍ବର ଭାବେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏନେଇ ଫାଣ୍ଡିଛକସ୍ଥିତ ରିକ୍ସା ଚାଳକ ସଂଘ ଅଫିସ ସମ୍ମୁଖରେ ପୂର୍ବତନ ବିଧାୟକ ତଥା ଟିୟୁଏସିସିର ପ୍ରତିଷ୍ଠାତା ଅଧକ୍ଷ ଅରୁଣ ଦେ ଶ୍ରମିକ ପତାକା ଉତ୍ତୋଳନ କରିଥିଲେ। ସେହିପରି ପଡ଼ୁଆଁପଦାସ୍ଥିତ ଉଠା ଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟ ସମ୍ମୁଖରେ 'ଏଆଇଟିୟୁସି'ର ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଲାଲ ପତାକା ଉତ୍ତୋଳନ କରିଥିଲେ। ମାଲଗୋଦାମ ମୋଟିଆ ସଂଘ ତରଫରୁ ଏଆଇଟିୟୁସିର ଜିଲା ସଂପାଦକ ଶ୍ୟାମସୁନ୍ଦର ଜେନା ପତାକା ଉତ୍ତୋଳନ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଉଠାଜଳସେଚନ କର୍ମଚାରୀ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବହନ ଶ୍ରମିକ ସଂଘର ନେତା ରାଜକିଶୋର ଲେଙ୍କା ଅଧକ୍ଷତା କରିଥିଲେ। ଟିୟୁଏସିସିର ସାଧାରଣ ସମ୍ପାଦକ ଶ୍ରୀ ପାଣିଗ୍ରାହୀ ମଇ ପହିଲା ତଥା ଶ୍ରମିକ ଦିବସୀ ଯଥାର୍ଥତା ସମ୍ପର୍କରେ ସୂଚନା ଦେଇଥିଲେ। ସିଆଇଟିୟୁ ତରଫରୁ ପ୍ରେମରଞ୍ଜନ ପାତ୍ର, ବିଦ୍ୟୁତ ଶ୍ରମିକମାନଙ୍କ ତରଫରୁ ସତ୍ୟରଞ୍ଜନ ବେହେରା, ଆଇଏନଟିୟୁସିର ଯୁବ ସଂଗଠନର ସଭାପତି ବିକାଶ ଦାସ, ନାରୀ ନେତ୍ରୀ ବନ୍ଦନା ବିଶ୍ୱାସ, କଳକାରଖାନା ଶ୍ରମିକମାନଙ୍କ ତରଫରୁ ଗୋପୀନାଥ ଦାସ, ଉଠାଜଳସେଚନ କର୍ମଚାରୀ ସଂଘର ସହସଂପାଦକ ଶରତ ଚନ୍ଦ୍ର ଦଳାଇ, ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ପ୍ରମୁଖ ଏଥିରେ ଯୋଗଦେଇ ଶ୍ରମିକ ସମାଜ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବ୍ୟାଙ୍କ, ବୀମା, ପ୍ରତିରକ୍ଷା, ରିକ୍ସା ଚାଳକ ସଂଘ, ସଫେଇ ଶ୍ରମିକ ସଂଘ ଓ ବିଭିନ୍ନ କଳକାରଖାନାର ଶ୍ରମିକ ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଆମାନଙ୍କର ଗର୍ବ ଓ ଗୌରବର ପ୍ରତୀକ ଆନ୍ତର୍ଜାତିକ ସାହିତ୍ୟିକ ତଥା ଦାର୍ଶନିକ ମନୋଜ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଭାରତୀୟ କ୍ଷେତ ମଜଦୁର ସଂଘର ସଂପାଦକ ଜଡ଼ି ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୩ ଗିରଫ, ୨୮୮ବାହନ ଜବତ

ଭୁବନେଶ୍ୱର,୦୨/୦୫ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୨୮୮ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୧୧,୩୨,୬୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

# ବାଲେଶ୍ୱରରେ ଦ୍ୱିତୀୟ ସପ୍ତାହାନ୍ତ ବନ୍ଦ ସଫଳ

ବାଲେଶ୍ୱର,୦୨/୦୫ (ନି.ପ୍ର): ରବିବାର ବାଲେଶ୍ୱରରେ ଶେଷ ହୋଇଛି ଦ୍ୱିତୀୟ ସପ୍ତାହାନ୍ତ ଦୁଇଦିନିଆ ବନ୍ଦ। ଏହି ବନ୍ଦ ଜିଲାର ବାଲେଶ୍ୱର, ନୀଳଗିରି, ସୋର ଓ ଜଳେଶ୍ୱର ପ୍ରଭୃତି ୪ ସହରାଞ୍ଚଳ ଓ ତତସଂଲଗ୍ନ ଗ୍ରାମାଞ୍ଚଳରେ ବି ବଳବତ୍ତର ରହିଥିବା ଲକ୍ଷ୍ୟ କରାଯାଇଛି। ବାଲେଶ୍ୱର ସହର ଉପକଣ୍ଠ ଫୁଲାଡି, ନଗ୍ରମ, ସାରଗାଁ ପଞ୍ଚାୟତ, ପାତ୍ରପଡ଼ା ଓ ଗବଗାଁ, ରେମୁଣା ବଜାର ଓ ଗୋଲେଇ ଅଞ୍ଚଳ ସମେତ ଗନିପୁର, ଶ୍ରୀକୃଷ୍ଣପୁର, କୁରୁଡା, ବାଲିଆ, ସରସ୍ୱତୀପୁର, ଭୀମପୁରା, ଗଣେଶ୍ୱରପୁର, କରଞ୍ଜିଆ, ହରିପୁର ପ୍ରଭୃତି ପଞ୍ଚାୟତରେ ମଧ ଏହି କଟକଣା ଲାଗୁ ହୋଇଛି। ଏହି ସପ୍ତାହାନ୍ତ ବନ୍ଦର ଦ୍ୱିତୀୟ ଦିବସରେ ବାଲେଶ୍ୱର ସହରର ସମ୍ପୂର୍ଣ୍ଣ ଜନଶୂନ୍ୟ ଭଳି ଲାଗୁଥିବା ବେଳେ ଅତି ଆବଶ୍ୟକତା ଦୃଷ୍ଟିରୁ ଜରୁରୀକାଳୀନ ସେବା ପାଇଁ ଲୋକେ କାଁ ଭାଁ ବଜାରକୁ ବାହାରୁଥିବା ପରିଲକ୍ଷିତ ହୋଇଥିଲା। ପ୍ରାୟ ଅଧିକାଂଶ ଲୋକେ ସରକାରଙ୍କ କୋଭିଡ ନିୟମ ପାଳନ ପୂର୍ବକ ଘରେ ରହିଥିବା ଲକ୍ଷ୍ୟ କରାଯାଇଛି। ତେବେ ବାଲେଶ୍ୱରରେ ରାତ୍ରିକାଳୀନ ବନ୍ଦ ଭଳି ସପ୍ତାହାନ୍ତ ବନ୍ଦ ବାଲେଶ୍ୱରରେ ସଫଳ ହୋଇଛି। ପୌର ପ୍ରଶାସନ ପକ୍ଷରୁ ମାଇକ ଜରିଆରେ ସହର ବଜାରରେ ପ୍ରଚାର କରାଯାଇଥିଲା। ଅନୁରୂପ ଭାବେ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହ ପରିସ୍ଥିତି ଉପରେ ନଜର ରଖିଥିଲା। ଏଥି ସହିତ ସହରର ପ୍ରତ୍ୟେକ ଛକରେ ମୁତୟନ ପୁଲିସ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ଯାଞ୍ଚ କରିବା ସହିତ ବାହାରକୁ ଆସିବାର କାରଣ ପଚାରୁଥିବା ଦେଖିବାକୁ ମିଳିଥିଲା।

## ସିପିଆଇ ଓ ଏଆଇଟିୟୁସି ପକ୍ଷରୁ ମଇ ଦିବସ ପାଳିତ

ଭୁବନେଶ୍ୱର,୦୨/୦୫ (ନି.ପ୍ର): ସିପିଆଇ ଓ ଏଆଇଟିୟୁସି ପକ୍ଷରୁ ଶନିବାର ଦିନ ମଇ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନ ପ୍ରାଙ୍ଗଣରେ ପାର୍ଟିର ଲାଲ ପତାକାକୁ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଉତୋଳନ କରି ମଇ ଦିବସର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଜୋନ ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମଇ ଦିବସ ସମାରୋହରେ ସିପିଆଇର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ ଏବଂ ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ବୋଧନ ଦେଇ କରୋନା ମହାମାରୀ କାଳରେ ଓ ଆଳରେ ମୋଦି ସରକାର ଶ୍ରମିକଶ୍ରେଣୀ ଦୀର୍ଘବର୍ଷର ସଂଗ୍ରାମ ଫଳରେ ହାସଲ କରିବା ଅଧିକାର ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି ଲେବର କୋଡ୍‌ରେ ଯେପରି ପରିଣତ କରିଛନ୍ତି ସେଇ ସଂଶୋଧନକୁ ପ୍ରତ୍ୟାହାର କରିବା ସହ ୩ଟି କୃଷି ଆଇନକୁ ବାତିଲ କରିବା ପାଇଁ ଶ୍ରମିକ ଓ କୃଷକ ଶ୍ରେଣୀ ଐକ୍ୟବଦ୍ଧ ହେବା ସକାଶେ ଆହ୍ୱାନ ଦେଇଥିଲେ। ସେଇଭଳି ଏଆଇଟିୟୁସିର ରାଜ୍ୟ ଅଫିସଠାରେ ଶ୍ରମିକ ଶ୍ରେଣୀର ଲାଲ୍ ପତାକାକୁ ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଉତୋଳନ କରି ବିଜେପି ସରକାର ୮ଘଂଟିଆ ଶ୍ରମ ଦିବସକୁ ୧୨ ଘଂଟାରେ ପରିଣତ କରିଥିବାରୁ ଏହା ବିରୋଧରେ ଐକ୍ୟବଦ୍ଧ ସଂଗ୍ରାମର ଡାକରା ଦେଇଥିଲେ। ଏହି ସମାରୋହରେ ଏଆଇଟିୟୁସିର ରାଜ୍ୟ ଉପସଭାପତି ଯତୀନ୍ଦ୍ର ରାୟ ଓ ଉପସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ବୋଧନ ଦେଇଥିଲେ।

## କରୋନାରେ ମୃତ ସାମ୍ବାଦିକାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୦୨/୦୫ (ନି.ପ୍ର): ବରିଷ୍ଠ ସାମ୍ବାଦିକା ତଥା ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଆଜିକାଲି' ଓ ସ୍ଥାନୀୟ ବୈଦ୍ୟୁତିକ ଗଣମାଧ୍ୟମ 'ଆମ ଟିଭି' ଏବଂ 'ଆମ ନ୍ୟୁଜ'ର ପୂର୍ବତନ ସହ-ସମ୍ପାଦିକା ସୁଶାନ୍ତି ମହାନ୍ତିଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଏନେଇ 'ଆମ ନ୍ୟୁଜ' ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଗୋପାଳଗାଁସ୍ଥିତ କାର୍ଯ୍ୟାଳୟରେ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆମ ନ୍ୟୁଜର ପରିଚାଳନା ନିର୍ଦ୍ଦେଶକ ବିପ୍ଳବ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିବା ସହିତ ସ୍ୱର୍ଗୀୟା ମହାନ୍ତିଙ୍କ ଜୀବନାଦର୍ଶ ଓ ତାଙ୍କର ଦକ୍ଷ ସାମ୍ବାଦିକତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଉଚ୍ଚମାନର ସମ୍ବାଦ ସମ୍ପାଦନା ସାଙ୍ଗକୁ ଉତ୍ତମ ବ୍ୟବହାର ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି ଶ୍ରୀ ମହାନ୍ତି କହିଥିଲେ। ଆମ ନ୍ୟୁଜର ସହ-ସମ୍ପାଦିକା ଇଂ. ନିହାରିକା ମହାନ୍ତି, ଭିଡିଓ ଜର୍ଣ୍ଣଲିଷ୍ଟ ଅଜିତ କୁମାର ମହାନ୍ତି, ଅଧୀପ କୁମାର ଜେନା, କ୍ୟାମେରା ମ୍ୟାନ ବିଜୟ କୁମାର ଦାସ, ଅରୂପ ନାରାୟଣ ମହାନ୍ତି, ଶେଖ ଲାଲା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତା ମହାନ୍ତିଙ୍କ ଦୀର୍ଘବର୍ଷର ସାମ୍ବାଦିକତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସମସ୍ତେ ନିରବ ପ୍ରାର୍ଥନା ସହ ସ୍ୱର୍ଗତା ମହାନ୍ତିଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମହାମାରୀ କରୋନାରେ ଆକ୍ରାନ୍ତ ହୋଇ ସ୍ୱର୍ଗତା ମହାନ୍ତି ଗତ କିଛିଦିନ ଧରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ଶନିବାର ରାତିରେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ପଦ୍ମ ବିଭୂଷଣ ଦିଦି ନିର୍ମଳା ଦେଶପାଣ୍ଡେଙ୍କର ସ୍ମୃତି ଦିବସ ପାଳିତ



ବାରିପଦା,୦୨/୦୫ (ନି.ପ୍ର): ବିଶିଷ୍ଟ ଗାନ୍ଧୀବାଦୀ ସନ୍ଥ ବିନୋବା ଭାବେଙ୍କ ମାନସ ପୁତ୍ରୀ ବିଶ୍ୱ ଶାନ୍ତି ପାଇଁ ସମର୍ପିତ ପଦ୍ମ ବିଭୂଷଣ ଦିଦି ନିର୍ମଳା ଦେଶପାଣ୍ଡେଙ୍କର ସ୍ମୃତି ଦିବସ ମୟୂରଭଞ୍ଜ ଜିଲ୍ଲା ବାରିପଦା ଭଞ୍ଜପୁର ସ୍ଥିତ ସର୍ବୋଦୟ ଆଶ୍ରମରେ ବିନୋବା ସ୍ମାରକ ଟ୍ରଷ୍ଟ ଓ ଓଡିଶା କ୍ଷେତ ମଜଦୂର କିଷାନ ପରିଷଦର ମିଳିତ ଆନୁକୂଲ୍ୟରେ କରୋନା କଟକଣା ମଧ୍ୟରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଆର୍ଯ୍ୟଭଟ୍ଟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ଦିଦି ନିର୍ମଳା ଦେଶପାଣ୍ଡେ ସ୍ମୃତି ଚାରଣ ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଫୋଟଚିତ୍ରରେ ଶ୍ରଦ୍ଧାସୁମନ ଅପର୍ଣ କରିବା ସହିତ ତାଙ୍କ ଜୀବନାଦର୍ଶ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ମହାନ୍ତିଙ୍କ ସହିତ ଦୀପକ ନାୟକ, ଲକ୍ଷ୍ମଣ ଜେନା, ସରୋଜିନୀ ମହାନ୍ତି, ସୁସ୍ମିତା ପ୍ରିୟଦର୍ଶୀ, ଦିଲ୍ଲିପ ପାତ୍ର, ରମାକାନ୍ତ ନାୟକ, ରଜତ ପଟ୍ଟନାୟକ, ସୌର୍ଯ୍ୟ ସମଦର୍ଶୀ ମହାନ୍ତି, ସୁବ୍ରତ କୁମାର ଦାସ, ଜଗନ୍ନାଥ ବେହେରା, କୁମାରୀ ମିତାକ୍ଷି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ ସହ ଶ୍ରଦ୍ଧା ଦିବସ ପାଳନ ହୋଇଥିଲା।

## ୨୪ଘଂଟାରେ ୬୫୨୭ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୦୨/୦୫ (ନି.ପ୍ର): ରାଜ୍ୟରୁ ଗତ ୨୪ଘଂଟା ମଧ୍ୟରେ ୬୫୨୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ସୁସ୍ଥଙ୍କୁ ମିଶାଇଲେ ରାଜ୍ୟରୁ ଏଯାବତ ୩୯୭୫୭୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ସୂଚନା ଦେଇଛି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ସୁନ୍ଦରଗଡ଼ରୁ ୬୮୨ଜଣ, କଳାହାଣ୍ଡିରୁ ୬୮୦ଜଣ, ଝାରସୁଗୁଡ଼ାରୁ ୪୪୯ଜଣ, ପୁରୀରୁ ୩୯୪ଜଣ, କଟକରୁ ୩୮୦ଜଣ, ନୂଆପଡ଼ାରୁ ୩୪୨ଜଣ, ବରଗଡ଼ରୁ ୩୧୨, ସମ୍ବଲପୁରରୁ ୨୬୪, ନବରଙ୍ଗପୁରରୁ ୨୪୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୨୩୧, କେନ୍ଦୁଝରରୁ ୧୯୪, ଗଞ୍ଜାମରୁ ୧୫୦, ଯାଜପୁରରୁ ୧୩୩, ମୟୂରଭଞ୍ଜରୁ ୧୨୨, ରାୟଗଡ଼ାରୁ ୯୮, ନୟାଗଡ଼ରୁ ୮୮, ଭଦ୍ରକରୁ ୮୫, ବାଲେଶ୍ୱରରୁ ୭୯, ଗଜପତିରୁ ୭୬, ଜଗତସିଂହପୁରରୁ ୭୧, ଅନୁଗୁଳରୁ ୪୯, ଦେବଗଡ଼ରୁ ୪୭, କେନ୍ଦ୍ରାପଡ଼ାରୁ ୪୭, କୋରାପୁଟରୁ ୪୨, କନ୍ଧମାଳରୁ ୩୫ ସମେତ ବୌଦ୍ଧରୁ ୨୯, ମାଲକାନଗିରିରୁ ୨୨, ଢେଙ୍କାନାଳରୁ ୧୬, ସୁବର୍ଣ୍ଣପୁରରୁ ୧୦ ଓ ଷ୍ଟେଟପୁଲରୁ ୧୯୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ଓଡିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ

ବାରିପଦା,୦୨/୦୫ (ନି.ପ୍ର): ଓଡିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ସମସ୍ତ କର୍ମକର୍ତା ଏବଂ ସମିତିର ସଭ୍ୟ ଓ ସଭ୍ୟା ଉପସ୍ଥିତ ରହି ଜିଲ୍ଲା ସମ୍ପାଦକ ଶ୍ରୀ ସୁଶିଲ କୁମାର ସାହୁ ଓ ରାଜ୍ୟ ସଂଘର ଉପ-ସଭାପତି ଶ୍ରୀ ଶ୍ୟାମ ସୁନ୍ଦର ଦେଓ, ଯୁଗ୍ମ ସମ୍ପାଦକ ଶ୍ରୀ ଦିଲ୍ଲିପ ମିଶ୍ର, କୋଷାଧକ୍ଷ ଶ୍ରୀ ସୁବୋଧ କୁମାର ଜେନା ମେଡିକାଲ କଲେଜ ଓ ହସ୍ପିଟାଲ୍ ର ସମ୍ପାଦକ ଶ୍ରୀ ମହେନ୍ଦ୍ର ପଲେଇ, ଶ୍ରୀ ସନ୍ତୋଷ କୁମାର ନାୟକ, ହେମଲତା ନାୟକ, ଫୁଲୁଲି ମୁଖୀ, ଦିଲ୍ଲିପ ମହାପାତ୍ର, ପ୍ରଶାନ୍ତ ଜେନା, ପ୍ରଭାସ ଦେ, ସୁଚିଶମିତା ମହାକୁଡ, ସୁଲିତା ସରେନ, ସାରମଣି ମାରାଣ୍ଡି, ଲକ୍ଷ୍ମିପ୍ରିୟା ମହାନ୍ତ, ମଧୁସ୍ମିତା ନାୟକ, ମାନସ ବାରିକ, ସୋମବାରି ମୁର୍ମୁ, ଗୁରୁବାରି ସିଂ, ସେବତି ପାତ୍ର, ସାବତ୍ରୀ ସିଂ, କବିତା ଜେନା, ସତ୍ୟରଞ୍ଜନ ବିନ୍ଧାଣି, ବବିତା ମହାନ୍ତ ଏମାନଙ୍କ ଗହଣରେ ସମସ୍ତେ ମିଶି କଭିଡ୍ ନିୟମକୁ ମାନି ନିଜ ନିଜର ଦୂରତା ବଜାୟ ରଖି କୋଭିଡ୍ ନିୟମକୁ କିପରି ମାନି ଚଳିବା ଓ ରୋଗୀଙ୍କ ସେବାରେ ନିଜକୁ କିପରି ନିୟଜିତ ରହି ଶୃଙ୍ଖଳାର ସହିତବାସ କରିବା ଏହି ବିଷୟମାନ ଆଲୋଚନା ହୋଇଥିଲା ଏବଂ ସଭ୍ୟା ସଭ୍ୟକୁ ଶ୍ଳୋଗାନ ଦେଇ ବିଶ୍ୱାଥେ ମଣ୍ଡିତ ଅମର ରହେ କହିଥିଲେ, ଶ୍ରମିକ ଏକତା ଜିନ୍ଦାବାଦ୍ ।

## ସମାଜସେବୀ ରମାନାଥ ବାରିକଙ୍କ ହୃଦ୍‌ରୋଗରେ ପରଲୋକ

ଜଳେଶ୍ୱର, ୨/୫ (ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଂଚଳର ଅନ୍ୟଜଣେ ଟାଣୁଆ ସମାଜସେବୀ, ଜନ ଦରଦି ରମାନାଥ ବାରିକଙ୍କ ହୃଦରୋଗରେ ପରଲୋକ ହୋଇଛି । ସେ ସ୍ୱର୍ଗତ ସମରେନ୍ଦ୍ର କୁଣ୍ଡୁ ଓ ସ୍ୱର୍ଗତ ଗଦାଧର ଗିରିଙ୍କ ଏକାନ୍ତ ଆନୁଗତ୍ୟ ଥିଲେ । ତାଙ୍କ ଦାବି ଯୋଗୁଁ ମାକିଡିଆ ଟସର ସମିତି ପଂଜିକରଣ ଓ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା । ସେସ ମଧ୍ୟ ଜଣେ ଟସର ଶିଳ୍ପୀ ଥିଲେ । ମାକିଡିଆର ଟସର ଲୁଗାକୁ ନେଇ କୋଲକତାରେ ବ୍ୟବସାୟ କରୁଥିଲେ। ସେ ଦୀର୍ଘଦୀନ ଧରି କଂଗ୍ରେସ ବିରୋଧି ଦଳର ନେତାଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁରେ ବିଧାୟକ ଅଶ୍ୱିନୀ ପାତ୍ର, ଚନ୍ଦନ ସାହୁ, ରରାଧାବଲ୍ଲଭ ପ୍ରଧାନ, ରାଧାକାନ୍ତ ଘୋଷ, ଶୀବ ଅଧିକାରୀ, ଦୀପ କାପୁଡି, ସମୀର ଘଡେଇ, ସଂଜୟ ଘୋଷ ପ୍ରମଖ ଶୋକ ବକ୍ତ କରିଛନ୍ତି ।

# ଭଦ୍ରକରୁ ୨ ଦିନରେ ଚିହ୍ନଟ ହେଲେ ୩୪୬, ଜଣେ ମୃତ

ଭଦ୍ରକ,୦୨/୦୫ (ନି.ପ୍ର): ଗତ ୨ ଦିନରେ ଭଦ୍ରକ ଜିଲ୍ଲାରେ ମୋଟ ୩୪୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇ ୯ ହଜାର ୧୫୨। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇଛନ୍ତି ୮ହଜାର ୧୪୦। ଏବେ ସକ୍ରିୟ ଅଛନ୍ତି ୯୮୩ ଜଣ। ୨ ଦିନରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ କିମ୍ସ ହସ୍‌ପିଟାଲରେ ୨ଜଣ, ଏସ୍‌ସିବିରେ ୫ଜଣ ଏବଂ ଆପୋଲୋରେ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକର ଅର୍ଣ୍ଣପାଳ, ବନ୍ଧଗାଁ, କୋଡବରୁଆଁ, ବହୁଦରଡ଼ା, ବିଷ୍ଣୁପୁରବିନ୍ଧା, ଡଗରାସାହି, ଗେଲପୁର, ଏରେଇଁ, ଗୁଜିଦରଡା, କାଉପୁର, ରାହାଞ୍ଜ, ରାନ୍ଧିଆ, ସାହାଡ଼ା, କୋରକୋରା, ହରିପୁର, କଲେଇ, ଓଲଙ୍ଗ, ସାବରଙ୍ଗ ଗ୍ରାମରୁ ମୋଟ ୫୫ଜଣ। ଧାମନଗର ବ୍ଲକର ଅର୍ଜ୍ଜୁନପୁର, ବିନ୍ଧା, ଧୁଷୁରୀ, କଲେଇପଦା, ନଦୀଗାଁ, ନାରାୟଣପୁର, ଭଗବାନପୁର, ଦୋବଲ, କଟସାହି, ଦକ୍ଷିଣକୋରୁଆ, କାଠମୁଣ୍ଡା, ପିତେଇପୁର ଗ୍ରାମରୁ ୧୭ଜଣ। ବାସୁଦେବପୁର ପୌରପାଳିକାର ୪ନଂ, ୧୧ନଂ, ୧୫ନଂ ଓ ୭ନଂ ୱାର୍ଡରୁ ୭ଜଣ, ଭଦ୍ରକ ପୌରପାଳିକାର ୧୭, ୯,୧୦, ୧୫, ୧୧, ୭, ୬,୧, ୩, ୫, ୧୨, ୧୩, ୧୫, ୨୬, ୩୦ ନଂ ୱାର୍ଡରୁ ୪୩ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଚାନ୍ଦବାଲି ଏନ୍‌ଏସିର ୧୦ ନଂ ଓ ୧୧ ନଂ ଓ ୪ ନଂ ୱାର୍ଡରୁ ୫ଜଣ, ବାସୁଦେବପୁର ବ୍ଲକର ବିଦେଇପୁର, ଗୋବିନ୍ଦପୁର, ବିନାୟକପୁର, ବ୍ରାହ୍ମଣୀଗାଁ, ରାଜଘରପୋଖରୀ, ଚୁଡାମଣି, ଇରମ. ଏଡତାଳ, ଗୁଆଗଡ଼ିଆ, କିସ୍ମତକୃଷ୍ଣପୁର, ଉହାଡ଼, ନରସିଂହପୁର, ପଡୁଆଁ, ଗୁଆଗାଁ, ସୁଦର୍ଶନପୁର, ସୁଗୋ, କଣ୍ଟିସାହି,କୁମାରପୁର, ଲୁଙ୍ଗା, ନରସିଂହପୁର, ପଦ୍ମପୁର, ଅଢୁଆଁରୁ ୫୯ଜଣ। ଚାନ୍ଦବାଲି ବ୍ଲକର ଭୁଇଁବୃତ୍ତି, ଘଣ୍ଟେଶ୍ୱର, ହେଙ୍ଗୁପତି, ଧାମରା, ବାଲିପାଟଣା, ମତୋ, ମଉସୁଧା, ଜନ୍ତୁଆଳି, ବିରିଆଡିଆ, ଚଡଦିଆ, ମଧୁପୁର, ବାଂଶଡା ଗ୍ରାମରୁ ୨୦ଜଣ, ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ, ଦକ୍ଷିଣବାଡ, କୁରିଗାଁ, ସାତଶୋଳା, ନିର୍ଗୁଣ୍ଡି, ବେଲଗଡ଼ିଆ, ରାଜେନ୍ଦ୍ରପୁର, ସୁନି, ଓଲା, ସରସଦା, ମହୁଲିସାହି, ଗୁଣୁପୁରୁ, ନୂଆଗାଁ, ମିଟୁଆଣି, ଛତାବର, ପୁରୁଷୋତ୍ତମପୁର, ବଡ଼ବନସ୍ତା ଗ୍ରାମରୁ ୩୯ଜଣ। ବନ୍ତ ବ୍ଲକର ଅଣିଜୋ, ଆଡିଆ, ଆପତୀରା, ହରିପର, ଚାରିଗାଁ, ଗୋପିନାଥପୁର, କାଦବରାଙ୍ଗ, ଆମ୍ଭୋର, ରାମପୁର, ତୁଣ୍ଡା, ଏରେଣ୍ଡି, ଟିଲୋ, ବି.ଟି.ପୁର, ଚକ୍ରାପାଢି, ଗୋବିନ୍ଦପୁର, କେନ୍ଦୁଆପଦା, ନୂଆପୋଖରୀ, ରାମଚନ୍ଦ୍ରପୁର, ରାମକୃଷ୍ଣପୁର, ତୋଡଗାଁ ଗ୍ରାମର ମୋଟ ୩୮ଜଣ ଚିହ୍ନଟ ହୋଇଥିବା ବେଳେ ତିହିଡ଼ି ବ୍ଲକର ବୋଡକ, ଜାମଜୋଡି, ରାଜମୁକୁନ୍ଦପୁର, ଦୌଲତପୁର, ଝିଙ୍କିରିଆ, ଆରୁହା, ସାଲେଶପୁର, ପାଳିଆ, କାନପୁର, ବାରସର, ବାରୋ, ଫତେପୁର, ଗୁଆମାଳ, କୋହ୍ଲ, ସାଆନ୍ତପୁର,ଝିଙ୍କିରିଆ, ପାଳିଆବିନ୍ଧା, ରାଜନଗର, ସାହାପୁର, ସିନ୍ଦୋଳ, ତଳଗୋପବିନ୍ଧା, ଜେନାସାହି ଗ୍ରାମରୁ ୪୨ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ଖଇରା, ସିମୁଳିଆ ଓ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା, କେନ୍ଦୁଝର ଜିଲ୍ଲାର ହାଟଡିହିରୁ ୧୩ ଜଣ ଆକ୍ରାନ୍ତ ଭଦ୍ରକରୁ ଚିହ୍ନଟ ହୋଇଛନ୍ତି। ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo